ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି
OFFICE OF THE COLLECTOR & DISTRICT MAGISTRATE, KALAHANDI
BHAWANIPATNA
e-Mail: dm-kalahandi@od.gov.in Phone No.: 06670-230201 / 230233

(Land Acquisition Section)

Memo No. 318 **/ LA** **Date** 14.05.2026

Copy of Social Impact Assessment Study report and Social Impact Management Plan submitted to the Sub-Collector, Dharamgarh/ Tahasildar, Junagarh/ BDO, Junagarh/ Sarapanch, Maliguda G.P/ Conspicuous place of village Budel for wide publication.

Copy of Social Impact Assessment Study report and Social Impact Management Plan submitted to District e-Governance Manager, Kalahandi for information with a request to upload the same in District Website for wide publication.

Copy of Social Impact Assessment Study report and Social Impact Management Plan to Notice Boad/ concerned Case Record.

14/05/26.

Land Acquisition Offier
Kalahandi

ଚୁଡାନ୍ତ ରିପୋର୍ଟ୍

ଘୁଲିଜୁବା-ବଣିଯୋରା ରାସ୍ତାର ବୁଦେଲ ଠାରେ ଉଚ୍ଚ ସେତୁ ଓ ରାସ୍ତା ନିର୍ମାଣର ଜମି ଅଧିଗ୍ରହଣ ନିମନ୍ତେ

ସାମାଜିକ ପ୍ରଭାବ ଆକଳନ

(ତହସିଲ ଜୁନାଗଡ, ଜିଲ୍ଲା କଳାହାଣ୍ଡି)

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା

ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡିଜ୍, ଭୁବନେଶ୍ୱର

ସାମାଜିକ ପ୍ରଭାବ ଆକଳନକାରୀ ସଂସ୍ଥା

AMROOSHA

ଆମୃଷା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍

ପ୍ଲଟ ନମ୍ବର – ୪୨୩୩, ବଡଗଡ, ଭୁବନେଶ୍ୱର - ୭୫୧୦୧୮

E mail: amrooshanatures@gmail.com

ଘୁଲିଜୁବା-ବଣିଯୋରା ରାସ୍ତାର ବୁଦେଲ ଠାରେ ଉଚ୍ଚ ସେତୁ ଓ ରାସ୍ତା ନିର୍ମାଣର ଜମି ଅଧିଗ୍ରହଣ ନିମନ୍ତେ

ସାମାଜିକ ପ୍ରଭାବ ଆକଳନ

(ତହସିଲ ଜୁନାଗଡ, ଜିଲ୍ଲା କଳାହାଣ୍ଡି)

ଚୁଡାନ୍ତ ରିପୋର୍ଟ

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା

ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡିଜ୍

ଭୁବନେଶ୍ୱର

ସାମାଜିକ ପ୍ରଭାବ ଆକଳନକାରୀ ସଂସ୍ଥା

ଆମୃଷା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍

ଭୁବନେଶ୍ୱର

ଆମୃଷା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍
ବିକାଶ ଜନିତ ଗବେଷଣା-ପରାମର୍ଶଦାତା-ପ୍ରଶିକ୍ଷଣ-ତଥ୍ୟନ-ତାଲିମ୍
୪୨୩୩, ବଡଗଡ, ଭୁନନେଶ୍ୱର-୭୫୧୦୧୮
ଇମେଲ୍ ଠିକଣା: **amrooshanatures@gmail.com**

ମୁଖବନ୍ଧ

ଏହି ରିପୋର୍ଟ, ଆମୃଷା ଦ୍ୱାରା କରାଯାଇଥିବା "ଘୁଲିଜୁବା-ବଣିଯୋରା ରାସ୍ତାର ବୁଦେଲ ଠାରେ ଉଚ୍ଚ ସେତୁ ଓ ରାସ୍ତା ନିର୍ମାଣର ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ (ତହସିଲ ଜୁନାଗଡ, ଜିଲ୍ଲା କଳାହାଣ୍ଡି)" କାର୍ଯ୍ୟ ଉପରେ ପର୍ଯ୍ୟବେସିତ ।

ଆମୃଷା ଏକ ବ୍ୟବସାୟିକ ସଂସ୍ଥା, ମାତ୍ର ନୈତିକତା ଓ ପେଶାଗତ ଆଚାର ସଂହିତାକୁ ଆଧାର କରି ଏକ ଗବେଷଣା ଅନୁଷ୍ଠାନ ପରି କାମ କରେ । ଏକ ପେଶାଗତ ସଂସ୍ଥା ଭାବରେ, ଆମୃଷା ପ୍ରତ୍ୟେକ ଗବେଷଣା ଲବ୍ଧ ତଥ୍ୟକୁ ଉପଲବ୍ଧ ସମ୍ବଳ ମଧ୍ୟରେ ତନ୍ନତନ୍ନ କରି ବିଶ୍ଳେଷଣ କରିବା ପରେ ବିନା ଦ୍ୱିଧା କିମ୍ବା ପକ୍ଷପାତିତାରେ ଉପସ୍ଥାପନ କରେ ।

ଏହି ସାମାଜିକ ପ୍ରଭାବ ଆକଳନର ଅନୁସନ୍ଧାନ କାର୍ଯ୍ୟକୁ ଉପଯୁକ୍ତ ପଦ୍ଧତି ଅବଲମ୍ବନ କରି ଅତ୍ୟନ୍ତ ପେଶାଗତ ଭାବରେ ସମ୍ପାଦନ କରାଯାଇଛି । ଅନୁସନ୍ଧାନ କାର୍ଯ୍ୟରୁ ଉପଲବ୍ଧ ସମସ୍ତ ତଥ୍ୟକୁ ପ୍ରତ୍ୟେକ ସ୍ତରରେ ବିଶ୍ଳେଷଣ କରିବା ପରେ, ବିନା ପକ୍ଷପାତିତାରେ ଏପରି ଉପସ୍ଥାପନ କରାଯାଇଛି, ଯେପରି ସ୍ଥାନୀୟ ଜନସାଧାରଣଙ୍କ ପ୍ରତି ସର୍ବନିମ୍ନ କୁପ୍ରଭାବରେ ପ୍ରସ୍ତାବିତ ପ୍ରକଳ୍ପଟି ସ୍ଥାପିତ ହେବାର ସମ୍ଭାବନା ସୃଷ୍ଟି ହୋଇପାରିବ । ଆମୃଷା, ଏହି ରିପୋର୍ଟରେ ଉପସ୍ଥାପିତ କୌଣସି ବି ତଥ୍ୟ କିମ୍ବା ପ୍ରସ୍ତାବକୁ ନକଲ କିମ୍ବା ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମତି ଦେଇନାହିଁ ।

ଏହି ସାମାଜିକ ପ୍ରଭାବ ଆକଳନ କାର୍ଯ୍ୟ ପାଇଁ, ଆମୃଷାକୁ ଦାୟିତ୍ୱ ନ୍ୟସ୍ତ କରିଥିବାରୁ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡିଜ୍‌ର ନିର୍ଦ୍ଦେଶକ ଓ ସାମାଜିକ ପ୍ରଭାବ ଆକଳନ ସଂସ୍ଥା ମୁଖ୍ୟଙ୍କ ନିକଟରେ, ଆମୃଷା ଚିରକୃତଜ୍ଞ ରହିବ ।

ଆମୃଷା, ଏହି କାର୍ଯ୍ୟକୁ ଠିକ୍ ଭାବରେ ସମ୍ପାଦନ କରିବା ପାଇଁ, ଜିଲ୍ଲା ପ୍ରଶାସନ ଓ ନିର୍ଦ୍ଦିଷ୍ଟ ଭାବରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଭୂମି ଅଧିଗ୍ରହଣ ଅଧିକାରୀ, ତହସିଲଦାର ଓ ଅନ୍ୟ ଅଧିକାରୀମାନଙ୍କ ନିକଟରୁ ମିଳିଥିବା ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଉଛି । ବିଶେଷକରି ଭୂମି ଅଧିଗ୍ରହଣ ଅଧିକାରୀଙ୍କ ରାଜସ୍ୱ ପ୍ରଶାସନ ଓ ଜମି ଅଧିଗ୍ରହଣ ସମ୍ବନ୍ଧରେ ଥିବା ଅଗାଢ ଅଭିଜ୍ଞତା ଓ ଅନୁଭୂତି ରିପୋର୍ଟ ପ୍ରସ୍ତୁତ କରିବାରେ ବହୁ ସହାୟକ ହୋଇଥିଲା । ଏଥିପାଇଁ, ଆମୃଷା, ମହାଶୟଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।

ଆମୃଷା, ଏହି ସାମାଜିକ ପ୍ରଭାବ ଆକଳନର ଅନୁସନ୍ଧାନ କାର୍ଯ୍ୟ ନିମନ୍ତେ ଆବଶ୍ୟକ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ମ୍ୟାପ୍, ରିପୋର୍ଟ ଇତ୍ୟାଦି ଠିକ୍ ସମୟରେ ଯୋଗାଇ ଥିବାରୁ, ଜୁନାଗଡ

ଆମୃଷା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍
ବିକାଶ ଜନିତ ଗବେଷଣା-ପରାମର୍ଶଦାତା-ପ୍ରଶିକ୍ଷଣ-ତଥ୍ୟନ-ତାଲିମ୍
୪୨୩୩, ବଡଗଡ, ଭୁନନେଶ୍ୱର-୭୫୧୦୧୮
ଇମେଲ୍ ଠିକଣା: **amrooshanatures@gmail.com**

ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନର ଯନ୍ତ୍ରୀ ଓ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ଇଞ୍ଜିନିୟର ମାନଙ୍କୁ ଧନ୍ୟବାଦ ଜଣାଉଛି ।

ଆମୃଷା, ଏହି ସାମାଜିକ ପ୍ରଭାବ ଆକଳନ ନିମନ୍ତେ ସହଯୋଗର ହାତ ବଢାଇ ଥିବା ଗ୍ରାମବାସୀ, ଜମି ହରାଉଥିବା ପରିବାର, ପଂଚାୟତ ସଦସ୍ୟ, ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କ ନିକଟରେ ଚିରକୃତଜ୍ଞତା ଜଣାଉଛି । ସେମାନେ, ନିଜର ବହୁ ମୁଲ୍ୟ ସମୟ ନଷ୍ଟ କରି, ଦୈନିକ କାମ ଧନ୍ଦା ବନ୍ଦ କରି, ସର୍ଭେ ଟିମ ସହ ଖରାରେ ପ୍ରସ୍ତାବିତ ପ୍ରକଳ୍ପ ଅଂଚଳ ବୁଲିବା ଠାରୁ ଆରମ୍ଭ କରି, ନିଃସଙ୍କୋଚରେ ତଥ୍ୟ ପ୍ରଦାନ କରିବା ପର୍ଯ୍ୟନ୍ତ ଯୋଗାଇ ଦେଇଥିବା ସମସ୍ତ ସହଯୋଗ ନିମନ୍ତେ, ଆମୃଷା ସେମାନଙ୍କୁ କୃତଜ୍ଞତା ଜଣାଉଛି । ଏହି ସହଯୋଗ ବିନା ସାମାଜିକ ପ୍ରଭାବ ଆକଳନ କାର୍ଯ୍ୟ ସମ୍ଭବ ହୋଇ ପାରିନଥାନ୍ତା ।

ସର୍ବଶେଷରେ, ଏହି ସାମାଜିକ ପ୍ରଭାବ ଆକଳନର ଅନୁସନ୍ଧାନରେ ନିୟୋଜିତ ଟିମ୍‌କୁ ଆମୃଷା ଧନ୍ୟବାଦ ଜଣାଉଛି ।

ଆମୃଷା

DISCLAIMER

The report has been prepared with all reasonable skill, care and diligence within the terms of contract with NCDS, incorporating our general rules of business and taking account of the resources devoted to it by agreement with the client. We disclaim any responsibility to NCDS and others in respect of any matters outside the scope of the study.

At our level, this report is confidential to NCDS and we accept no responsibility of whatsoever nature to third parties to whom this report, or any part thereof, is made known. Any such party relies on the report at their own risk.

Amroosha

ସୂଚୀପତ୍ର

ସଂଖ୍ୟା	ବିଷୟ	ପୃଷ୍ଠା
୧.	**ସାମାଜିକ ପ୍ରଭାବ ଆକଳନର ସାରାଂଶ**	**୧**
୨.	**ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକ ଜମି ଅଧିଗ୍ରହଣ**	**୭**
୨.୧.	ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ବିବରଣୀ	୭
୨.୨.	ପ୍ରକଳ୍ପ ପାଇଁ ଜମି	୯
୨.୩.	ପ୍ରସ୍ତାବିତ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ, ଜନସାର୍ଥ ନିହିତର ବିଶ୍ଳେଷଣ	୯
୨.୪.	ବିକଳ୍ପର ବିଶ୍ଳେଷଣ ଓ ସର୍ବନିମ୍ନ ଜମି ଅଧିଗ୍ରହଣର ଆକଳନ	୧୦
୨.୫.	ଏହି ପ୍ରକଳ୍ପ ପାଇଁ ହୋଇ ଥିବା ଅନ୍ୟାନ୍ୟ ଗବେଷଣା ବା ଅନୁସନ୍ଧାନର ସବିଶେଷ ବିବରଣୀ	୧୦
୨.୬.	ପ୍ରଜୁଯ୍ୟ ଆଇନ୍ ବ୍ୟବସ୍ଥା ଓ ନୀତି ନିୟମ	୧୦
୩.	**ସାମାଜିକ ପ୍ରଭାବର ଆକଳନ ପାଇଁ ଅବଲମ୍ବନ କରାଯାଇଥିବା ପଦ୍ଧତି**	**୧୧**
୩.୧.	ସାମାଜିକ ପ୍ରଭାବ ଆକଳନ କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ	୧୧
୩.୨.	ସାମାଜିକ ପ୍ରଭାବ ଆକଳନ ପାଇଁ ନିୟୋଜିତ ଟିମ୍	୧୨
୩.୩.	ସାମାଜିକ ପ୍ରଭାବ ଆକଳନର ଉଦ୍ଦେଶ୍ୟ ଓ ପରିସର	୧୨
୩.୪.	ଅବଲମ୍ବନ କରାଯାଇଥିବା ପଦ୍ଧତିର ବିବରଣୀ	୧୪
୩.୫.	ନମୁନା ସର୍ବେକ୍ଷଣ	୧୬
୩.୬.	ଜନଶୁଣାଣୀ ସମ୍ପର୍କରେ	୧୬
୩.୭.	ସାମାଜିକ ପ୍ରଭାବ ଆକଳନ ପଦ୍ଧତିର ଶେଷକଥା	୧୭
୪.	**ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର ବିବରଣୀ**	**୧୭**
୪.୧.	ପ୍ରଭାବିତ ଅଂଚଳ	୧୭
୪.୨.	ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ	୧୭
୪.୩.	ସର୍ବନିମ୍ନ ଜମି ଅଧିଗ୍ରହଣର ଆକଳନ	୧୭
୪.୪.	ଅନୁସୂଚିତ ଅଂଚଳ (Scheduled Area) ରେ ଜମି ଅଧିଗ୍ରହଣକୁ ଏଡାଇବା ପାଇଁ ବିକଳ୍ପର ଅନ୍ୱେଷଣ	୧୮
୪.୫.	ଅଧିଗ୍ରହଣ ହେବାକୁ ଥିବା ଜମିର କିସମ	୧୮
୪.୬.	ଖାଦ୍ୟ ସୁରକ୍ଷା ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥାର ପ୍ରଯୁଯ୍ୟତା	୧୮
୫.	**ପ୍ରଭାବିତ ପରିବାରର ଗଣନା**	**୧୯**

ସଂଖ୍ୟା	ବିଷୟ	ପୃଷ୍ଠା
୫.୧.	ଜମି ଓ ଅନ୍ୟ ସ୍ଥାବର ସମ୍ପତ୍ତି ହରାଉଥିବା ପରିବାରର ଗଣନା	୧୯
୫.୨.	ଜୀବିକା ହରାଉଥିବା ପରିବାରର ଗଣନା	୨୦
୫.୩.	ଅନୁସୂଚିତ ଜନଜାତି କିମ୍ବା ପାରମ୍ପାରିକ ବନବାସୀ, ଯେଉଁମାନେ ଜଙ୍ଗଲ ଅଧିକାରର ସୁବିଧା ହରାଉଛନ୍ତି, ସେମାନଙ୍କର ଚିହ୍ନଟ	୨୦
୫.୪.	ବିଭିନ୍ନ ପ୍ରକାର ଯୋଜନାରେ ପାଇଥିବା ଜମିକୁ ହରାଉଥିବା ପରିବାରମାନଙ୍କର ଚିହ୍ନଟ	୨୦
୫.୫.	ପରୋକ୍ଷ ଭାବେ ପ୍ରଭାବିତ ହେଉଥିବା ପରିବାରର (ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀ, ଶିକାରୀ, ମାଛ ଧରାଳୀ, ନୌକାଚାଳକ ଇତ୍ୟାଦି) ର ଗଣନା	୨୧
୫.୬.	ଅଧିଗ୍ରହଣ ହେଉଥିବା ଅନ୍ୟ ଉତ୍ପାଦନକ୍ଷମ ସମ୍ପତ୍ତିର ତାଲିକା	୨୧
୬.	**ପ୍ରଭାବିତ ଅଂଚଳ ଏବଂ ଜନସାଧାରଣଙ୍କ ସାମାଜିକ, ଆର୍ଥିକ ଓ ସଂସ୍କୃତିର ବିବରଣୀ**	**୨୨**
୬.୧.	ପ୍ରଭାବିତ ଅଂଚଳ ଓ ପ୍ରଭାବିତ ଜନସାଧାରଣ	୨୨
୬.୨.	ଜନସାଧାରଣଙ୍କ ତଥ୍ୟ	୨୨
୬.୨.୧.	ଉପଜାତିର ତଥ୍ୟ	୨୨
୬.୨.୨.	ବୟସ ଏବଂ ଲିଙ୍ଗଗତ ପ୍ରଭେଦ	୨୩
୬.୨.୩.	ବୈବାହିକ ସ୍ଥିତି	୨୪
୬.୨.୪.	ସାକ୍ଷରତା ଓ ଶିକ୍ଷା	୨୪
୬.୩.	ଦାରିଦ୍ର୍ୟ	୨୫
୬.୪.	ଦୁର୍ବଳ/ନିରାଶ୍ରୟ ଗୋଷ୍ଠୀ	୨୬
୬.୫.	ଜୀବିକା	୩୧
୬.୫.୧.	ସାଧାରଣ କ୍ରିୟାକଳାପ ଏବଂ କର୍ମଜୀବି ହାର	୩୧
୬.୫.୨.	ବେକାରୀ	୩୨
୬.୫.୩.	ବୃତି/ଧନ୍ଦା	୩୨
୬.୫.୪.	ପରିବାରର ଆୟ	୩୨
୬.୫.୫.	ଜମିହରାଉ ଥିବା ପରିବାରମାନଙ୍କର ଜମି ଉପରେ ନିର୍ଭରଶୀଳତା	୩୩
୬.୫.୬.	ଚାଷ ଉପରେ ନିର୍ଭରଶୀଳତା	୩୪
୬.୫.୭.	ପଶୁପାଳନ ଉପରେ ନିର୍ଭରଶୀଳତା	୩୪
୬.୫.୮.	ମୂଲ ମଜୁରୀ	୩୫
୬.୫.୯.	ସ୍ଥାନାନ୍ତର	୩୫

ସଂଖ୍ୟା	ବିଷୟ	ପୃଷ୍ଠା
୬.୫.୧୦.	ଜୀବିକା ପାଇଁ ସରକାରୀ ଯୋଜନାର ଅବଦାନ	୩୫
୬.୬.	ଜୀବନଧାରଣର ମାନ/ଗ୍ରାମର ପରିବେଶ	୩୫
୬.୬.୧.	ବାସଗୃହର ପ୍ରକାର	୩୬
୬.୬.୨.	ପରିମଳ	୩୬
୬.୬.୩.	ସ୍ୱାସ୍ଥ୍ୟ	୩୭
୬.୬.୪.	ବିଜୁଳି ର ସୁବିଧା	୩୭
୬.୬.୫.	ରନ୍ଧନ ଜାଳେଣୀ	୩୭
୬.୬.୬.	ଗୃହ ଉପକରଣ/ଆସବାବ ପତ୍ର	୩୮
୬.୬.୭.	ସାମାଜିକ ସୁରକ୍ଷା	୩୯
୬.୭.	ପ୍ରଭାବିତ ଗ୍ରାମର ଭିତିଭୂମି, ସମ୍ବଳ ଓ ସମ୍ପଦ	୪୧
୬.୮.	ପରୋକ୍ଷଭାବେ ପ୍ରଭାବିତ ପରିବାରମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି	୪୪
୭.	**ସମ୍ଭାବ୍ୟ ସାମାଜିକ ପ୍ରଭାବ**	**୪୫**
୭.୧.	ଜମି, ଜୀବିକା ଓ ଆୟ ଉପରେ ପ୍ରଭାବ	୪୬
୭.୧.୧.	ପ୍ରଭାବିତ ପରିବାରମାନେ ହରାଉଥିବା ଜମିର ପରିମାଣ	୪୬
୭.୧.୨.	ପରିବାର ମାନଙ୍କର କେତେ ଜମି ଅଛି ଓ କେତେ ଜମି ଅଧିଗ୍ରହଣ ହେବ	୪୭
୭.୧.୩.	କର୍ମ ନିୟୋଜନ ଉପରେ ପ୍ରଭାବ	୪୭
୭.୧.୪.	ପରିବାରର ଆୟ ଉପରେ ପ୍ରଭାବ	୪୮
୭.୧.୫.	ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ	୪୯
୭.୧.୬.	ଦରିଦ୍ର୍ୟ ବା ଦୁର୍ବଳ ହେବାର ଆଶଙ୍କା	୪୯
୭.୨.	ପ୍ରାକୃତିକ ସମ୍ପଦ ଉପରେ ପ୍ରଭାବ	୫୧
୭.୩.	ସଂସ୍କୃତି ଏବଂ ସାମାଜିକ ସଂଲଗ୍ନତା ଉପରେ ପ୍ରଭାବ	୫୧
୭.୪.	ଅନ୍ୟାନ୍ୟ ପ୍ରଭାବ	୫୨
୭.୫.	ଦୁର୍ବଳ/ନିରାଶ୍ରୟ ଗୋଷ୍ଠୀ ଉପରେ ପ୍ରଭାବ	୫୨
୮.	**ସାମାଜିକ ପ୍ରଭାବ ପରିଚାଳନା ଯୋଜନା**	**୫୩**
୮.୧.	ପୃଷ୍ଠଭୂମି ଏବଂ ଉଦ୍ଦେଶ୍ୟ	୫୩
୮.୨.	ସାମାଜିକ ପ୍ରଭାବ ପରିଚାଳନା ଯୋଜନା	୫୩
୮.୨.୧.	ଜମି ଅଧିଗ୍ରହଣ ଓ କ୍ଷତିପୁରଣ ପ୍ରଦାନ	୫୩

ସଂଖ୍ୟା	ବିଷୟ	ପୃଷ୍ଠା
୮.୨.୨.	ପ୍ରକଳ୍ପର କୁପ୍ରଭାବ କୁ ହ୍ରାସ କରିବା, ଆୟରେ କ୍ଷତିକୁ ଭରଣା କରିବା କାର୍ଯ୍ୟକ୍ରମ	୫୬
୮.୨.୩.	ଭିତିଭୂମି ଏବଂ ମୌଳିକ ସୁବିଧା	୫୭
୮.୨.୪.	ସାମାଜିକ ଓ ସାଂସ୍କୃତିକ ବିକାଶ କାର୍ଯ୍ୟକ୍ରମ	୫୮
୮.୨.୫.	ପରିବେଶ ବିକାଶ କାର୍ଯ୍ୟକ୍ରମ	୫୮
୮.୨.୬.	ଦୁର୍ବଳ/ନିରାଶ୍ରୟ ଗୋଷ୍ଠି ପାଇଁ କାର୍ଯ୍ୟକ୍ରମ	୫୮
୮.୩.	ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଅନୁଷ୍ଠାନିକ ବ୍ୟବସ୍ଥା	୫୯
୮.୪.	ବ୍ୟୟ ଅଟକଳ	୬୧
୮.୫.	କାର୍ଯ୍ୟର ତଦାରଖ ଓ ମୂଲ୍ୟାଙ୍କନ	୬୨
୮.୬.	ସମୟ ଅବଧିର ଅନୁସୂଚୀ	୬୨
୯.	**ସାମାଜିକ ଲାଭ/କ୍ଷତି ର ବିଶ୍ଳେଷଣ ଓ ଅଧିଗ୍ରହଣ ଉପରେ ସୁପାରିଶ**	**୬୩**
୯.୧.	ସାମାଜିକ ଲାଭ/କ୍ଷତିର ଆକଳନ	୬୩
୯.୨.	ଜନସ୍ୱାର୍ଥ ନିହିତର ବିଶ୍ଳେଷଣ	୬୪
୯.୩.	ବିକଳ୍ପ ର ବିଶ୍ଳେଷଣ/ସର୍ବନିମ୍ନ ଜମି ଅଧିଗ୍ରହଣର ଆକଳନ	୬୪
୯.୪.	କି ପ୍ରକାରର ସାମାଜିକ ପ୍ରଭାବ ଓ ଏହାର ମାତ୍ରା କେତେ	୬୫
୯.୫.	ଜନସାଧାରଣଙ୍କର ମତାମତ	୬୫
୯.୬.	ଉପସଂହାର	୬୫

ପରିଶିଷ୍ଟ

ସଂଖ୍ୟା	ବିଷୟ	ପୃଷ୍ଠା
୧	ସାମାଜିକ ପ୍ରଭାବ ଆକଳନ ନିମନ୍ତେ ଅଧିସୂଚନା	୧-୩
୨	ଜମି ହରାଉଥିବା ପରିବାରମାନଙ୍କର ତାଲିକା	୧
୩	ପରୋକ୍ଷ ଭାବେ ପ୍ରଭାବିତ ହେଉଥିବା କିଛି ପରିବାରଙ୍କ ତାଲିକା	୧
୪	Entitlement Matrix	୧-୬
୫	ସାମାଜିକ ପ୍ରଭାବ ଆକଳନ ଡ୍ରାଫ୍ଟ ରିପୋର୍ଟର ଜନଶୁଣାଣି କାର୍ଯ୍ୟକ୍ରମର ବିବରଣୀ	୧-୩

୧. ସାମାଜିକ ପ୍ରଭାବ ଆକଳନର ସାରାଂଶ

ପ୍ରସ୍ତାବିତ ପ୍ରକଳ୍ପ: କଳାହାଣ୍ଡି ଜିଲ୍ଲାର କ୍ଷେତ୍ରଫଳ ୭୯୨୦ ବର୍ଗକିଲୋମିଟର ଓ ଏହା ଓଡିଶା ରାଜ୍ୟର ଦକ୍ଷିଣ ପଶ୍ଚିମ ଅଚଂଳରେ ଅବସ୍ଥିତ । କଳାହାଣ୍ଡି ଜିଲ୍ଲାର ଉତରରେ ବଲାଙ୍ଗୀର ଓ ନୂଆପଡା ଜିଲ୍ଲା, ପୂର୍ବରେ ରାୟଗଡା, କନ୍ଧମାଳ ଓ ବୌଦ୍ଧ ଜିଲ୍ଲା, ଦକ୍ଷିଣରେ ନବରଙ୍ଗପୁର, କୋରାପୁଟ ଓ ରାୟଗଡା ଜିଲ୍ଲା ଅବସ୍ଥିତ । କଳାହାଣ୍ଡି ଜିଲ୍ଲାର ଜଳବାୟୁ ଅନୁସାରେ ଏଠାରେ ଖରାଦିନେ ଅତ୍ୟଧିକ ଗରମ ଓ ଶୀତଦିନେ ଅତ୍ୟଧିକ ଶୀତ ଅନୁଭୁତ ହୁଏ । ମନସୁନ ସାଧାରଣତଃ ଜୁନ ମାସରେ ଆରମ୍ଭ ହେଇ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରୁହେ ଓ ବାର୍ଷିକ ହାରାହାରି ୧୩୭୮.୨୦ ମିଲିମିଟର ବର୍ଷା ହୁଏ ।

କଳାହାଣ୍ଡି ଜିଲ୍ଲା ମୁଖ୍ୟତଃ କୃଷି ପ୍ରଧାନ ଓ ଏହାର ଧରମଗଡ ସବ ଡିଭିଜନ୍ ଚାଉଳ ଉତ୍ପାଦନ ପାଇଁ ଇତିହାସରେ ପ୍ରସିଦ୍ଧ । ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଯୋଗୁଁ ଦକ୍ଷିଣ କଳାହାଣ୍ଡିର ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି । ଜଳସେଚନ ଯୋଗୁଁ କଲାମପୁର, ଜୁନାଗଡ, ଜୟପାଟଣା ଓ ଧରମଗଡ ବ୍ଲକ ଧାନ ଉତ୍ପାଦନରେ ଜିଲ୍ଲାରେ ଶୀର୍ଷ ସ୍ଥାନରେ ଅଛନ୍ତି । କେସିଙ୍ଗା, ଭବାନିପାଟଣା ଓ ଗୋଲାମୁଣ୍ଡା ବ୍ଲକରେ ବହୁଳ ଭାବରେ କପା ଚାଷ ହେଇ ଉତ୍ପାଦନ ହେଉଛି । ଜଙ୍ଗଲଯାତ ଦ୍ରବ୍ୟ ଯଥା ମହୁଲ, କେନ୍ଦୁପତ୍ର, କାଠ, ବାଉଁଶର ବହୁଳ ଉତ୍ପାଦନ ଇତ୍ୟାଦି ମଧ୍ୟ ଜିଲ୍ଲାର ଅର୍ଥନିତିକୁ ସମୃଦ୍ଧ କରୁଛି । ରାୟଗଡା ଜିଲ୍ଲରେ ଥିବା କାଗଜ କଳକୁ କଂଚାମାଲ ମୁଖ୍ୟତଃ କଳାହାଣ୍ଡି ଜିଲ୍ଲାରୁ ଯାଏ ।

ତେଲ ନଦୀ କଳାହାଣ୍ଡି ଜିଲ୍ଲାର ଏକ ପ୍ରମୁଖ ନଦୀ । ଜିଲ୍ଲାର ଅନ୍ୟ ନଦୀ ଗୁଡିକ ହେଲା ଇନ୍ଦ୍ରାବତୀ, ଉଦନ୍ତି, ହାତୀ, ଉତେଇ, ଶଗଡା, ରାହୁଲ, ନାଗାବଳୀ, ମୁଦ୍ରା ଇତ୍ୟାଦି । ହାତୀ ନଦୀ କଳାହାଣ୍ଡି ଜିଲ୍ଲାରେ ଉତ୍ପତି ଲାଭ କରିଛି । ଏହା ତେଲ ନଦୀର ଏକ ମୁଖ୍ୟ ଉପନଦୀ ଓ ଉଭୟ ତେଲ ଓ ହାତୀ ମହାନଦୀର ମଧ୍ୟ ଉପନଦୀ ଅଟନ୍ତି । ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଉଦବୃତ ଜଳକୁ ମଧ୍ୟ ହାତୀ ନଦୀ ମାଧ୍ୟମରେ ମହାନଦୀକୁ ଛଡା ଯାଏ ।

ଏତେ ଗୁଡିଏ ନଦୀ ନାଳ ଥିବାରୁ ଓ ସବୁ ଅଂଚଳରେ ବ୍ରିଜ ନଥିବାରୁ ଅଧିକାଂଶ ଗ୍ରାମକୁ ଯୋଗାଯୋଗ ସମ୍ଭବ ହେଇ ପାରୁ ନାହିଁ । ଗ୍ରାମର ଲୋକମାନେ ପ୍ରଶାସନିକ ସେବା, ସ୍ୱାସ୍ଥ୍ୟ, ଶିକ୍ଷା ଓ ବଜାର କରିବା ପାଇଁ ଡଙ୍ଗା ଉପରେ ନିର୍ଭର କରୁଛନ୍ତି । ସେହି ଡଙ୍ଗା ଗୁଡିକ ପ୍ରାୟ ଯନ୍ତ୍ର ଚାଳିତ ନୁହେଁ । ଲୋକମାନେ ମଧ୍ୟ ଅମାନିଆ ହେଇ ଡଙ୍ଗାର କ୍ଷମତା ଠାରୁ ଅଧିକ ଯାତ୍ରା କରୁଛନ୍ତି । ଅଧିକାଂଶ ସମୟରେ ଲୋକମାନେ ସୁରକ୍ଷା ଉପକରଣ ନପିନ୍ଧି ଯାତ୍ରା କରୁଛନ୍ତି, ଯାହା ଫଳରେ ଦୁର୍ଘଟଣା ହେଲେ ଧନଜୀବନ ହାନି ହେଉଛି । ଏହିସବୁ ସମସ୍ୟା ପାଇଁ ନିର୍ବାଚନ ସମୟରେ ନଦୀରେ ପୋଲ ନିର୍ମାଣ ଏକ ପ୍ରମୁଖ ଦାବି ହୁଏ ଓ ନେତାମାନେ ମଧ୍ୟ ପୋଲ ନିର୍ମାଣକୁ ନିର୍ବାଚନ ପ୍ରତିଶୃତିରେ ପ୍ରାଧାନ୍ୟ ଦିଅନ୍ତି ।

ରାଜ୍ୟ ସରକାର ଏସବୁ ସମସ୍ୟାକୁ ଗୁରୁତର ସହ ନେଇ ପର୍ଯ୍ୟାୟ କ୍ରମେ ଜିଲ୍ଲାର ବହୁତ ସ୍ଥାନରେ ସେତୁ ନିର୍ମାଣ କରିଛନ୍ତି । ଜୁନାଗଡରେ ବ୍ଲକର ବୁଦେଲ ଠାରେ ହାତୀ ନଦୀ ଉପରେ ପ୍ରସ୍ତାବିତ ଉଚ୍ଚ ସେତୁ ନିର୍ମାଣ ମଧ୍ୟ ଏହି ଯୋଜନାର ଏକ ଅଂଶ ବିଶେଷ ।

ହାତୀ ନଦୀର ଗୋଟିଏ ପାର୍ଶ୍ୱରେ ଜାତୀୟ ରାଜପଥ ୨୬ ଓ ଅନ୍ୟ ପାର୍ଶ୍ୱରେ ଜୁନାଗଡ-କଲମପୁର ରାସ୍ତା ରହିଛି । ଏହି ଦୁଇଟି ରାସ୍ତା ମଧ୍ୟରେ ଦୂରତା ମାତ୍ର ୭ କିଲୋମିଟର, କିନ୍ତୁ, ରାସ୍ତା ଦୁଇଟିକୁ ସଂଯୋଗ କରାଯାଇ ନାହିଁ । କାରଣ, ହାତୀ ନଦୀ ଏହି ଦୁଇଟି ରାସ୍ତାର ମଝିରେ ହାତୀ ନଦୀ ଅଛି ଓ ନଦୀ ଉପରେ ପୋଲ ନାହିଁ ।

ଗ୍ରାମବାସୀଙ୍କର ଏସବୁ ଗମନାଗମନ ସମସ୍ୟାର ସମାଧାନ ପାଇଁ ଓଡିଶା ସରକାରଙ୍କର ନିର୍ମାଣ ବିଭାଗ ହାତୀ ନଦୀ ଉପରେ ଏକ ଉଚ୍ଚ ସେତୁ ଓ ସେତୁକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ସ୍ଥାନୀୟ ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନ୍ ଏହି ପ୍ରକଳ୍ପର ବିସ୍ତୃତ ରିପୋର୍ଟ ଦାଖଲ କରିବା ପରେ, ରାଜ୍ୟ ସରକାର ଚିଠି ନଂ ୩୦୩୯/ଡବ୍ଲୁ ତା ୧୩.୦୨.୨୦୨୪ରିଖରେ ସେତୁ ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପ ନିର୍ମାଣ ହେଲେ ଜୁନାଗଡ ବ୍ଲକର ଅପହଂଚ ଗ୍ରାମ ଓ ପଂଚାୟତ ଗୁଡିକୁ ସବୁଦିନିଆ ରାସ୍ତା ସଂଯୋଗ ହେବା ସହିତ ଜୁନାଗଡ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଦୂରତା କମିଯିବ ।

ପ୍ରସ୍ତାବିତ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ, ଜନସ୍ୱାର୍ଥ ନିହିତର ବିଶ୍ଳେଷଣ: ପ୍ରକଳ୍ପ ଅଧିନରେ ହାତୀ ନଦୀ ଉପରେ ଉଚ୍ଚ ସେତୁ ଓ ତତସଂଲଗ୍ନ ରାସ୍ତା ନିର୍ମାଣ କରାଗଲେ, ଗ୍ରାମବାସୀମାନଙ୍କର ଅନେକ ସୁବିଧା ହୋଇପାରିବ । ଯଥା,

- ଏହା ହେବା ଦ୍ୱାରା ଗମନାଗମନରେ ସୁବିଧା ହେବ ଓ ଅଳ୍ପ ସମୟ ମଧ୍ୟରେ ଲୋକମାନେ ତାଙ୍କର ଗନ୍ତବ୍ୟ ସ୍ଥଳରେ ପହଂଚି ପାରବେ ।
- ଜୁନାଗଡ ବ୍ଲକର ଅଧିକାଂଶ ଗ୍ରାମରୁ ବ୍ଲକକୁ ଯିବା ପାଇଁ ସବୁଦିନିଆ ରାସ୍ତା ହୋଇଯିବ ଓ ଏହାର ଦୂରତା ମଧ୍ୟ ହ୍ରାସ ପାଇବ ।
- ମୁଖ୍ୟତଃ ମହିଳା, ଶିଶୁ ଓ ବୃଦ୍ଧ ଲୋକମାନେ ଡଙ୍ଗାରେ ଯିବା ପାଇଁ ଯେଉଁ ଭୟ ରହୁଥିଲା, ତାହା ସମ୍ପୂର୍ଣ୍ଣ ଦୂରେଇ ଯିବ ।
- ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତୁରନ୍ତ କରାଯାଇପାରିବ ।
- ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଠିକ ସମୟରେ କାର୍ଯ୍ୟକାରୀ କରାଯାଇପାରିବ ଓ ଆଭ୍ୟନ୍ତରିଣ ଗ୍ରାମଗୁଡିକର ଉନ୍ନତି ହୋଇପାରିବ ।

ଏହି ପ୍ରକଳ୍ପ ଜନସାଧାରଣଙ୍କର ହିତ ନିମନ୍ତେ ଉଦ୍ଦିଷ୍ଟ । ଏହା ଓଡିଶା ସରକାରଙ୍କର ନିର୍ମାଣ ବିଭାଗ ଅଧିନରେ ଥିବା ଜୁନାଗଡ ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନ ଦ୍ୱାରା କାର୍ଯ୍ୟକାରୀ ହେବ । ଏଣୁ ଏହି ପ୍ରକଳ୍ପ, ନୂତନ ଜମି ଅଧିଗ୍ରହଣ ଆଇନ, ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ଧାରା ୨ (୧) (ଖ) (୬) ଭିତିଭୂମି ପ୍ରକଳ୍ପ ଅନୁଯାୟୀ କରାଯିବ । ଏହି ପ୍ରକଳ୍ପ ଜନସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ।

ପ୍ରକଳ୍ପ ପାଇଁ ଜମି: ପ୍ରସ୍ତାବିତ ପ୍ରକଳ୍ପ ପାଇଁ ମୋଟ ୦.୦୯ ଏକର ବେସରକାରୀ ଜମି ଅଧିଗ୍ରହଣ ଆବଶ୍ୟକ ହେବ ।। ଏହି ୦.୦୯ ଏକର ବେସରକାରୀ ଜମି ଜୁନାଗଡ ତହସିଲ ଅଧିନରେ ଥିବା ବୁଦେଲ ରାଜସ୍ୱ ଗ୍ରାମରୁ ଅଧିଗ୍ରହଣ କରାଯିବା ପାଇଁ ପ୍ରସ୍ତାବ ରହିଛି । ପ୍ରସ୍ତାବିତ ରାସ୍ତାର ଅଧିକାଂଶ ଭାଗ ବର୍ତମାନ ଥିବା ପୁରୁଣା ରାସ୍ତା ଉପରେ ନିର୍ମାଣ ହେବାପାଇଁ ଯୋଜନା ରହିଛି । ଏଣୁ, ୦.୦୯ ଏକର ବେସରକାରୀ ଜମି ବ୍ୟତିରେକ କୌଣସି ସରକାରୀ କିମ୍ବା ଜଙ୍ଗଲ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ । ଏହି ୦.୦୯ ଏକର ବେସରକାରୀ ଜମିକୁ

ପ୍ରକଳ୍ପର ପ୍ରଭାବିତ ଜମି ଓ ଉପରୋକ୍ତ ବୁଦେଲ ଗ୍ରାମକୁ ପ୍ରଭାବିତ ଅଂଚଳ ଭାବରେ ନିଆଯାଇଛି । ଜମି ଅଧିଗ୍ରହଣ ହେବା ଦ୍ୱାରା ଜମି ହରାଉଥିବା ପରିବାର ଓ ପାଖାପାଖି ରହୁଥିବା ପରିବାର ମାନଙ୍କର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚଳଣୀ ଉପରେ ପ୍ରଭାବ ପଡିବାର ସମ୍ଭାବନା ରହିଛି, ଏଣୁ ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

ଏହି ପ୍ରକଳ୍ପର ନିର୍ମାଣ କଳାହାଣ୍ଡି ଜିଲ୍ଲାର ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ ଅଛି, ଏଣୁ ଉପରୋକ୍ତ ୦.୦୯ ଏକର ବେସରକାରୀ ଚାଷଜମି ଅଧିଗ୍ରହଣର ପ୍ରସ୍ତାବ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଦାଖଲ ହୋଇଛି ।

ସାମାଜିକ ପ୍ରଭାବ ଆକଳନ କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ: ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ଅନୁଯାୟୀ ବୁଦେଲ ଗ୍ରାମରୁ ୦.୦୯ ଏକର ବେସରକାରୀ ଚାଷଜମି ଅଧିଗ୍ରହଣ ହେବ । ଏହି ବୁଦେଲ ଗ୍ରାମ, କଳାହାଣ୍ଡି ଜିଲ୍ଲା ଜୁନାଗଡ ତହସିଲର ମାଳିଗୁଡା ଗ୍ରାମପଂଚାୟତ ଅଧିନରେ ଅଛି କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଜମିର ବିବରଣୀ ଏବଂ ପ୍ରସ୍ତାବ ଜମା ହୋଇସାରିଛି ଏବଂ ପ୍ରାରମ୍ଭିକ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି ।

ରାଜ୍ୟ ସାମାଜିକ ପ୍ରଭାବ ଅକଳନ ସଂସ୍ଥା "ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡିଜ୍, ଭୁବନେଶ୍ୱର (NCDS)", ଉପରେ ଦର୍ଶାଯାଇଥିବା ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ "ଆମୃଷା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍" କୁ ନିୟୋଜିତ କରିଛନ୍ତି (ଚିଠି ନଂ ୨୨୩/ଏନସିଡିଏସ, ତାରିଖ ୨୧.୦୭.୨୦୨୫) । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାର, ଏହି ଆଧାରରେ ସାମାଜିକ ପ୍ରଭାବ ଆକଳନ କାର୍ଯ୍ୟର ଅଧିସୂଚନା (No. RDM-LAA-KLD-0005-2025-37501/RDM ତାରିଖ ୦୬.୧୦.୨୦୨୫) ଜାରି କରିଛନ୍ତି ।

ବିକଳ୍ପର ବିଶ୍ଳେଷଣ ଓ ସର୍ବନିମ୍ନ ଜମି ଅଧିଗ୍ରହଣର ଆକଳନ: ଭିତିଭୂମି ବିକାଶ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଆବଶ୍ୟକ । କିନ୍ତୁ, ଭିତିଭୂମି ବିକାଶ ପ୍ରକଳ୍ପ ପାଇଁ ଏଭଳି ସ୍ଥାନ ନିରୁପଣ ହେବା ଆବଶ୍ୟକ ଯେପରି ସର୍ବନିମ୍ନ ଜମି ଅଧିଗ୍ରହଣ ହେବ ଓ ସର୍ବନିମ୍ନ ଲୋକ ପ୍ରଭାବିତ ହେବେ । ଏହି ପ୍ରକଳ୍ପରେ ହାତୀ ନଦୀ ଉପରେ ଏକ ଉଚ୍ଚ ସେତୁ ଓ ସଂଯୋଗି କରଣ ରାସ୍ତା ନିର୍ମାଣ କରାଯିବ । ପ୍ରସ୍ତାବିତ ସଂଯୋଗି କରଣ ରାସ୍ତାର ଅଧିକାଂଶ ଭାଗ ବର୍ତମାନ ଥିବା ପୁରୁଣା ରାସ୍ତା ଉପରେ ନିର୍ମାଣ ହେବାପାଇଁ ଯୋଜନା ରହିଛି, ଏଣୁ ଅଧିକ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ । ଏସବୁକୁ ବିଚାରକୁ ନେଲେ, ପ୍ରକଳ୍ପ ପାଇଁ ଚୁଡାନ୍ତ ହୋଇଥିବା ଡିଜାଇନର ବିକଳ୍ପ ସନ୍ଧାନ କରିବା ଆବଶ୍ୟକତା ନାହିଁ ।

ଖାଦ୍ୟ ସୁରକ୍ଷା ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥାର ପ୍ରଯୁଜ୍ୟତା: ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସମସ୍ତ ୦.୦୯ ଏକର ବେସରକାରୀ ଜମି ମଧ୍ୟରୁ ୦.୦୫ ଏକର ଚାଷଜମି ଅଟେ ଓ ଏଥିରେ କେବଳ ବର୍ଷାଋତୁରେ ଚାଷ କରାଯାଏ । ଏହି ଜମିରେ କୌଣସି ପ୍ରକାର ଜଳସେଚନର ବ୍ୟବସ୍ଥା ନାହିଁ । ତେଣୁ ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ଭାଗ ୧୦ (୧) ରେ ଥିବା ଜଳସେଚିତ ତଥା ଏକାଧିକ ଫସଲ ହେଉଥିବା ଜମିର ଅଧିଗ୍ରହଣ ପାଇଁ ଲାଗୁ ହେଉଥିବା ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଏହି ପ୍ରକଳ୍ପ ପାଇଁ ଲାଗୁ ହେବ ନାହିଁ ।

ପ୍ରଭାବିତ ପରିବାର: ଜମି ଅଧିଗ୍ରହଣ ପ୍ରସ୍ତାବରେ ଦିଆଯାଇଥିବା ତଥ୍ୟ ଅନୁସାରେ, ସର୍ବମୋଟ ୧୧ ପ୍ରଜାଙ୍କର ୦.୦୯ ଏକର ବେସରକାରୀ ଜମି ଅଧିଗ୍ରହଣ ହେବ । ଏହି ୧୧ ପ୍ରଜା ବା ଜମି ମାଲିକଙ୍କ ମଧ୍ୟରୁ ଦୁଇ ଜଣ ମୃତ ଓ ସେମାନଙ୍କର କେହି ଉତରାଧିକାରୀ ନାହାଁନ୍ତି । ତିନି ଜଣ ବିବାହିତ ଝିଅ ଗ୍ରାମ ବାହାରେ ରହୁଛନ୍ତି । ବହୁତ ଚେଷ୍ଟା ସତ୍ତ୍ୱେ ସେମାନଙ୍କର ପ୍ରକୃତ ଠିକଣା ନମିଳିବାରୁ, ସେମାନଙ୍କର ସର୍ଭେ ହୋଇ ପାରିନାହିଁ । ଏହି ଜମି ମାଲିକଙ୍କର ସର୍ଭେ ହୋଇପାରିଲା ନାହିଁ । ଶେଷରେ ଜମି ମାଲିକମାନଙ୍କର ଉତରାଧିକାରୀମାନଙ୍କୁ ବଂଶାବଳୀ ପଦ୍ଧତିରେ ଗଣନା କରି, ସର୍ବମୋଟ ୭ଟି ଜମି ହରାଉଥିବା ପରିବାର ଚିହ୍ନଟ କରାଯାଇଛି । ସାମାଜିକ ପ୍ରଭାବ ଆକଳନ ରିପୋର୍ଟରେ ଏହି ୭ଟି ପରିବାରର ସାମାଜିକ ତଥା ଆର୍ଥିକ ବିଷୟରେ ସବିଶେଷ ବିବରଣୀ ଦିଆଯାଇଛି ।

ଏହି ସାତଟି ପରିବାର ମଧ୍ୟରୁ, ଦୁଇଜଣ ଯଥା ଜଣେ ବିଧବା ମହିଳା ଓ ତାଙ୍କ ପୁଅ ନିଜ ପରିବାର ସହ ଗୋଟିଏ ଘରେ ରହିଛନ୍ତି । ଏହି ବାସଗୃହଟି ଅଧିଗ୍ରହଣ ହେବ ଓ ଏହି ଦୁଇଟି ପରିବାର ବାସଚ୍ୟୁତ/ବିସ୍ଥାପିତ ହେବେ ।

ଉପରୋକ୍ତ ଗଣତି ବ୍ୟତୀତ, ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ଭାଗ ୩ (ଏମ୍) ରେ ଥିବା ପରିବାର ର ସଙ୍ଖ୍ୟା ଅନୁଯାୟୀ, ଦୁଇଟି ବିସ୍ଥାପିତ ହେବାକୁ ପରିବାରରେ ନିମ୍ନଲିଖିତ ବିସ୍ଥାରିତ ପରିବାରର ଗଣନା ମଧ୍ୟ କରା ଯାଇଛି ।

ସାମାଜିକ, ଆର୍ଥିକ ବିବରଣୀ: ଜମି ହରାଉଥିବା ସମସ୍ତ ୭ ପରିବାର ହିନ୍ଦୁ ଧର୍ମାବଲମ୍ବୀ ଅଟନ୍ତି । ଅନ୍ୟ କୌଣସି ଧର୍ମର ପରିବାର ସର୍ଭେ ହୋଇଥିବା ଜମିହରା ପରିବାର ମଧ୍ୟରେ ନାହାଁନ୍ତି । ଜମି ହରାଉଥିବା ପରିବାର ମଧ୍ୟରୁ ଶତକଡା ୭୧.୪୩ ଭାଗ ଅନ୍ୟାନ୍ୟ ପଛୁଆ ବର୍ଗର ଗୋପାଳ ଜାତି ପରିବାର ଅଛନ୍ତି । ଏତତବ୍ୟତିତ ସାଧାରଣ ବର୍ଗରେ ୨୮.୫୭% (ବ୍ରାହ୍ମଣ-୫୦%, ଖଣ୍ଡାୟତ-୫୦%) ପରିବାର ଅଛନ୍ତି ।

ସର୍ବମୋଟ ୪୦ ଜଣ ଲୋକ ଏହି ପରିବାର ମାନଙ୍କରେ ବାସକରୁଛନ୍ତି । ତନ୍ମଧ୍ୟରୁ ୨୦ ଜଣ ପୁରୁଷ ଏବଂ ୨୦ ଜଣ ମହିଳା ଅଛନ୍ତି । ପ୍ରତି ପରିବାରରେ ହାରାହାରି ୫.୭୧ ଜଣ ରହୁଛନ୍ତି । ଲିଙ୍ଗ ଅନୁପାତ ୧୦୦୦ ଅଟେ । ଲୋକସଂଖ୍ୟାର ଶତକଡା ୪୦ ଜଣ ୧୮ ବର୍ଷରୁ କମ୍ ଅଛନ୍ତି ଓ ଶତକଡା ୫ ଜଣ ୬୦ ବର୍ଷରୁ ଉର୍ଦ୍ଧ ଅଛନ୍ତି । ଅବଶିଷ୍ଟ ଶତକଡା ୫୫ ଜଣ ୧୮ ରୁ ୬୦ବର୍ଷ ବୟସ ଭିତରେ ଅଛନ୍ତି । ୬୦ବର୍ଷ ରୁ ଉର୍ଦ୍ଧ ଲୋକମାନଙ୍କ ମଧ୍ୟରେ ମହିଳା ଓ ପୁରୁଷଙ୍କ ସଂଖ୍ୟା ସମାନ ରହିଛି ।

ଜମି ହରାଉଥିବା ପରିବାରରେ ଲୋକସଂଖ୍ୟାର ସାକ୍ଷରତା ହାର (୦ ରୁ ୬ ବର୍ଷ ପିଲାମାନଙ୍କୁ ବାଦ ଦେଇ) ଶତକଡା ୯୧ ଅଟେ; ପୁରୁଷମାନଙ୍କର ଶତକଡା ୯୪ ଓ ମହିଳା ମାନଙ୍କର ଶତକଡା ୮୮, ଯାହାକି ଜନଗଣନା ୨୦୧୯ ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ସାକ୍ଷରତା ହାର ଶତକଡା ୫୯ ଭାଗ ଠାରୁ ବହୁତ ଭଲ ଅଛି ।

ଯଦିଓ ଜମି ହରାଉଥିବା ପରିବାରରେ ପୁରୁଷ ଓ ମହିଳାମାନଙ୍କର ସାକ୍ଷରତା ହାର ଭଲ ଅଛି, ତଥାପି ଏହା ଉତ୍ସାହଜନକ ନୁହେଁ । ତଥ୍ୟ ଅନୁଯାୟୀ, ୫% କେବଳ ସାକ୍ଷର, ୪୨.୫୦% ପ୍ରାଥମିକ, ୭.୫୦% ମଧ୍ୟମ, ୭.୫୦% ମାଧ୍ୟମିକ, ୧୦% ଉଚ୍ଚ ମାଧ୍ୟମିକ, ୨.୫୦% ସ୍ନାତକ ଏବଂ ତଦୁର୍ଦ୍ଧ ଏବଂ ୨.୫୦% ବୃତିଗତ ଶିକ୍ଷା

ଲାଭ କରିଛନ୍ତି । ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ, ପ୍ରଭାବିତ ଜନସଂଖ୍ୟାରେ ଯଦିଓ ସାକ୍ଷରତା ହାର ଭଲ ଅଛି, କିନ୍ତୁ ଶିକ୍ଷାଗତ ଯୋଗ୍ୟତା ସେତେଟା ଉତ୍ସାହଜନକ ନୁହେଁ ।

ଜମି ହରାଉଥିବା ପରିବାରରେ ୬ (୮୯.୭୧%) ଟି ପରିବାରକୁ ଦାରିଦ୍ର୍ୟରେ ରହୁଥିବାର ଆକଳନ କରାଯାଇଛି, ଯେଉଁମାନଙ୍କୁ ପୁନଃଥଇଥାନ ସମୟରେ ଗୁରୁତ୍ୱର ସହ ଧ୍ୟାନ ଦେବା ଆବଶ୍ୟକ । ଜମି ହରାଉଥିବା ପରିବାର ମଧ୍ୟରେ ୧ଟି (୫୦%) ସାଧାରଣ ବର୍ଗ ପରିବାର ଓ ସମସ୍ତ ୫ଟି ଅନ୍ୟାନ୍ୟ ପଛୁଆ ବର୍ଗ ପରିବାର ଦାରିଦ୍ର୍ୟରେ ଅଛନ୍ତି । ଏହି ପରିବାର ମାନଙ୍କର ବାର୍ଷିକ ଖର୍ଚ୍ଚ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଅଛି ।

ଜମିହରାଉ ଥିବା ପରିବାରର ସଦସ୍ୟମାନଙ୍କର "ସାଧାରଣ କ୍ରିୟାକଳାପ" ତଥ୍ୟରୁ ଜଣାଯାଏ ଯେ, ସମୁଦାୟ ଜନସଂଖ୍ୟାର ମାତ୍ର ୩୨.୫୦% ବ୍ୟକ୍ତି କର୍ମରେ ନିୟୋଜିତ, ଅର୍ଥାତ୍ ଯେ କୌଣସି ଆର୍ଥିକ ବୃତିକୁ ଆପଣେଇଛନ୍ତି । ଏହାର କାରଣ ମହିଳାମାନଙ୍କ ମଧ୍ୟରେ କର୍ମଜୀବି ହାର ମାତ୍ର ଶତକଡା ୨୦ ଏବଂ କେତେକ ଯୁବକ ଯୁବତୀ, ଯଦିଓ ୧୮ ରୁ ୬୦ ବର୍ଷ କର୍ମକ୍ଷମ ବୟସ ମଧ୍ୟରେ ଅଛନ୍ତି, ମାତ୍ର ଉଚ୍ଚ ଶିକ୍ଷା ପାଇଁ ବାହାରକୁ ଯାଇଛନ୍ତି ।

ସାମାଜିକ ପ୍ରଭାବ: ଜମି ଅଧିଗ୍ରହଣ ହେବା ଦ୍ୱାରା ଚାଷରୁ ହେଉଥିବା ଆୟ କମିଯିବ, କୃଷି ମଜୁରୀ ମିଳିବା କମ୍ ହେବ । ମାତ୍ର, ଅତ୍ୟନ୍ତ ଅଳ୍ପ ଜମି ଅଧିଗ୍ରହଣ ହେଉଥିବାରୁ (ପ୍ରତି ପରିବାରର ହାରାହାରି ୦.୦୧୦୭ ଏକର ଜମି କ୍ଷତି ହେଉଛି), ପ୍ରଭାବର ମାତ୍ରା କମ୍ ହେବ । ଜମି ହରାଉଥିବା ପରିବାରମାନଙ୍କର ନିଜସ୍ୱ ଚାଷ ଜମିର ହାରାହାରି ୦.୫୫% ଅଧିଗ୍ରହଣ ହେବ ।

ଉପରୋକ୍ତ କୁପ୍ରଭାବ ବ୍ୟତିତ, ପ୍ରସ୍ତାବିତ ପ୍ରକଳ୍ପର ବହୁତ କିଛି ସୁପ୍ରଭାବ ପଡିବାର ଆକଳନ ମଧ୍ୟ କରାଯାଇଛି । ପ୍ରସ୍ତାବିତ ପ୍ରକଳ୍ପ ଯୋଗୁ କୃଷିର ବିକାଶ ହେବ, ବଜାର ସୁବିଧା ମିଳିବ, କୃଷି ମଜୁରୀ ମିଳିବାର ସୁଯୋଗ ବଢିଯିବ, ମଜୁରୀ ମୂଲ୍ୟ ମଧ୍ୟ ବଢିଯିବ, ଜମି ଓ ସ୍ଥାବର ଅସ୍ଥାବର ସମ୍ପତିର ମୂଲ୍ୟ ବଢିଯିବ, ବେପାର/ବାଣିଜ୍ୟ ବଢିବ, ଫଳରେ ଲୋକଙ୍କ ଦୈନନ୍ଦିନ ଚଳଣିରେ ମଧ୍ୟ ସୁଧାର ଆସିବ ।

ଜନସାଧାରଣଙ୍କର ମତାମତ: ଗୋଷ୍ଠୀ ଅଲୋଚନା, ଘର ଘର ବୁଲି ତଥ୍ୟ ସଂଗ୍ରହ ଓ ଜନଶୁଣାଣୀ ବେଳେ ଜନସାଧାରଣଙ୍କର ପ୍ରସ୍ତାବିତ ପ୍ରକଳ୍ପ ଉପରେ ଧାରଣା କଣ, ତାର ତଥ୍ୟ ସଂଗ୍ରହ କରାଯାଇଥିଲା । ସେଥିରୁ ଜଣାଗଲା ଯେ, ସମସ୍ତ ଗ୍ରାମବାସୀ ହାତୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଜମି ଦେବାକୁ ଇଚ୍ଛୁକ । କାରଣ, ସେତୁ ନିର୍ମାଣ ହେଲେ ସେମାନଙ୍କର ଗମନାଗମନର ସୁବିଧା ହେବ ଓ ଆର୍ଥିକ ବିକାଶ ମଧ୍ୟ ହେବ । ମାତ୍ର, ଜମି ଅଧିଗ୍ରହଣ ପାଇଁ ଉପଯୁକ୍ତ କ୍ଷତିପୂରଣ ଓ ନିୟମ ଅନୁସାରେ ଥଇଥାନ ପ୍ୟାକେଜ୍ ଆବଶ୍ୟକ । ବର୍ତମାନ ସମୟର ବଜାର ଦର ଅନୁସାରେ ଜମିର କ୍ଷତିପୂରଣ ଆକଳନ ହେବା ଆବଶ୍ୟକ ।

ସାମାଜିକ ପ୍ରଭାବ ପରିଚାଳନା ଯୋଜନା: ୨ଟି ମୁଖ୍ୟ ଆଧାରରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ ପ୍ରସ୍ତୁତି କରାଯାଇଛି, ଯଥା, ପ୍ରସ୍ତାବିତ ପ୍ରକଳ୍ପର କୁପ୍ରଭାବକୁ ହ୍ରାସ କରିବା ବା ପ୍ରତିହତ କରିବା, ପ୍ରଭାବିତ ପରିବାରମାନଙ୍କର ଅର୍ଥନୈତିକ ବିକାଶ, ସାମୁହିକ ଓ ସମନ୍ୱିତ ଅଭିବୃଦ୍ଧି । ସମସ୍ତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ପରିବାରମାନଙ୍କୁ ଗୁରୁତ୍ୱ ଦେବାକୁ ନିର୍ଦ୍ଧାରଣ କରାଯାଇଛି । ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଯଥା, ଉନ୍ନତ ଚାଷ

ପ୍ରଣାଳୀର ତାଲିମ, ନୂଆ ରୋଜଗାରର ସୃଷ୍ଟି, ବେକାରୀ ମାନଙ୍କର ତାଲିମ, ଭିତିଭୂମିର ବିକାଶ ଇତ୍ୟାଦି କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି ଓ ବ୍ୟୟ ଅଟକଳ ୧୫,୫୦,୦୦୦ ଟଙ୍କା ରଖାଯାଇଛି ।

ଏହି ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ପ୍ରଭାବିତ ପରିବାର ଓ ଅନ୍ୟ ଗ୍ରାମବାସୀମାନଙ୍କର ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ଉପରେ ଗୁରତ୍ୱ ଦିଆଯାଇଛି । କାରଣ, ବର୍ତମାନ ପ୍ରଭାବିତ ଗ୍ରାମଗୁଡିକ ଅତି ଖରାପ ଅବସ୍ଥାରେ ଅଛି । ଗ୍ରାମରେ ସାଧାରଣ ଜୀବନଯାପନ କରିବାପାଇଁ ଆବଶ୍ୟକ ମୌଳିକ ସୁବିଧାସୁଯୋଗ ନାହିଁ । ଚାଷ ଜମିକୁ ଜଳସେଚନର ଅଭାବ ଯୋଗୁ କୃଷକମାନେ ପୁରୁଣା ପଦ୍ଧତିରେ ଚାଷ କରୁଛନ୍ତି ଓ କମ ଅମଳ ପାଉଛନ୍ତି । ବିକାଶର ଅଭାବ ଯୋଗୁ ଗ୍ରାମବାସୀ, ବିଶେଷକରି ଦୁର୍ବଳ ଓ ଗରିବ ଶ୍ରେଣୀ ଲୋକମାନଙ୍କର ଅଭିବୃଦ୍ଧି ହୋଇପାରୁ ନାହିଁ । ଏସବୁ ସତ୍ତ୍ୱେ, ଗ୍ରାମର ଲୋକମାନଙ୍କର ସକାରାତ୍ମକ ଚିନ୍ତାଧାରା ରହିଛି ଓ ଉନ୍ନତ ଧରଣର ଜୀବନଯାପନ କରିବାପାଇଁ ଆଶା ଓ ଅଭିଳାଷ ଅଛି । ଏହା ମଧ୍ୟ ସୂଚିତ କରାଯାଉଛି ଯେ, ଘର ସର୍ଭେ ଓ ଗୋଷ୍ଠି ଆଲୋଚନା ବେଳେ, ଜମିର କ୍ଷତିପୂରଣ ଏବଂ ପୁନଃଥଇଥାନ ବ୍ୟତୀତ, ଲୋକମାନେ ଉନ୍ନତ ଜୀବନଯାପନ ଓ ଜୀବିକା ଅର୍ଜ୍ଜନ କରିବାର ସୁବିଧାସୁଯୋଗ ପାଇଁ ଅଧିକ ଦାବି କରିଛନ୍ତି ।

ଆଶା କରାଯାଉଛି ଯେ, ପ୍ରସ୍ତାବିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା, ପ୍ରକଳ୍ପ ଜନିତ କୁପ୍ରଭାବକୁ ଠିକ୍ ଭାବରେ ହ୍ରାସ କରିପାରିବ । କେବଳ ଯେ ପ୍ରଭାବିତ ପରିବାର ମାନଙ୍କର କ୍ଷତି ଭରଣା ହେବ, ତା ନୁହେଁ, ସମସ୍ତ ଗ୍ରାମବାସୀ ଲାଭ ପାଇବେ ଓ ସେମାନଙ୍କର ଜୀବନଧାରଣ ମାନରେ ଉନ୍ନତି ଘଟିବ ।

ସାମାଜିକ ଲାଭ/କ୍ଷତି ର ବିଶ୍ଳେଷଣ ଓ ଅଧିଗ୍ରହଣ ଉପରେ ସୁପାରିଶ: ଏହି ଆକଳନ, କେବଳ ପ୍ରସ୍ତାବିତ ୦.୦୯ ଏକର ବେସରକାରୀ ଜମି ଅଧିଗ୍ରହଣ ଉପରେ ପର୍ଯ୍ୟବେସିତ । ଆକଳନରୁ ଜଣାଯାଏ ଯେ କ୍ଷତି/ଲାଭର ଅନୁପାତ ୧:୩୨୫୦ । ଏହା ବହୁତ ଅଧିକ, କାରଣ କେବଳ ୦.୦୯ ଏକର ଜମି ଅଧିଗ୍ରହଣ ହେବ ଏବଂ ସେହି ତୁଳନାରେ ଜନସାଧାରଣଙ୍କୁ ଅଧିକ ଲାଭ ହୋଇପାରିବ ।

ସାମାଜିକ ପ୍ରଭାବ ଆକଳନକାରୀ ସଂସ୍ଥାର ବିଶେଷଜ୍ଞମାନଙ୍କ ମତରେ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ୦.୦୯ ଏକର ବେସରକାରୀ ଜମିର ଅଧିଗ୍ରହଣ ଉପଯୁକ୍ତ କ୍ଷତିପୂରଣ ଓ ନିୟମ ଅନୁସାରେ ଥଇଥାନ ପ୍ୟାକେଜ୍ ସହିତ ହେବା ଆବଶ୍ୟକ । ଏହା ସହିତ, ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା ଆବଶ୍ୟକ । ଗ୍ରାମର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଅତ୍ୟନ୍ତ ଆନ୍ତରିକତାର ସହିତ କରିବା ଆବଶ୍ୟକ, ଯଦ୍ୱାରା ଗ୍ରାମବାସୀ ଓ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ମଧ୍ୟରେ ସହଯୋଗ ଓ ସମନ୍ୱୟ ରହିପାରିବ ଓ ପ୍ରକଳ୍ପଟି ରାଜ୍ୟର ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଏକ ଦୃଷ୍ଟାନ୍ତ ହୋଇରହିବ ।

୨. ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକ ଜମି ଅଧିଗ୍ରହଣ

୨.୧. ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ବିବରଣୀ

କଳାହାଣ୍ଡି ଜିଲ୍ଲାର କ୍ଷେତ୍ରଫଳ ୭୯୨୦ ବର୍ଗକିଲୋମିଟର ଓ ଏହା ଓଡିଶା ରାଜ୍ୟର ଦକ୍ଷିଣ ପଶ୍ଚିମ ଅଚଂଳରେ ଅବସ୍ଥିତ । କଳାହାଣ୍ଡି ଜିଲ୍ଲାର ଉତରରେ ବଲାଙ୍ଗୀର ଓ ନୂଆପଡା ଜିଲ୍ଲା, ପୂର୍ବରେ ରାୟଗଡା, କନ୍ଧମାଳ ଓ ବୌଦ୍ଧ ଜିଲ୍ଲା, ଦକ୍ଷିଣରେ ନବରଙ୍ଗପୁର, କୋରାପୁଟ ଓ ରାୟଗଡା ଜିଲ୍ଲା ଅବସ୍ଥିତ । କଳାହାଣ୍ଡି ଜିଲ୍ଲାର ଜଳବାୟୁ ଅନୁସାରେ ଏଠାରେ ଖରାଦିନେ ଅତ୍ୟଧିକ ଗରମ ଓ ଶୀତଦିନେ ଅତ୍ୟଧିକ ଶୀତ ଅନୁଭୁତ ହୁଏ । ମନସୁନ ସାଧାରଣତଃ ଜୁନ ମାସରେ ଆରମ୍ଭ ହେଇ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରୁହେ ଓ ବାର୍ଷିକ ହାରାହାରି ୧୩୭୮.୨୦ ମିଲିମିଟର ବର୍ଷା ହୁଏ ।

କଳାହାଣ୍ଡି ଜିଲ୍ଲା ମୁଖ୍ୟତଃ କୃଷି ପ୍ରଧାନ ଓ ଏହାର ଧରମଗଡ ସବ ଡିଭିଜନ୍ ଚାଉଳ ଉତ୍ପାଦନ ପାଇଁ ଇତିହାସରେ ପ୍ରସିଦ୍ଧ । ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଯୋଗୁଁ ଦକ୍ଷିଣ କଳାହାଣ୍ଡିର ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି । ଜଳସେଚନ ଯୋଗୁଁ କଲାମପୁର, ଜୁନାଗଡ, ଜୟପାଟଣା ଓ ଧରମଗଡ ବ୍ଲକ ଧାନ ଉତ୍ପାଦନରେ ଜିଲ୍ଲାରେ ଶୀର୍ଷ ସ୍ଥାନରେ ଅଛନ୍ତି । କେସିଙ୍ଗା, ଭବାନିପାଟଣା ଓ ଗୋଲାମୁଣ୍ଡା ବ୍ଲକରେ ବହୁଳ ଭାବରେ କପା ଚାଷ ହେଇ ଉତ୍ପାଦନ ହେଉଛି । ଜଙ୍ଗଲଯାତ ଦ୍ରବ୍ୟ ଯଥା ମହୁଲ, କେନ୍ଦୁପତ୍ର, କାଠ, ବାଉଁଶର ବହୁଳ ଉତ୍ପାଦନ ଇତ୍ୟାଦି ମଧ୍ୟ ଜିଲ୍ଲାର ଅର୍ଥନିତିକୁ ସମୃଦ୍ଧ କରୁଛି । ରାୟଗଡା ଜିଲ୍ଲାରେ ଥିବା କାଗଜ କଳକୁ କଂଚାମାଲ ମୁଖ୍ୟତଃ କଳାହାଣ୍ଡି ଜିଲ୍ଲାରୁ ଯାଏ ।

ତେଲ ନଦୀ କଳାହାଣ୍ଡି ଜିଲ୍ଲାର ଏକ ପ୍ରମୁଖ ନଦୀ । ଜିଲ୍ଲାର ଅନ୍ୟ ନଦୀ ଗୁଡିକ ହେଲା ଇନ୍ଦ୍ରାବତୀ, ଉଦନ୍ତି, ହାତୀ, ଉତେଇ, ଶଗଡା, ରାହୁଳ, ନାଗାବଳୀ, ମୁଦ୍ରା ଇତ୍ୟାଦି । ହାତୀ ନଦୀ କଳାହାଣ୍ଡି ଜିଲ୍ଲାରେ ଉତ୍ପତି ଲାଭ କରିଛି । ଏହା ତେଲ ନଦୀର ଏକ ମୁଖ୍ୟ ଉପନଦୀ ଓ ଉଭୟ ତେଲ ଓ ହାତୀ ମହାନଦୀର ମଧ୍ୟ ଉପନଦୀ ଅଟନ୍ତି । ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଉଦବୃତ ଜଳକୁ ମଧ୍ୟ ହାତୀ ନଦୀ ମାଧ୍ୟମରେ ମହାନଦୀକୁ ଛଡା ଯାଏ ।

ଏତେ ଗୁଡିଏ ନଦୀ ନାଳ ଥିବାରୁ ଓ ସବୁ ଅଂଚଳରେ ବ୍ରିଜ ନଥିବାରୁ ଅଧିକାଂଶ ଗ୍ରାମକୁ ଯୋଗାଯୋଗ ସମ୍ଭବ ହେଇ ପାରୁ ନାହିଁ । ଗ୍ରାମର ଲୋକମାନେ ପ୍ରଶାସନିକ ସେବା, ସ୍ୱାସ୍ଥ୍ୟ, ଶିକ୍ଷା ଓ ବଜାର କରିବା ପାଇଁ ଡଙ୍ଗା ଉପରେ ନିର୍ଭର କରୁଛନ୍ତି । ସେହି ଡଙ୍ଗା ଗୁଡିକ ପ୍ରାୟ ଯନ୍ତ୍ର ଚାଳିତ ନୁହେଁ । ଲୋକମାନେ ମଧ୍ୟ ଅମାନିଆ ହେଇ ଡଙ୍ଗାର କ୍ଷମତା ଠାରୁ ଅଧିକ ଯାତ୍ରା କରୁଛନ୍ତି । ଅଧିକାଂଶ ସମୟରେ ଲୋକମାନେ ସୁରକ୍ଷା ଉପକରଣ ନପିନ୍ଧି ଯାତ୍ରା କରୁଛନ୍ତି, ଯାହା ଫଳରେ ଦୁର୍ଘଟଣା ହେଲେ ଧନଜୀବନ ହାନି ହେଉଛି । ଏହିସବୁ ସମସ୍ୟା ପାଇଁ ନିର୍ବାଚନ ସମୟରେ ନଦୀରେ ପୋଲ ନିର୍ମାଣ ଏକ ପ୍ରମୁଖ ଦାବି ହୁଏ ଓ ନେତାମାନେ ମଧ୍ୟ ପୋଲ ନିର୍ମାଣକୁ ନିର୍ବାଚନ ପ୍ରତିଶୃତିରେ ପ୍ରାଧାନ୍ୟ ଦିଅନ୍ତି ।

ରାଜ୍ୟ ସରକାର ଏସବୁ ସମସ୍ୟାକୁ ଗୁରୁତର ସହ ନେଇ ପର୍ଯ୍ୟାୟ କ୍ରମେ ଜିଲ୍ଲାର ବହୁତ ସ୍ଥାନରେ ସେତୁ ନିର୍ମାଣ କରିଛନ୍ତି । ଜୁନାଗଡରେ ବ୍ଲକର ବୁଦେଲ ଠାରେ ହାତୀ ନଦୀ ଉପରେ ପ୍ରସ୍ତାବିତ ଉଚ୍ଚ ସେତୁ ନିର୍ମାଣ ମଧ୍ୟ ଏହି ଯୋଜନାର ଏକ ଅଂଶ ବିଶେଷ ।

ହାତୀ ନଦୀର ଗୋଟିଏ ପାର୍ଶ୍ୱରେ ଜାତୀୟ ରାଜପଥ ୨୬ ଓ ଅନ୍ୟ ପାର୍ଶ୍ୱରେ ଜୁନାଗଡ-କଲମପୁର ରାସ୍ତା ରହିଛି । ଏହି ଦୁଇଟି ରାସ୍ତା ମଧ୍ୟରେ ଦୂରତା ମାତ୍ର ୭ କିଲୋମିଟର, କିନ୍ତୁ, ରାସ୍ତା ଦୁଇଟିକୁ ସଂଯୋଗ କରାଯାଇ ନାହିଁ । କାରଣ, ହାତୀ ନଦୀ ଏହି ଦୁଇଟି ରାସ୍ତାର ମଝିରେ ହାତୀ ନଦୀ ଅଛି ଓ ନଦୀ ଉପରେ ପୋଲ ନାହିଁ ।

ଗ୍ରାମବାସୀଙ୍କର ଏସବୁ ଗମନାଗମନ ସମସ୍ୟାର ସମାଧାନ ପାଇଁ ଓଡିଶା ସରକାରଙ୍କର ନିର୍ମାଣ ବିଭାଗ ହାତୀ ନଦୀ ଉପରେ ଏକ ଉଚ୍ଚ ସେତୁ ଓ ସେତୁକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ସ୍ଥାନୀୟ ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନ୍ ଏହି ପ୍ରକଳ୍ପର ବିସ୍ତୃତ ରିପୋର୍ଟ ଦାଖଲ କରିବା ପରେ, ରାଜ୍ୟ ସରକାର ଚିଠି ନଂ ୩୦୩୯/ଡବ୍ଲୁ ତା ୧୩.୦୨.୨୦୨୪ରିଖରେ ସେତୁ ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପ ନିର୍ମାଣ ହେଲେ ଜୁନାଗଡ ବ୍ଲକର ଅପହଂଚ ଗ୍ରାମ ଓ ପଂଚାୟତ ଗୁଡିକୁ ସବୁଦିନିଆ ରାସ୍ତା ସଂଯୋଗ ହେବା ସହିତ ଜୁନାଗଡ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଦୂରତା କମିଯିବ ।

Indicative Location Map of Project *(Not to scale)*

Source: Google Map

୨.୨ପ୍ରକଳ୍ପ ପାଇଁ ଜମି: ପ୍ରସ୍ତାବିତ ପ୍ରକଳ୍ପ ପାଇଁ ମୋଟ ୦.୦୯ ଏକର ବେସରକାରୀ ଜମି ଅଧିଗ୍ରହଣ ଆବଶ୍ୟକ ହେବ । । ଏହି ୦.୦୯ ଏକର ବେସରକାରୀ ଜମି ଜୁନାଗଡ ତହସିଲ ଅଧିନରେ ଥିବା ବୁଦେଲ ରାଜସ୍ୱ ଗ୍ରାମରୁ ଅଧିଗ୍ରହଣ କରାଯିବା ପାଇଁ ପ୍ରସ୍ତାବ ରହିଛି । ପ୍ରସ୍ତାବିତ ରାସ୍ତାର ଅଧିକାଂଶ ଭାଗ ବର୍ତମାନ ଥିବା ପୁରୁଣା ରାସ୍ତା ଉପରେ ନିର୍ମାଣ ହେବାପାଇଁ ଯୋଜନା ରହିଛି । ଏଣୁ, ୦.୦୯ ଏକର ବେସରକାରୀ ଜମି ବ୍ୟତିରେକ କୌଣସି ସରକାରୀ କିମ୍ବା ଜଙ୍ଗଲ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ । ଏହି ୦.୦୯ ଏକର ବେସରକାରୀ ଜମିକୁ ପ୍ରକଳ୍ପର ପ୍ରଭାବିତ ଜମି ଓ ଉପରୋକ୍ତ ବୁଦେଲ ଗ୍ରାମକୁ ପ୍ରଭାବିତ ଅଂଚଳ ଭାବରେ ନିଆଯାଇଛି । ଜମି ଅଧିଗ୍ରହଣ ହେବା ଦ୍ୱାରା ଜମି ହରାଉଥିବା ପରିବାର ଓ ପାଖାପାଖି ରହୁଥିବା ପରିବାର ମାନଙ୍କର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚଳଣୀ ଉପରେ ପ୍ରଭାବ ପଡିବାର ସମ୍ଭାବନା ରହିଛି, ଏଣୁ ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

ଏହି ପ୍ରକଳ୍ପର ନିର୍ମାଣ କଳାହାଣ୍ଡି ଜିଲ୍ଲାର ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ ଅଛି, ଏଣୁ ଉପରୋକ୍ତ ୦.୦୯ ଏକର ବେସରକାରୀ ଋଷଜମି ଅଧିଗ୍ରହଣର ପ୍ରସ୍ତାବ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଦାଖଲ ହୋଇଛି ।

୨.୩ ପ୍ରସ୍ତାବିତ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ, ଜନସ୍ୱାର୍ଥ ନିହିତର ବିଶ୍ଳେଷଣ: ପ୍ରକଳ୍ପ ଅଧିନରେ ହାତୀ ନଦୀ ଉପରେ ଉଚ୍ଚ ସେତୁ ଓ ତତସଂଲଗ୍ନ ରାସ୍ତା ନିର୍ମାଣ କରାଗଲେ, ଗ୍ରାମବାସୀମାନଙ୍କର ଅନେକ ସୁବିଧା ହୋଇପାରିବ । ଯଥା,

- ଏହା ହେବା ଦ୍ୱାରା ଗମନାଗମନରେ ସୁବିଧା ହେବ ଓ ଅଳ୍ପ ସମୟ ମଧ୍ୟରେ ଲୋକମାନେ ତାଙ୍କର ଗନ୍ତବ୍ୟ ସ୍ଥଳରେ ପହଂଚି ପାରିବେ ।
- ଜୁନାଗଡ ବ୍ଲକର ଅଧିକାଂଶ ଗ୍ରାମରୁ ବ୍ଲକକୁ ଯିବା ପାଇଁ ସବୁଦିନିଆ ରାସ୍ତା ହୋଇଯିବ ଓ ଏହାର ଦୂରତା ମଧ୍ୟ ହ୍ରାସ ପାଇବ ।
- ମୁଖ୍ୟତଃ ମହିଳା, ଶିଶୁ ଓ ବୃଦ୍ଧ ଲୋକମାନେ ଡଙ୍ଗାରେ ଯିବା ପାଇଁ ଯେଉଁ ଭୟ ରହୁଥିଲା, ତାହା ସମ୍ପୂର୍ଣ୍ଣ ଦୂରେଇ ଯିବ ।
- ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତୁରନ୍ତ କରାଯାଇପାରିବ ।
- ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଠିକ ସମୟରେ କାର୍ଯ୍ୟକାରୀ କରାଯାଇପାରିବ ଓ ଆଭ୍ୟନ୍ତରିଣ ଗ୍ରାମଗୁଡିକର ଉନ୍ନତି ହୋଇପାରିବ ।

ଏହି ପ୍ରକଳ୍ପ ଜନସାଧାରଣଙ୍କର ହିତ ନିମନ୍ତେ ଉଦ୍ଦିଷ୍ଟ । ଏହା ଓଡିଶା ସରକାରଙ୍କର ନିର୍ମାଣ ବିଭାଗ ଅଧିନରେ ଥିବା ଜୁନାଗଡ ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନ ଦ୍ୱାରା କାର୍ଯ୍ୟକାରୀ ହେବ । ଏଣୁ ଏହି ପ୍ରକଳ୍ପ, ନୂତନ ଜମି ଅଧିଗ୍ରହଣ ଆଇନ, ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ଧାରା ୨ (୧) (ଖ) (୬) ଭିତିଭୂମି ପ୍ରକଳ୍ପ ଅନୁଯାୟୀ କରାଯିବ । ଏହି ପ୍ରକଳ୍ପ ଜନସ୍ୱାର୍ଥ ପାଇଁ ଉଦ୍ଧିଷ୍ଟ ।

୨.୪ ବିକଳ୍ପର ବିଶ୍ଳେଷଣ ଓ ସର୍ବନିମ୍ନ ଜମି ଅଧିଗ୍ରହଣର ଆକଳନ: ଭିତିଭୂମି ବିକାଶ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଆବଶ୍ୟକ । କିନ୍ତୁ, ଭିତିଭୂମି ବିକାଶ ପ୍ରକଳ୍ପ ପାଇଁ ଏଭଳି ସ୍ଥାନ ନିରୁପଣ ହେବା ଆବଶ୍ୟକ ଯେପରି ସର୍ବନିମ୍ନ ଜମି ଅଧିଗ୍ରହଣ ହେବ ଓ ସର୍ବନିମ୍ନ ଲୋକ ପ୍ରଭାବିତ ହେବେ । ଏହି ପ୍ରକଳ୍ପରେ ହାତୀ ନଦୀ ଉପରେ ଏକ ଉଚ୍ଚ ସେତୁ ଓ ସଂଯୋଗି କରଣ ରାସ୍ତା ନିର୍ମାଣ କରାଯିବ । ପ୍ରସ୍ତାବିତ ସଂଯୋଗି କରଣ ରାସ୍ତାର ଅଧିକାଂଶ ଭାଗ ବର୍ତମାନ ଥିବା ପୁରୁଣା ରାସ୍ତା ଉପରେ ନିର୍ମାଣ ହେବାପାଇଁ ଯୋଜନା ରହିଛି, ଏଣୁ ଅଧିକ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ । ଏସବୁକୁ ବିଚାରକୁ ନେଲେ, ପ୍ରକଳ୍ପ ପାଇଁ ଚୁଡାନ୍ତ ହୋଇଥିବା ଡିଜାଇନର ବିକଳ୍ପ ସନ୍ଧାନ କରିବା ଆବଶ୍ୟକତା ନାହିଁ ।

୨.୫. ଏହି ପ୍ରକଳ୍ପ ପାଇଁ ହୋଇ ଥିବା ଅନ୍ୟାନ୍ୟ ଗବେଷଣା ବା ଅନୁସନ୍ଧାନର ସବିଶେଷ ବିବରଣୀ

ପ୍ରାଥମିକ ସ୍ତରରେ ସହକାରୀ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନ, ଜୁନାଗଡ, କଳାହାଣ୍ଡିଙ୍କ ଦ୍ୱାରା ଏହି ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତି କରାଯାଇଛି । ଜଙ୍ଗଲ ଜମି ଅଧିଗ୍ରହଣର ପ୍ରସ୍ତାବ ନାହିଁ । ଏଣୁ ଜଙ୍ଗଲ ଜମି ହସ୍ତାନ୍ତରଣ ଯୋଜନା, ବନ୍ୟଜନ୍ତୁ ପରିଚାଳନା ଯୋଜନା, ଜୈବ ବିଭିନ୍ନତା ପରିଚାଳନା ଯୋଜନା ଇତ୍ୟାଦି ପ୍ରସ୍ତୁତ କରାଯାଇନାହିଁ ।

୨.୬. ପ୍ରଜୁଯ୍ୟ ଆଇନ୍ ବ୍ୟବସ୍ଥା ଓ ନୀତି ନିୟମ

ଏହି ଅନୁଚ୍ଛେଦରେ ଦେଶରେ ପ୍ରଚଳିତ ଥିବା ଜମି ଅଧିଗ୍ରହଣ, ପୁର୍ନବସତି ଓ ପୁନଃଥଇଥାନ ପାଇଁ ନୀତି ନିୟମ ମଧ୍ୟରୁ ପ୍ରସ୍ତାବିତ ପ୍ରକଳ୍ପ ପାଇଁ କେଉଁ ନୀତି ନିୟମ ଲାଗୁ ହେବା ଆବଶ୍ୟକ, ସେ ବିଷୟରେ ଆଲୋଚନା କରାଯାଇଛି ।

ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013): ପୂର୍ବରୁ ଜମି ଅଧିଗ୍ରହଣ ନିୟମ ୧୮୯୪ ଅନୁସାରେ ଜମି ଅଧିଗ୍ରହଣ କରା ଯାଉଥିଲା । କିନ୍ତୁ ଗତ ୧ ଜାନୁୟାରୀ ୨୦୧୪ ମସିହା ରୁ ନୁତନ ଉଚିତ୍ କ୍ଷତିପୁରଣ, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ଲାଗୁ ହେଲା । ଶିଳ୍ପାୟନ, ସହରୀକରଣ ଓ ବିକାଶ ମୂଳକ ଯୋଜନା ପାଇଁ ଜମି ଅଧିଗ୍ରହଣ ଏହି ଅଧିନିୟମ ଅନୁସାରେ କରିବାକୁ ପଡିଥାଏ । ଏଥିରେ ପ୍ରଭାବିତ ଲୋକମାନଙ୍କୁ ନିୟମ ଅନୁସାରେ ଉଚିତ୍ କ୍ଷତିପୁରଣ, ପୁର୍ନବସତି ଓ ପୁନଃଥଇଥାନ କରାଯାଇଥାଏ । ନିୟମ ଗୁଡିକ ସଂକ୍ଷେପ ରେ ହେଲା,

- ଜମି ଅଧିଗ୍ରହଣ ଏପରି ହେବା ଆବଶ୍ୟକ, ଯେଉଁଥିରେ ଲୋକଙ୍କର ଅଳ୍ପ ଜମି ଅଧିଗ୍ରହଣ ହେଉଥିବ ।
- ସ୍ଥାନୀୟ ସରପଂଚ ଏବଂ ଗ୍ରାମସଭାରେ ଜମି ଅଧିଗ୍ରହଣ ବିଷୟରେ ଆଲୋଚନା କରିବା ଆବଶ୍ୟକ ।
- ଜମି ହରାଉ ଥିବା ବ୍ୟକ୍ତି ଉଚିତ୍ କ୍ଷତିପୁରଣ ପାଇବାର ହକ୍‌ଦାର ଅଟନ୍ତି ।
- ଜମି ଅଧିଗ୍ରହଣ ପ୍ରଣାଳୀରେ ସ୍ୱଚ୍ଛତା ଅବଲମ୍ବନ କରିବା ଆବଶ୍ୟକ ଅଟେ ।
- ପ୍ରଭାବିତ ବ୍ୟକ୍ତିଙ୍କ ପୁନଃଥଇଥାନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ଆବଶ୍ୟକ ଅଟେ ।
- ପ୍ରଭାବିତ ବ୍ୟକ୍ତିମାନଙ୍କୁ ବିକାଶମୂଳକ କାର୍ଯ୍ୟରେ ସୁଯୋଗ ଦେବା ଆବଶ୍ୟକ ।

- ସରକାରୀ-ବେସରକାରୀ ଭାଗୀଦାରୀ ପ୍ରକଳ୍ପ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ପାଇଁ ଶତକଡା ୭୦ ଜମି ହରାଉ ଥିବା ଲୋକମାନଙ୍କର ଅନୁମୋଦନ ଆବଶ୍ୟକ ଏବଂ ବେସରକାରୀ ପ୍ରକଳ୍ପ ପାଇଁ ଶତକଡା ୮୦ ଭାଗ ଜମି ହରାଉ ଥିବା ଲୋକମାନଙ୍କର ଅନୁମୋଦନ ଆବଶ୍ୟକ ।

ଓଡିଶା ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ନିୟମ ୨୦୧୬ (Odisha RFCTLAR&R Rules, 2016): ଉପରେ ଆଲେଚନା କରାଯାଇଥିବା ଭାରତ ସରକାରଙ୍କର ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ର ଧାରା ୧୦୯ ଅନ୍ତର୍ଗତ ଉପଧାରା ୧ ଅନୁଯାୟୀ, ଓଡ଼ିଶା ସରକାର ଏହି ନିୟମକୁ ୮ ତାରିଖ ଫେବୃୟାରୀ ୨୦୧୬ ରେ ଓଡ଼ିଶା ରାଜ୍ୟରେ ସମସ୍ତ ଅଂଚଳରେ ଲାଗୁ କଲେ । ଏହି ନିୟମରେ, ସାମାଜିକ ପ୍ରଭାବ ଆକଳନ, ଜନ ଶୁଣାଣି, ଜମି ହରାଉ ଥିବା ଲୋକମାନଙ୍କର ଅନୁମୋଦନ, ଉଚିତ କ୍ଷତିପୂରଣର ଆକଳନ, ପୁର୍ନବସତି ଓ ପୁନଃଥଇଥାନ ଇତ୍ୟାଦି କିପରି କରାଯିବ ସେଥିପାଇଁ ମାର୍ଗଦର୍ଶୀ ନୀତି ନିର୍ଦ୍ଧାରଣ କରା ଯାଇଛି । ଏହି ସବୁ କାର୍ଯ୍ୟ ପ୍ରଣାଳୀରେ ସଂପୃକ୍ତ ସମସ୍ତ ସଂସ୍ଥା ତଥା ଅଧିକାରୀ ମାନଙ୍କ କର୍ତବ୍ୟ ଏବଂ ଦାୟିତ୍ୱ ନିର୍ଦ୍ଧାରଣ କରା ଯାଇଛି ।

ଅନ୍ୟାନ୍ୟ ଆଇନ ଓ ନିୟମର ପ୍ରଯୁଜ୍ୟତା: ଉପର ପାରା ମାନଙ୍କରେ ଆଲୋଚନା କରାଯାଇ ଥିବା ଅଧିନିୟମ ଓ ଆଇନ୍ ବ୍ୟବସ୍ଥାକୁ ଅନୁସରଣ କରି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପାଦନ କରାଯିବ । ଏତତ୍ ବ୍ୟତିତ, ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ କାର୍ଯ୍ୟ ସମ୍ପାଦନ କଲାବେଳେ ଭାରତର ଓ ଓଡିଶା ସରକାରଙ୍କର ଅନ୍ୟ ଆଇନ ବ୍ୟବସ୍ଥା ଓ ନିୟମର ପ୍ରଯୁଜ୍ୟତା ମଧ୍ୟ ରହିବ । କିନ୍ତୁ ନୁଆ ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର କୌଣସି ବି ଆଧାରରୁ ବିଚ୍ୟୁତ କରି ହେବ ନାହିଁ ।

୩. ସାମାଜିକ ପ୍ରଭାବ ଆକଳନ ପାଇଁ ଅବଲମ୍ବନ କରାଯାଇଥିବା ପଦ୍ଧତି

୩.୧ ସାମାଜିକ ପ୍ରଭାବ ଆକଳନ କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ

ପୂର୍ବରୁ ଭାଗ ୨ ରେ ହୋଇଥିବା ବର୍ଣ୍ଣନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲାର ଜୁନାଗଡଠାରେ ହାତୀ ନଦୀ ଉପରେ ଉଚ୍ଚ ସେତୁ ଓ ତତସଂଲଗ୍ନ ରାସ୍ତା ନିର୍ମାଣର ପ୍ରସ୍ତାବ ଅଛି । ଏଥିପାଇଁ, ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ଅନୁଯାୟୀ ବୁଦେଲ ଗ୍ରାମରୁ ୦.୦୯ ଏକର ବେସରକାରୀ ଚାଷଜମି ଅଧିଗ୍ରହଣ ହେବ । ଏହି ବୁଦେଲ ଗ୍ରାମ, କଳାହାଣ୍ଡି ଜିଲ୍ଲା ଜୁନାଗଡ ତହସିଲର ମାଳିଗୁଡା ଗ୍ରାମପଂଚାୟତ ଅଧିନରେ ଅଛି କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଜମିର ବିବରଣୀ ଏବଂ ପ୍ରସ୍ତାବ ଜମା ହୋଇସାରିଛି ଏବଂ ପ୍ରାରମ୍ଭିକ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି ।

ରାଜ୍ୟ ସାମାଜିକ ପ୍ରଭାବ ଅକଳନ ସଂସ୍ଥା "ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡିଜ୍, ଭୁବନେଶ୍ୱର (NCDS)", ଉପରେ ଦର୍ଶାଯାଇଥିବା ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ "ଆମୃଷା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍" କୁ ନିୟୋଜିତ କରିଛନ୍ତି (ଚିଠି ନଂ ୨୨୩/ଏନସିଡିଏସ, ତାରିଖ ୨୧.୦୭.୨୦୨୫) । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା

ସରକାର, ଏହି ଆଧାରରେ ସାମାଜିକ ପ୍ରଭାବ ଆକଳନ କାର୍ଯ୍ୟର ଅଧିସୂଚନା (No. RDM-LAA-KLD-0005-2025-37501/RDM ତାରିଖ ୦୬.୧୦.୨୦୨୫) ଜାରି କରିଛନ୍ତି । ଏହାର ଏକକିତା ନକଲ ପରିଶିଷ୍ଟ ୧ ରେ ଦିଆଯାଇଛି ।

୩.୨ ସାମାଜିକ ପ୍ରଭାବ ଆକଳନ ପାଇଁ ନିୟୋଜିତ ଟିମ୍:

ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନ ପାଇଁ ଆମୃଷା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍ ଏକ ଟିମ୍ ନିଯୁକ୍ତି କରିଛନ୍ତି । ଏହି ଟିମ୍ ର ସଦସ୍ୟ ମାନଙ୍କ ନାମ ଏବଂ ଶିକ୍ଷାଗତ ଯୋଗ୍ୟତା ନିମ୍ନରେ ଦିଆଗଲା ।

ସାରଣୀ ୧. ସାମାଜିକ ପ୍ରଭାବ ଆକଳନ ଟିମ୍ ର ସଦସ୍ୟ ମାନଙ୍କ ସମ୍ପୂର୍ଣ୍ଣ ବିବରଣୀ

ପଦବୀ	ନାମ	ଶିକ୍ଷାଗତ ଯୋଗ୍ୟତା	ବୃତିଗତ ଯୋଗ୍ୟତା
ଟିମ୍ ମୁଖ୍ୟ	ଅମୁଲ୍ୟ କୁମାର ଜେନା	ଅର୍ଥଶାସ୍ତ୍ରରେ ସ୍ନାତକୋତର	ସାମାଜିକ ଗବେଷଣା ଏବଂ ସମାଜିକ ଦାୟିତ୍ୱ କାର୍ଯ୍ୟକ୍ରମରେ ୧୮ ବର୍ଷର ଅଭିଜ୍ଞତା
ମେଣ୍ଟର ପୁନର୍ବାସ ଓ ଥଇଥାନ ପରାମର୍ଶଦାତା	ବି.ଦାଶ	କୃଷି ବିଜ୍ଞାନରେ ସ୍ନାତକୋତର, ଏମବିଏ,ଏଲଏଲବି.	ବିକାଶମୂଳକ ଗବେଷଣା, ସାମାଜିକ ଓ ପରିବେଶ ପ୍ରଭାବର ଆକଳନ ଏବଂ ପୁନର୍ବାସ ଓ ଥଇଥାନ ଅଧ୍ୟୟନରେ ୩୦ ବର୍ଷର ଅଭିଜ୍ଞତା
ଗବେଷଣା ପରିଚାଳକ	ଚନ୍ଦ୍ରମଣି ବେହେରା	ଅର୍ଥନୀତିରେ ସ୍ନାତକ, ପିଜିଡିସିଏ	ସାମାଜିକ ଗବେଷଣା ଏବଂ ପୁନର୍ବାସ ଓ ଥଇଥାନ ଅଧ୍ୟୟନରେ ୨୫ ବର୍ଷର ଅଭିଜ୍ଞତା
ଗବେଷଣା ଅନୁସନ୍ଧାନକାରୀ	ପ୍ରଣୟ ରଞ୍ଜନ ପରିଡା	ବାଣିଜ୍ୟ ରେ ସ୍ନାତକ, ଡିସିଏ	ସାମାଜିକ ଗବେଷଣା ଏବଂ ପୁନର୍ବାସ ଓ ଥଇଥାନ ଅଧ୍ୟୟନରେ ୧୨ବର୍ଷର ଅଭିଜ୍ଞତା
ଗବେଷଣା ଅନୁସନ୍ଧାନକାରୀ	ଅନିଲ ମହାନ୍ତି	ସ୍ନାତକ, ଡିସିଏ, ଡିଟିପି	ସାମାଜିକ ଗବେଷଣା ଏବଂ ପୁନର୍ବାସ ଓ ଥଇଥାନ ଅଧ୍ୟୟନରେ ୮ ବର୍ଷର ଅଭିଜ୍ଞତା
ତଥ୍ୟ ବିଶ୍ଳେଷକ Data Analyst	ଅନିରୁଦ୍ଧ ନାୟକ	ସ୍ନାତକ, ପିଜିଡିସିଏ	ସର୍ଭେକ୍ଷଣ, ତଥ୍ୟ ବିଶ୍ଳେଷଣ କରିବାରେ ୧୫ ବର୍ଷର ଅଭିଜ୍ଞତା

୩.୩. ସାମାଜିକ ପ୍ରଭାବ ଆକଳନର ଉଦ୍ଦେଶ୍ୟ ଓ ପରିସର

ଏହି ସାମାଜିକ ପ୍ରଭାବ ଆକଳନ, ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ବିଭିନ୍ନ ବ୍ୟବସ୍ଥାକୁ ଆଧାର କରି ଏବଂ ଓଡିଶା ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ନିୟମ ୨୦୧୬ (Odisha RFCTLAR&R Rules, 2016) ର ମାର୍ଗଦର୍ଶୀ ନୀତି ଅନୁଯାୟୀ କରାଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ଓ ପରିସର ନିମ୍ନରେ ଦର୍ଶାଯାଇଛି ।

- ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ପ୍ରସ୍ତୁତ ସମସ୍ତ ରିପୋର୍ଟ, ତଥ୍ୟ, ମ୍ୟାପ୍ ଇତ୍ୟାଦିର ତନ୍ନତନ୍ନ କରି ବିଶ୍ଳେଷଣ କରିବା ଓ ଏହାକୁ ଫିଲଡ୍‌ରେ ଯାଂଚ କରିବା, ଜମି ହରାଉଥିବା ପରିବାରର ସର୍ଭେ କରିବା ପରେ ନିମ୍ନଲିଖିତ ଆକଳନ କରିବା ।

- ପ୍ରସ୍ତାବିତ ପ୍ରକଳ୍ପର ପ୍ରଭାବିତ ଅଂଚଳ ନିର୍ଦ୍ଧାରଣ ଏବଂ ଜମି ଅଧିଗ୍ରହଣର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ପରିବେଶ ଜନିତ ପ୍ରଭାବର ଆକଳନ ।

- ପ୍ରକଳ୍ପ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣର ସବିଶେଷ ବିବରଣୀ ଓ ଏହା ସର୍ବନିମ୍ନ ଆବଶ୍ୟକତାର ନିର୍ଦ୍ଧାରଣ ।

- ପ୍ରକଳ୍ପର ସ୍ଥାନ ସମ୍ପର୍କରେ ସମସ୍ତ ସମ୍ଭାବିତ ବିକଳ୍ପର ବିଶ୍ଳେଷଣ ।

- ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜମିର ବିକ୍ରି, ହସ୍ତାନ୍ତରଣ ସମ୍ବନ୍ଧରେ ତଥ୍ୟ ସଂଗ୍ରହ ।

- ଆଗରୁ ଅଧିଗ୍ରହଣ ହୋଇ ଅବ୍ୟବହୃତ ରହିଥିବା କୌଣସି ଜମି, ସରକାରୀ ଅନାବାଦୀ ଜମିକୁ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ବ୍ୟବହାର କରି ହେବ କି ନାହିଁ, ତାର ବିଶ୍ଳେଷଣ ।

- ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜମିର ବ୍ୟବହାର, ଜମିର ପ୍ରକାର, କିସମ ଏବଂ ଜମି ଯଦି ଋଷ କାମରେ ବ୍ୟବହାର ହେଉ ଥାଏ ତେବେ ତାର କେତେ ଭାଗ ଜଳସେଚିତ ଏବଂ ଜମିରେ କଣ ସବୁ ଋଷ କାର୍ଯ୍ୟ ହେଉଛି, ତାର ତଥ୍ୟ ସଂଗ୍ରହ ।

- ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜମିର ଖାଦ୍ୟ ସୁରକ୍ଷା ଉପରେ କଣ ପ୍ରଭାବ ଅଛି ।

- ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜମିର ମାଲିକାନା ସତ୍ୱ, ଏଥିରେ ଥିବା ବାସଗୃହ, ଜନସାଧାରଣଙ୍କ ବ୍ୟବହୃତ କିମ୍ବା ସରକାରୀ ସମ୍ପତ୍ତିର ଆକଳନ (ଯଦି, ଥାଏ) ।

- ଜମିର ମୂଲ୍ୟ, ବିଗତ ୩ ବର୍ଷ ଭିତରେ ଜମି ମାଲିକାନା ସତ୍ୱର ପରିବର୍ତ୍ତନ, ହସ୍ତାନ୍ତରଣ ଇତ୍ୟାଦିର ବିବରଣୀ ।

ଏତତ୍ ବ୍ୟତିତ, ସାମାଜିକ ପ୍ରଭାବ ଆକଳନରେ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦିତ ହେବ ।

- ପ୍ରଭାବିତ ପରିବାର ତଥା ବିସ୍ଥାପିତ ପରିବାରର, ଜନଗଣନା ପଦ୍ଧତିରେ ଚିହ୍ନଟ କରିବା ।
- ପ୍ରଭାବିତ ଅଂଚଳର ସାମାଜିକ, ଆର୍ଥିକ ତଥା ସାଂସ୍କୃତିକ ସ୍ଥିତିର ବିବରଣୀ ସଂଗ୍ରହ କରିବା ।
- ପ୍ରଭାବିତ ଅଂଚଳରେ ପ୍ରସ୍ତାବିତ ପ୍ରକଳ୍ପର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ପରିବେଶ ଜନିତ କୁପ୍ରଭାବ ଓ ସୁପ୍ରଭାବକୁ ଚିହ୍ନଟ କରିବା ଏବଂ ପ୍ରଭାବର ମାତ୍ରାକୁ ନିର୍ଦ୍ଧାରଣ କରିବା ।
- ପଂଚାୟତ ସଦସ୍ୟ ଓ ଅଧିକାରୀମାନଙ୍କ ସହିତ ପ୍ରକଳ୍ପର ପ୍ରଭାବ ସମ୍ବନ୍ଧରେ ବିଚାରବିମର୍ଶ କରିବା ।

- ପ୍ରସ୍ତାବିତ ପ୍ରକଳ୍ପର କୁପ୍ରଭାବ କୁ କମ୍ କରିବା ପାଇଁ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (Social Impact Management Plan (SIMP)) ପ୍ରସ୍ତୁତ କରିବା ।
- ସାମାଜିକ ପ୍ରଭାବ ଆକଳନ (SIA) ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ରିପୋର୍ଟ କୁ ଓଡିଆ ଭାଷା ରେ ପ୍ରସ୍ତୁତ କରି ଜନଶୁଣାଣି ର ଛଅ ସପ୍ତାହ ପୂର୍ବରୁ ପ୍ରଭାବିତ ଗ୍ରାମ ପଂଚାୟତ ଅଂଚଳରେ ବାଣ୍ଟିବା ।
- ପ୍ରଭାବିତ ଅଂଚଳରେ ସ୍ଥାନୀୟ ପ୍ରଶାସନ ଏବଂ ଜମି ଆବଶ୍ୟକ କରୁଥିବା ସଂସ୍ଥା ମାଧ୍ୟମରେ ଜନଶୁଣାଣିର ଆୟୋଜନ କରି, ସେଠାରେ ସ୍ଥାନୀୟ ଭାଷାରେ ରିପୋର୍ଟକୁ ଆଲୋଚନା କରି, ପ୍ରଭାବିତ ଅଂଚଳର ଲୋକମାନଙ୍କ ଠାରୁ ମତାମତ ନିଆଯିବ ।
- ଜନଶୁଣାଣି ସମୟର ସମସ୍ତ ଆଲୋଚନା ଭିଡିଓ ରେକର୍ଡିଂ ହେବ ଓ ଏହି ଆଲୋଚନାକୁ ଆଧାର କରି ଚୁଡାନ୍ତ ରିପୋର୍ଟ ଓଡିଆ ଭାଷା ରେ ପ୍ରସ୍ତୁତ ହେବ ।

୩.୪. ଅବଲମ୍ବନ କରାଯାଇଥିବା ପଦ୍ଧତିର ବିବରଣୀ

ସାମାଜିକ ପ୍ରଭାବ ଆକଳନ ପାଇଁ ଆବଶ୍ୟକ ତଥ୍ୟ ଦୁଇଟି ପଦ୍ଧତିରେ ସଂଗ୍ରହ କରାଯାଇଛି । ପ୍ରଥମତଃ ପ୍ରଭାବିତ ଗ୍ରାମରେ ଜମି ହରାଉ ଥିବା ପରିବାର ମାନଙ୍କୁ ଚିହ୍ନଟ କରି, ଘରକୁ ଘର ଯାଇ ସମାଜିକ, ଆର୍ଥିକ ତଥା ଅନ୍ୟାନ୍ୟ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଛି । ଏହା ସହିତ ପ୍ରଭାବିତ ଗ୍ରାମମାନଙ୍କରେ ଥିବା ବିଭିନ୍ନ ସର୍ବସାଧାରଣ ସମ୍ପତି ଓ ସମ୍ବଳ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଛି ଏବଂ ଗୋଷ୍ଠି ଆଲୋଚନା ମାଧ୍ୟମରେ ପ୍ରସ୍ତାବିତ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ତଥ୍ୟ ସଂଗ୍ରହ କରା ଯାଇଛି । ଦ୍ୱିତୀୟରେ, ବିଭିନ୍ନ ସରକାରୀ ସଂସ୍ଥା ଓ ରାସ୍ତା, ଗୃହ ନିର୍ମାଣ ଡିଭିଜନ କାର୍ଯ୍ୟାଳୟରୁ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇଛି । ତାପରେ, ପ୍ରାଥମିକ ତଥ୍ୟକୁ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କିତ ଅତିରିକ୍ତ ତଥ୍ୟ ସହିତ ଭଲ ଭାବରେ ବିଶ୍ଳେଷଣ କରି ରିପୋର୍ଟ ପ୍ରସ୍ତୁତ କରାଯାଇଛି ।

ସାମାଜିକ ପ୍ରଭାବ ଆକଳନ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ:

୧- ଆକଳନ ପାଇଁ ବ୍ୟବହୃତ ପଦ୍ଧତିର ଚିହ୍ନଟ, ସର୍ଭେ ଫର୍ମର ପ୍ରସ୍ତୁତି ଓ ଏହାର ବ୍ୟବହାର ପୂର୍ବରୁ ପରୀକ୍ଷା

୨- ବିଭିନ୍ନ ସରକାରୀ ସଂସ୍ଥା ଓ ପ୍ରକଳ୍ପ କାର୍ଯ୍ୟାଳୟରୁ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କିତ ତଥ୍ୟ ସଂଗ୍ରହ

୩- ପ୍ରଭାବିତ ଗ୍ରାମ ଓ ଜମି ହରାଉଥିବା ପରିବାରରୁ ପ୍ରାଥମିକ ତଥ୍ୟ ସଂଗ୍ରହ

୪- ସଂଗୃହିତ ତଥ୍ୟର ବିଶ୍ଳେଷଣ ଏବଂ ରିପୋର୍ଟ ପ୍ରସ୍ତୁତି

୫- ଜନଶୁଣାଣି

୬- ଚୁଡାନ୍ତ ରିପୋର୍ଟ ପ୍ରସ୍ତୁତି

ଫିଲ୍ଡ ସର୍ଭେ ସମୟର କିଛି ଫଟୋ

Bridge under construction

ତଥ୍ୟ ସଂଗ୍ରହ ପଦ୍ଧତିର ତାଲିକା (**Tools used**):

ପ୍ରାଥମିକ ତଥ୍ୟ ସଂଗ୍ରହ	ପ୍ରକଳ୍ପ ସମ୍ପର୍କିତ, ଅନ୍ୟାନ୍ୟ ତଥ୍ୟ ସଂଗ୍ରହ
▪ ପ୍ରଭାବିତ ପରିବାରର ଘରକୁ ଘର ଜନଗଣନା ଓ ତଥ୍ୟ ସଂଗ୍ରହ ▪ ଜିବୀକା ହରାଉଥିବା ପରିବାର (କୃଷି ଶ୍ରମିକ ଓ ଭାଗଚାଷୀ) ର ଘରକୁ ଘର ଜନଗଣନା ଓ ତଥ୍ୟ ସଂଗ୍ରହ ▪ ଗ୍ରାମରେ ପରୋକ୍ଷ ଭାବରେ ପ୍ରଭାବିତ ହେଉଥିବା ପରିବାରରୁ ତଥ୍ୟ ସଂଗ୍ରହ ▪ ପ୍ରଭାବିତ ଗ୍ରାମରେ ସର୍ବସାଧାରଣ ସମ୍ପତି, ପ୍ରାକୃତିକ ସମ୍ପଦ, ସାମାଜିକ ତଥା ସାଂସ୍କୃତିକ ସ୍ଥଳର ତଥ୍ୟ ସଂଗ୍ରହ ▪ ସାମାଜିକ ପ୍ରଭାବ ସମ୍ପର୍କରେ ଗୋଷ୍ଠି ଆଲୋଚନା ମାଧ୍ୟମରେ ତଥ୍ୟ ସଂଗ୍ରହ ▪ ଗ୍ରାମ ମୁଖିଆ, ସରପଂଚ, ମହିଳା ପଂଚାୟତ ପ୍ରତିନିଧି, ଯୁବକମାନଙ୍କ ସହିତ ପ୍ରକଳ୍ପର ସାମାଜିକ ପ୍ରଭାବ ଉପରେ ଆଲୋଚନା କରି ତଥ୍ୟ ସଂଗ୍ରହ ▪ ବିଭାଗୀୟ ସରକାରୀ କର୍ମଚାରୀମାନଙ୍କ ସହିତ ସାମାଜିକ ପ୍ରଭାବ ଉପରେ ଆଲୋଚନା କରି ତଥ୍ୟ ସଂଗ୍ରହ ▪ ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀ, ଜିଲ୍ଲା ପ୍ରଶାସନର ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃ ଥଇଥାନର ଅଧିକାରୀମାନଙ୍କ ସହିତ ଆଲୋଚନା କରି ତଥ୍ୟ ସଂଗ୍ରହ	▪ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ▪ ପ୍ରକଳ୍ପ ଅଂଚଳର ମ୍ୟାପ୍ ଏବଂ ସବିଶେଷ ବିବରଣୀ ▪ ଅଧିନିୟମ, ନୀତି ଓ ଆଇନ୍ ବ୍ୟବସ୍ଥା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ▪ ଅନ୍ୟାନ୍ୟ ଅଧ୍ୟୟନ ଓ ଜମି ଅଧିଗ୍ରହଣ ପ୍ରସ୍ତାବ ▪ ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା ▪ ୨୦୧୧ ଜନଗଣନା ତଥ୍ୟ

ସମସ୍ତ ତଥ୍ୟ ସଂଗ୍ରହ ପଦ୍ଧତିକୁ ପ୍ରୟୋଗ କରିବା ପୂର୍ବରୁ ରାଜ୍ୟ ସମନ୍ୱୟ ସଂସ୍ଥା "ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡିଜ୍, ଭୁବନେଶ୍ୱର (NCDS)" ର ମୁଖ୍ୟଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରା ଯାଇଥିଲା ।

୩.୫. ନମୁନା ସର୍ବେକ୍ଷଣ:

ପ୍ରଭାବିତ ହେଉଥିବା ବୁଦେଲ ଗ୍ରାମରେ ଜମି ହରାଉଥିବା ୭ଟି ପରିବାରଙ୍କର ଘରକୁ ଘର ସମ୍ପୂର୍ଣ୍ଣ ସର୍ଭେ କରାଯାଇଛି । ଏତତ୍ ବ୍ୟତୀତ, ସେହି ଗ୍ରାମରେ ପରୋକ୍ଷ ଭାବରେ ପ୍ରଭାବିତ ହୋଉଥିବା ପରିବାରମାନଙ୍କ ମଧ୍ୟରୁ ନମୁନା ସର୍ବେକ୍ଷଣ ମାଧ୍ୟମରେ କେବଳ ୮ଟି ପରିବାରରୁ ତଥ୍ୟ ସଂଗ୍ରହ କରାଯାଇଛି । ସର୍ଭେ ହେଇଥିବା ସେହି ୮ଟି ପରିବାର ମଧ୍ୟରୁ ୬ଟି (୭୫%) ଅନ୍ୟାନ୍ୟ ପଛୁଆବର୍ଗ ଓ, ୨ଟି (୨୫%) ଅନୁସୂଚିତ ଜାତି ବର୍ଗ ପରିବାର ଅଟନ୍ତି ।

୩.୬ ଜନ ଶୁଣାଣୀ ସମ୍ପର୍କରେ

ସାମାଜିକ ପ୍ରଭାବ ଆକଳନର ଡ୍ରାଫ୍ଟ ରିପୋର୍ଟ ଦାଖଲ ହୋଇଛି । ଏହା ପରେ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରଭାବିତ ଗ୍ରାମରେ ଜନଶୁଣାଣି ୨୬.୦୩.୨୦୨୬ ରେ ଅନୁଷ୍ଠିତ କରାଯାଇଛି । ଜନଶୁଣାଣୀର ବିବରଣୀ, ଏହି ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ରିପୋର୍ଟରେ ପରିଶିଷ୍ଟ ୫ରେ ଉପସ୍ଥାପନ ହେଇଛି ।

୩.୭. ସାମାଜିକ ପ୍ରଭାବ ଆକଳନ ପଦ୍ଧତିର ଶେଷକଥା

- ଏହି ସାମାଜିକ ପ୍ରଭାବ ଆକଳନ ରିପୋର୍ଟ, ଜମି ଓ ଜିବିକା ହରାଉଥିବା ପରିବାର, ପ୍ରଭାବିତ ଗ୍ରାମବାସୀ ମାନେ ପ୍ରସ୍ତାବିତ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ଦେଇଥିବା ମତାମତ, ମନ୍ତବ୍ୟ
- କୁ ଆଧାର କରି ପ୍ରସ୍ତୁତ ହୋଇଛି । ଯେଉଁଠାରେ ସମ୍ଭବ, ଲୋକମାନଙ୍କର ମତାମତ ଓ ମନ୍ତବ୍ୟକୁ ସରକାରୀ ଓ ପ୍ରକଳ୍ପ ସମ୍ବନ୍ଧୀୟ ତଥ୍ୟ ସହ ତୁଳନା କରାଯାଇ ବିଶ୍ଳେଷଣ କରାଯାଇଛି ।
- ପ୍ରକଳ୍ପଟି ବର୍ତ୍ତମାନ ପ୍ରସ୍ତାବରେ ଅଛି । ବର୍ତ୍ତମାନ ଲୋକମାନେ ଏହାର ପ୍ରଭାବ ଅନୁଭବ କରିନାହାନ୍ତି । ତଥାପି ଲୋକମାନେ ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ଉପରେ ଯେତେଦୂର ସମ୍ଭବ ଠିକ୍ ମତାମତ ଦେଇଛନ୍ତି, ଯାହାକୁ ଟିମ୍ ସଦସ୍ୟ ମାନଙ୍କର ନିଜସ୍ୱ ମତାମତ ସହ ବିଶ୍ଳେଷଣ କରାଯାଇ ରିପୋର୍ଟରେ ଉପସ୍ଥାପିତ କରାଯାଇଛି । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରକୃତ ପ୍ରଭାବ ଜଣାପଡିବ ଓ ରିପୋର୍ଟରେ ଦର୍ଶିତ ସମ୍ଭାବ୍ୟ ପ୍ରଭାବ ସମାନ୍ୟ ଭାବରେ ବଦଳି ପାରେ ।

୪. ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର ବିବରଣୀ

୪.୧. ପ୍ରଭାବିତ ଅଂଚଳ

ପୂର୍ବରୁ ଆଲୋଚନା କରଯାଇଛି ଯେ, ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ଜୁନାଗଡ ତହସିଲ ଅଧିନରେ ବୁଦେଲ ଗ୍ରାମରୁ ୦.୦୯ ଏକର ଜମି ଅଧିଗ୍ରହଣ ହେବ । ଏହି ଗ୍ରାମରେ ଜମି ଅଧିଗ୍ରହଣର ସାମାଜିକ, ଅର୍ଥନୈତିକ ଓ ସାସ୍କୃତିକ ପ୍ରଭାବ ପଡିବାର ସମ୍ଭାବନା ଅଛି । ଏଣୁ, ଏହି ଗ୍ରାମକୁ ପ୍ରକଳ୍ପର ପ୍ରଭାବିତ ଅଂଚଳ ଭାବେ ବିବେଚନା କରାଯାଇଛି ।

୪.୨ : ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସର୍ବମୋଟ ୦.୦୯ ଏକର ବେସରକାରୀ ଜମି ଆବଶ୍ୟକ, ଯାହା କଳାହାଣ୍ଡି ଜିଲ୍ଲାର ଜୁନାଗଡ ତହସିଲ ଅଧିନରେ ଥିବା ବୁଦେଲ ଗ୍ରାମରୁ ଅଧିଗ୍ରହଣ ହେବ ।

ସାରଣୀ ୨. ପ୍ରଭାବିତ ଗ୍ରାମଗୁଡିକର ତାଲିକା (ଏକରରେ)

ଗ୍ରାମ	ଗ୍ରାମ ପଂଚାୟତ	ତହସିଲ	ଅଧିଗ୍ରହଣ ହେବାକୁ ଥିବା ବେସରକାରୀ ଜମି (ଏକରରେ)
ବୁଦେଲ	ମାଳିଗୁଡା	ଜୁନାଗଡ	୦.୦୯୦
ମୋଟ	-	-	**୦.୦୯୦**

ତଥ୍ୟ ର ଉତ୍ସ: ସହକାରୀ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନ କାର୍ଯ୍ୟାଳୟ, ଜୁନାଗଡ, କଳାହାଣ୍ଡି

୪.୩. ସର୍ବନିମ୍ନ ଜମି ଅଧିଗ୍ରହଣର ଆକଳନ

ବିକାଶ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଆବଶ୍ୟକ । କିନ୍ତୁ, ବିକାଶ ପ୍ରକଳ୍ପ ପାଇଁ ଏଭଳି ସ୍ଥାନ ନିରୁପଣ ହେବା ଆବଶ୍ୟକ ଯେପରି କମ୍ ଜମି ଅଧିଗ୍ରହଣ ହେବ ଓ କମ୍ ଲୋକ ପ୍ରଭାବିତ ହେବେ । ଏହି ସାମାଜିକ ପ୍ରଭାବ ଆକଳନ ସର୍ଭେରେ ପ୍ରକଳ୍ପ ପାଇଁ ବିକଳ୍ପ ସ୍ଥାନ ଉପରେ ଅନୁସନ୍ଧାନ କରାଯାଇ ଥିଲା । ପ୍ରସ୍ତାବିତ ସେତୁ ନିର୍ମାଣ ସ୍ଥାନର ବିକଳ୍ପ ଭାବେ ଅନ୍ୟ ସ୍ଥାନ ପାଇଁ ସର୍ଭେ ଟିମ୍ ଗ୍ରାମବାସୀଙ୍କ ସହିତ ପରାମର୍ଶ କରିଥିଲେ । କିନ୍ତୁ

ଦେଖାଗଲା ଯେ ଚିହ୍ନଟ କରାଯାଇଥିବା ସ୍ଥାନଟି ଠିକ୍ ଅଛି ଓ ଏହାର ବିକଳ୍ପ ଖୋଜିବା ଅବଶ୍ୟକତା ନାହିଁ । ଏହି ସ୍ଥାନ ପାଇଁ ସର୍ବନିମ୍ନ ଜମି ଅଧିଗ୍ରହଣ ହେଉଛି । କାରଣ, ପ୍ରକଳ୍ପ ଅନୁମୋଦିତ ଡିଜାଇନ ଅନୁସାରେ, ସେତୁକୁ ସଂଯୋଗ କରୁଥିବା ରାସ୍ତାର ଅଧିକାଂଶ ଅଂଶ ପୁରୁଣା ରାସ୍ତା ଉପରେ ନିର୍ମାଣ ହେବ । ତେଣୁ ବେଶି ଜମି ଅଧିଗ୍ରହଣ ହେବ ନାହିଁ; କେବଳ ୦.୦୯ ଏକର ଜମି ଅଧିଗ୍ରହଣ ହେବ ।

୪.୪. ଅନୁସୂଚିତ ଅଂଚଳ (Scheduled Area) ରେ ଜମି ଅଧିଗ୍ରହଣକୁ ଏଡାଇବା ପାଇଁ ବିକଳ୍ପର ଅନ୍ୱେଷଣ

ଏହି ପ୍ରକଳ୍ପଟି କଳାହାଣ୍ଡି ଜିଲ୍ଲାର ଜୁନାଗଡ ବ୍ଲକରେ କରାଯାଉଛି, ଯାହାକି ଅନୁସୂଚିତ ଅଂଚଳ (Scheduled Area) ପରିସର ଭିତରେ ଆସୁନାହିଁ । ଏଣୁ ଏହାର କୌଣସି ବିକଳ୍ପ ଆବଶ୍ୟକତା ନାହିଁ ।

୪.୫. ଅଧିଗ୍ରହଣ ହେବାକୁ ଥିବା ଜମିର କିସମ

ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ୦.୦୯ ଏକର ବେସରକାରୀ ଜମି ଚାଷ ଜମି କିସମର ଅଟେ । ସରକାରୀ ତଥ୍ୟ ଅନୁସାରେ ସମ୍ପୂର୍ଣ ବିବରଣୀ ସାରଣୀ ୩ ରେ ଦର୍ଶାଯାଇଛି । ଅଧିଗ୍ରହଣ ହେଉଥିବା ଜମି ମଧ୍ୟରୁ ୦.୦୪ ଏକର ଘରବାରୀ କିସମ ଓ ୦.୦୫ ଏକର ମାଳ ଜମି. ଯାହା କୃଷି ପାଇଁ ବର୍ଷା ଉପରେ ନିର୍ଭରଶୀଳ । ଏହି ସବୁ ଜମିରେ ଜଳସେଚନର ସୁବିଧା ନାହିଁ ।

ସାରଣୀ ୩. ଅଧିଗ୍ରହଣ ହେଉଥିବା ଜମିର କିସମ

ଜମିର କିସମ	ଜମିର ପରିମାଣ (ଏକରରେ)	%
ଘରବାରୀ	୦.୦୪	୪୪.୦୦
ମାଳ	୦.୦୫	୫୬.୦୦
ମୋଟ	**୦.୦୯**	**୧୦୦.୦୦**

ତଥ୍ୟ ର ଉତ୍ସ: ସହକାରୀ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନ କାର୍ଯ୍ୟାଳୟ, ଜୁନାଗଡ, କଳାହାଣ୍ଡି

୪.୬. ଖାଦ୍ୟ ସୁରକ୍ଷା ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥାର ପ୍ରଯୁଜ୍ୟତା:

ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସମସ୍ତ ୦.୦୯ ଏକର ବେସରକାରୀ ଜମି ମଧ୍ୟରୁ ୦.୦୫ ଏକର ଚାଷଜମି ଅଟେ ଓ ଏଥିରେ କେବଳ ବର୍ଷାଋତୁରେ ଚାଷ କରାଯାଏ । ଏହି ଜମିରେ କୌଣସି ପ୍ରକାର ଜଳସେଚନର ବ୍ୟବସ୍ଥା ନାହିଁ । ତେଣୁ ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ଭାଗ ୧୦ (୧) ରେ ଥିବା ଜଳସେଚିତ ତଥା ଏକାଧିକ ଫସଲ ହେଉଥିବା ଜମିର ଅଧିଗ୍ରହଣ ପାଇଁ ଲାଗୁ ହେଉଥିବା ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଏହି ପ୍ରକଳ୍ପ ପାଇଁ ଲାଗୁ ହେବ ନାହିଁ ।

୫. ପ୍ରଭାବିତ ପରିବାରର ଗଣନା

୫.୧. ଜମି ଓ ଅନ୍ୟ ସ୍ଥାବର ସମ୍ପତ୍ତି ହରାଉଥିବା ପରିବାରର ଗଣନା

ଜମି ଅଧିଗ୍ରହଣ ପ୍ରସ୍ତାବରେ ଦିଆଯାଇଥିବା ତଥ୍ୟ ଅନୁସାରେ, ସର୍ବମୋଟ ୧୧ ପ୍ରଜାଙ୍କର ୦.୦୯ ଏକର ବେସରକାରୀ ଜମି ଅଧିଗ୍ରହଣ ହେବ। ଏହି ୧୧ ପ୍ରଜା ବା ଜମି ମାଲିକଙ୍କ ମଧ୍ୟରୁ ଦୁଇ ଜଣ ମୃତ ଓ ସେମାନଙ୍କର କେହି ଉତରାଧିକାରୀ ନାହାଁନ୍ତି। ତିନି ଜଣ ବିବାହିତ ଝିଅ ଗ୍ରାମ ବାହାରେ ରହୁଛନ୍ତି। ବହୁତ ଚେଷ୍ଟା ସତ୍ତ୍ୱେ ସେମାନଙ୍କର ପ୍ରକୃତ ଠିକଣା ନମିଳିବାରୁ, ସେମାନଙ୍କର ସର୍ଭେ ହୋଇ ପାରିନାହିଁ। ଏହି ଜମି ମାଲିକଙ୍କର ସର୍ଭେ ହୋଇପାରିଲା ନାହିଁ। ଶେଷରେ ଜମି ମାଲିକମାନଙ୍କର ଉତରାଧିକାରୀମାନଙ୍କୁ ବଂଶାବଳୀ ପଦ୍ଧତିରେ ଗଣନା କରି, ସର୍ବମୋଟ ୭ଟି ଜମି ହରାଉଥିବା ପରିବାର ଚିହ୍ନଟ କରାଯାଇଛି। ସାମାଜିକ ପ୍ରଭାବ ଆକଳନ ରିପୋର୍ଟରେ ଏହି ୭ଟି ପରିବାରର ସାମାଜିକ ତଥା ଆର୍ଥିକ ବିଷୟରେ ସବିଶେଷ ବିବରଣୀ ଦିଆଯାଇଛି। ଜମି ହରାଉଥିବା ପରିବାରର ତାଲିକା ପରିଶିଷ୍ଟ ୨ ରେ ଦର୍ଶାଯାଇଛି।

ଏହି ସାତଟି ପରିବାର ମଧ୍ୟରୁ, ଦୁଇଜଣ ଯଥା ଜଣେ ବିଧବା ମହିଳା ଓ ତାଙ୍କ ପୁଅ ନିଜ ପରିବାର ସହ ଗୋଟିଏ ଘରେ ରହିଛନ୍ତି। ଏହି ବାସଗୃହଟି ଅଧିଗ୍ରହଣ ହେବ ଓ ଏହି ଦୁଇଟି ପରିବାର ବାସଚ୍ୟୁତ/ବିସ୍ଥାପିତ ହେବେ।

ଉପରୋକ୍ତ ଗଣତି ବ୍ୟତୀତ, ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ଭାଗ ୩ (ଏମ୍) ରେ ଥିବା ପରିବାର ର ସଙ୍ଖ୍ୟା ଅନୁଯାୟୀ, ଦୁଇଟି ବିସ୍ଥାପିତ ହେବାକୁ ପରିବାରରେ ନିମ୍ନଲିଖିତ ବିସ୍ତାରିତ ପରିବାରର ଗଣନା ମଧ୍ୟ କରା ଯାଇଛି।

ପରିବାର ପ୍ରକାର	ସଂଖ୍ୟା
ମୁଖ୍ୟ ପରିବାର	୭
ବିସ୍ତାରିତ ପରିବାର	
ବୟସ୍କ ପୁରୁଷ	୬
ଦିବ୍ୟାଙ୍ଗ	୧
ମୋଟ	୭

ମୁଖ୍ୟ ପରିବାର: ଯେଉଁ ପରିବାର ଗୋଟିଏ ଛାତ ତଳେ ରହି ଗୋଟିଏ ଚୁଲିରୁ ଖାଦ୍ୟ ରାନ୍ଧି ଖାଉଥିବେ, ସେମାନେ ହେଲେ ଗୋଟିଏ କୋର ଫ୍ୟାମିଲି ବା ମୁଖ୍ୟ ପରିବାର। ଏହି ପରିବାରରେ ଥିବା ଘରର ମୁଖ୍ୟଙ୍କ ସହ ତାଙ୍କର ପତ୍ନୀ, ନାବାଳକ ଛୁଆ, ନିର୍ଭରଶୀଳ ନାବାଳକ ଭାଇ ଓ ଭଉଣୀ ସମସ୍ତେ ଗୋଟିଏ ପରିବାରର ସଦସ୍ୟ ହିସାବରେ ଗଣାଯିବେ।

ବିସ୍ତାରିତ ପରିବାର: କେବଳ ପୁର୍ନବାସ ଓ ପୁନଃଥଇଥାନର ସୁବିଧା ଯୋଗାଇ ଦେବା ପାଇଁ, ପରିବାରରେ କେତେ ଜଣଙ୍କୁ ଅଲଗା ପରିବାର ଭାବରେ ଗଣତି କରାଯାଇଥାଏ। ପରିବାରରେ ରହୁଥିବା ୧୮ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ କିମ୍ବା ମହିଳା, ବିଧବା ବା ଛାଡପତ୍ର ପାଇଥିବା କିମ୍ବା ସ୍ୱାମୀ ପରିତ୍ୟକ୍ତା ମହିଳା ମାନଙ୍କୁ ଅଲଗା ପରିବାର ହିସାବରେ ଗଣତି କରାଯାଏ।ଏହି ପରିବାର ମାନଙ୍କୁ ବିସ୍ତାରିତ ପରିବାର କୁହାଯାଏ।

ଅଧିଗୃହିତ ହେବାକୁ ଥିବା ବାସଗୃହର ଫଟୋ

୫.୨. ଜୀବିକା ହରାଉଥିବା ପରିବାରର ଗଣନା

ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ଧାରା ୩ ର ଉପଧାରା (c) ର (ii) ବ୍ୟବସ୍ଥା ଅନୁଯାୟୀ କେବଳ ଭୂମିହୀନ ପରିବାର, ଯେଉଁମାନେ ଅଧିଗ୍ରହଣ ହେଉଥିବା ଜମି ଉପରେ ତାଙ୍କର ଦୈନନ୍ଦିନ ଜୀବିକା ହରାଉଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ଗଣତି କରାଯିବାର ଆବଶ୍ୟକତା ରହିଛି । ବିଷଦ ଭାବରେ ବର୍ଣନା କଲେ, ଏହି ପ୍ରକାର ପରିବାରର ନିଜର ଜମି ନ ଥାଏ, ମାତ୍ର ଏହି ପରିବାରର ସଦସ୍ୟ କିମ୍ବା ସଦସ୍ୟମାନେ, ଅଧିଗ୍ରହଣ ହେବାକୁ ଥିବା ଅନ୍ୟମାନଙ୍କ ଜମିରେ ବିଗତ ୩ ବର୍ଷ ହେଲା କୃଷି ଶ୍ରମିକ କିମ୍ବା ଭାଗଚଷୀ ଭାବରେ କାମ କରି ପରିବାରର ପେଟ ପୋଷୁଥିବେ । ଜମି ଅଧିଗ୍ରହଣ ହେଲେ ଏହି ପରିବାରର ଜୀବିକା ପ୍ରଭାବିତ ହେବ । କିନ୍ତୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରୁ ଜଣାଯାଏ ଯେ, ଯେଉଁ ପରିବାର ଜୀବିକା ହରାଉଛନ୍ତି, ସେମାନେ ଭୂମିହୀନ ନୁହଁନ୍ତି । ସେମାନଙ୍କର ଅନ୍ୟାନ୍ୟ ଆୟ ରହିଅଛି । ତେଣୁ ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ହେଉଥିବା ଜମି ଅଧିଗ୍ରହଣ ଯୋଗୁ ସେମାନଙ୍କର କୌଣସି କ୍ଷତି ହେବନାହିଁ ।

୫.୩. ଅନୁସୂଚିତ ଜନଜାତି କିମ୍ବା ପାରମ୍ପାରିକ ବନବାସୀ, ଯେଉଁମାନେ ଜଙ୍ଗଲ ଅଧିକାରର ସୁବିଧା ହରାଉଛନ୍ତି, ସେମାନଙ୍କର ଚିହ୍ନଟ

ସର୍ଭେ ଟିମ୍ ପ୍ରଭାବିତ ଅଂଚଳକୁ ଗ୍ରସ୍ତ କରି, ପ୍ରକଳ୍ପ ଅଧିକାରୀ, ଗ୍ରାମବାସୀ, ପଂଚାୟତ ପ୍ରତିନିଧି ଓ ତହସିଲଦାରଙ୍କ ସହିତ ଆଲୋଚନା କରି ଜଣାପଡିଲା ଯେ, ଏହି ପ୍ରସ୍ତାବିତ ଜମି ଅଧିଗ୍ରହଣ ଅଂଚଳରେ କୌଣସି ଜଙ୍ଗଲ ଜମି ଆସୁନାହିଁ । ଏଣୁ ଏହି ସାମାଜିକ ପ୍ରଭାବ ଆକଳନ ସର୍ଭେରେ ଏପରି ପରିବାରର ଗଣନା କରାଯାଇନାହିଁ ।

୫.୪. ବିଭିନ୍ନ ପ୍ରକାର ଯୋଜନାରେ ପାଇଥିବା ଜମିକୁ ହରାଉଥିବା ପରିବାରମାନଙ୍କର ଚିହ୍ନଟ

ସରକାର, ଗ୍ରାମଗୁଡିକରେ ଭୂମିହୀନ ପରିବାରମାନଙ୍କୁ ବିଭିନ୍ନ ପ୍ରକାରର ଯୋଜନା ଯଥା, ବଳକା ସିଲିଂ ଜମି ଆବଣ୍ଟନ ଯୋଜନା, ମୋ ଜମି-ମୋ ଡିହ ଯୋଜନାରେ ଜମି ଯୋଗାଇ ଦେଇଛନ୍ତି । ମାତ୍ର, ପ୍ରକଳ୍ପ ଅଧିକାରୀ,

ଗ୍ରାମବାସୀ, ପଂଚାୟତ ପ୍ରତିନିଧି ଓ ତହସିଲଦାରଙ୍କ ସହିତ ଆଲୋଚନା କରି ଜଣାପଡିଲା ଯେ, ଏହି ପ୍ରକାରର ଆବଣ୍ଟିତ ଜମି ପ୍ରସ୍ତାବିତ ଜମି ଅଧିଗ୍ରହଣ ଅଂଚଳରେ ଆସୁନାହିଁ । ଏଣୁ ଏହି ସାମାଜିକ ପ୍ରଭାବ ଆକଳନ ସର୍ଭେ ରେ ଏପରି ପରିବାରର ଗଣନା କରାଯାଇନାହିଁ ।

୫.୫: ପରୋକ୍ଷ ଭାବେ ପ୍ରଭାବିତ ହେଉଥିବା ପରିବାରର (ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀ, ଶିକାରୀ, ମାଛ ଧରାଳୀ, ନୌକାଚାଳକ ଇତ୍ୟାଦି) ର ଗଣନା

ବର୍ତମାନ ସମୟରେ ପ୍ରଭାବିତ ଗ୍ରାମରେ ଶିକାର କରିବା ବୃତିରେ କେହି ନାହାଁନ୍ତି । କେବଳ କେତୋଟି ପରିବାର ମାଛଧରିବା ଓ ନୌକାଚାଳନା କରୁଛନ୍ତି, କିନ୍ତୁ ସେମାନଙ୍କର ପରିବାର ଏହା ଉପରେ ଜୀବିକା ପୁରାମାତ୍ରାରେ ନିର୍ଭର କରୁନାହାଁନ୍ତି । ଏଣୁ ଏହି ସାମାଜିକ ପ୍ରଭାବ ଆକଳନ ସର୍ଭେରେ ଏପରି ପରିବାରର ମଧ୍ୟ ଗଣନା କରାଯାଇନାହିଁ ।

ସାମାଜିକ ପ୍ରଭାବ ଆକଳନ ଟିମ୍ ଦ୍ୱାରା ଉପର ବର୍ଣ୍ଣିତ ଜମି ହରାଉଥିବା ପରିବାର ଏବଂ ଦୈନନ୍ଦିନ ଜୀବିକା ହରାଉଥିବା ପରିବାରର ଚିହ୍ନଟ, ଭଲଭାବରେ ସର୍ଭେ କରି ତଥା ଗ୍ରାମବାସୀମାନଙ୍କ ସହିତ ଆଲୋଚନା କରି ଠିକ୍ ଭାବରେ ଗଣତି କରାଯାଇଛି । ତଥାପି, ଯେତେବେଳେ ଜମି ଅଧିଗ୍ରହଣ ହେବ, ସେହି ସମୟରେ ଆଉଥରେ ଚୁଡାନ୍ତ ଗଣନାର ଆବଶ୍ୟକତା ରହିଛି । ଓଡିଶା ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ନିୟମ ୨୦୧୬ (Odisha RFCTLAR&R Rules, 2016) ର ଧାରା ୪ ଓ ୫ ଅନୁଯାୟୀ ଜମିଅଧିଗ୍ରହଣ ପୂର୍ବରୁ ଜମି ବନ୍ଦୋବସ୍ତ ଓ ଜମି ମାଲିକାନାସତ୍ୱ ଚୁଡାନ୍ତ ହେବ । ଏହି ପ୍ରକ୍ରିୟା ସରିଲା ପରେ ଜିଲ୍ଲାର ଭୂ-ରାଜସ୍ୱ ଅଧିକାରୀ ମାନେ ଏବଂ ପୁର୍ନବସତି ଓ ପୁନଃଥଇଥାନର ଅଧିକାରୀ, ଏକ ସର୍ଭେ କରି କ୍ଷତିଗ୍ରସ୍ତ ପରିବାରର ଚୁଡାନ୍ତ ଗଣତି କରିବାର ଆବଶ୍ୟକତା ରହିଛି ।

୫.୬. ଅଧିଗ୍ରହଣ ହେଉଥିବା ଅନ୍ୟ ଉତ୍ପାଦନକ୍ଷମ ସମ୍ପତିର ତାଲିକା.

ପ୍ରସ୍ତାବିତ ପ୍ରକଳ୍ପରେ କେବଳ ୦.୦୯ ଏକର ଜମି ଅଧିଗ୍ରହଣ ହେବ । ଜମି ବ୍ୟତୀତ ଏକ ଛୋଟ ପୂଜା ସ୍ଥଳି ଅଧିଗ୍ରହଣ ହେବ । ଏହି ପୂଜା ସ୍ଥଳୀରେ ଗ୍ରାମବାସୀମାନେ ବର୍ଷକୁ ଥରେ ଏକତ୍ରିତ ହେଇ ପୂଜା କରନ୍ତି ।

ଅଧିଗୃହିତ ହେବାକୁ ଥିବା ପୂଜାସ୍ଥଳର ଫଟୋ

୬. ପ୍ରଭାବିତ ଅଂଚଳ ଏବଂ ଜନସାଧାରଣଙ୍କ ସାମାଜିକ, ଆର୍ଥିକ ଓ ସଂସ୍କୃତିର ବିବରଣୀ

ଏହି ସାମାଜିକ ପ୍ରଭାବ ଆକଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା, ପ୍ରସ୍ତାବିତ ପ୍ରକଳ୍ପ ଓ ଜମି ଅଧିଗ୍ରହଣ ଯୋଗୁ ଜମି ଏବଂ ଦୈନନ୍ଦିନ ଜୀବିକା ହରାଉଥିବା ପରିବାରମାନଙ୍କ ସାମାଜିକ, ଆର୍ଥିକ ସ୍ଥିତି ଓ ସଂସ୍କୃତି ଉପରେ ପଡୁଥିବା ପ୍ରଭାବର ଆକଳନ କରିବା । ଏହି ପ୍ରଭାବ ଆକଳନ କରିବା ପୂର୍ବରୁ ପ୍ରଭାବିତ ଅଂଚଳ ଓ ପରିବାରଙ୍କର ବର୍ତମାନର ସାମାଜିକ, ଅର୍ଥନୈତିକ ଓ ସଂସ୍କୃତିର ସ୍ଥିତି ଜାଣିବା ନିହାତି ଆବଶ୍ୟକ । ଜନସଂଖ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ସ୍ଥିତି, ପରିମଳ ବ୍ୟବସ୍ଥା, କୃଷି ଓ ପ୍ରଣୀ ସମ୍ପଦ ଉପରେ ଆଲୋଚନା କରାଯିବା ଆବଶ୍ୟକ । ଏହି ଆଲୋଚନା ପ୍ରକଳ୍ପ ସମ୍ବନ୍ଧରେ ଚୁଡାନ୍ତ ନିଷ୍ପତି ନେବାରେ ସହାୟକ ହେବ ।

୬.୧. ପ୍ରଭାବିତ ଅଂଚଳ ଓ ପ୍ରଭାବିତ ଜନସାଧାରଣ: ପ୍ରସ୍ତାବିତ ହାତୀ ନଦୀ ଉପରେ ଜୁନାଗଡର ବୁଦେଲ ଠାରେ ଉଚ୍ଚ ସେତୁ ନିର୍ମାଣ ନିମନ୍ତେ ବୁଦେଲ ଗ୍ରାମରୁ ଜମି ଅଧିଗ୍ରହଣ କରାଯିବ । ଏହି ଗ୍ରାମରେ ଜନବସତି ଅଛି ଓ ପ୍ରସ୍ତାବିତ ପ୍ରକଳ୍ପ ଯୋଗୁ ଗ୍ରାମବାସୀମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତି ଉପରେ ପ୍ରତ୍ୟକ୍ଷ ପ୍ରଭାବ ପଡିବାର ଆଶା କରାଯାଏ । ତେଣୁ ଏହି ସାମାଜିକ ପ୍ରଭାବ ଆକଳନରେ ଉପରୋକ୍ତ ଗ୍ରାମକୁ ପ୍ରଭାବିତ ଅଂଚଳ ଭାବେ ଗ୍ରହଣ କରାଯାଇ ଏହାର ସାମାଜିକ ସ୍ଥିତି ଉପରେ ଆଲୋଚନା କରାଯାଇଛି ।

ସେହିପରି ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ଜନସାଧାରଣମାନେ ହେଲେ ଜମି ହରାଉଥିବା ୭ ଟି ପରିବାର । ପରୋକ୍ଷ ଭାବରେ ପ୍ରଭାବିତ ଜନସାଧାରଣ ମାନେ ହେଲେ ଜମି ଅଧିଗ୍ରହଣ ହେଉଥିବା ଗ୍ରାମର ଅନ୍ୟ ଜନସାଧାରଣ । ଏହି ଗ୍ରାମରେ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ମଧ୍ୟରୁ ନମୁନା ଭାବରେ ୮ ଟି ପରିବାର ସର୍ଭେ ହୋଇଛନ୍ତି, ଯାହାର ସବିଶେଷ ବିବରଣୀ ଉପଭାଗ ୩.୫ ରେ ଦିଆଯାଇଛି । ଏହି ୮ ଟି ପରିବାରର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଉପରେ ଅଲଗା ଭାବରେ ଏହି ଅଧ୍ୟାୟର ଶେଷ ଭାଗରେ ଆଲୋଚନା କରାଯାଇଛି ।

୬.୨. ଜନଗଣନା ସମ୍ବନ୍ଧୀୟ ତଥ୍ୟ

ଜମି ହରାଉଥିବା ସମସ୍ତ ୭ ପରିବାର ହିନ୍ଦୁ ଧର୍ମାବଲମ୍ବୀ ଅଟନ୍ତି । ଅନ୍ୟ କୌଣସି ଧର୍ମର ପରିବାର ସର୍ଭେ ହୋଇଥିବା ଜମିହରା ପରିବାର ମଧ୍ୟରେ ନାହାଁନ୍ତି ।

୬.୨.୧. ଉପଜାତିର ତଥ୍ୟ

ସାରଣୀ ୪. ଜମି ହରାଇଥିବା ପରିବାରମାନଙ୍କର ଜାତିର ପ୍ରକାର ଭେଦ

ଜାତିର ପ୍ରକାର	ସଂଖ୍ୟା	ଶତକଡା (%)
ଅନ୍ୟାନ୍ୟ ପଛୁଆ ବର୍ଗ	୫	୭୧.୪୩
ସାଧାରଣ ବର୍ଗ	୨	୨୮.୫୭
ମୋଟ	**୭**	**୧୦୦.୦୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ଜମି ହରାଉଥିବା ପରିବାର ମଧ୍ୟରୁ ଶତକଡା ୭୧.୪୩ ଭାଗ ଅନ୍ୟାନ୍ୟ ପଛୁଆ ବର୍ଗର ଗୋପାଳ ଜାତି ପରିବାର ଅଛନ୍ତି । ଏତତବ୍ୟତିତ ସାଧାରଣ ବର୍ଗରେ ୨୮.୫୭% (ବ୍ରାହ୍ମଣ-୫୦%, ଖଣ୍ଡାୟତ-୫୦%) ପରିବାର ଅଛନ୍ତି ।

୬.୨.୨. ବୟସ ଏବଂ ଲିଙ୍ଗଗତ ପ୍ରଭେଦ

୭ ଟି ଜମି ହରାଉଥିବା ପରିବାରମାନଙ୍କର ଲୋକସଂଖ୍ୟା ନିମ୍ନରେ ସାରଣୀ ୫ ରେ ଦର୍ଶାଯାଇଛି । ସର୍ବମୋଟ ୪୦ ଜଣ ଲୋକ ଏହି ପରିବାର ମାନଙ୍କରେ ବାସକରୁଛନ୍ତି । ତନ୍ମଧ୍ୟରୁ ୨୦ ଜଣ ପୁରୁଷ ଏବଂ ୨୦ ଜଣ ମହିଳା ଅଛନ୍ତି । ପ୍ରତି ପରିବାରରେ ହାରାହାରି ୫.୭୧ ଜଣ ରହୁଛନ୍ତି । ଲିଙ୍ଗ ଅନୁପାତ ୧୦୦୦ ଅଟେ । ଲୋକସଂଖ୍ୟାର ଶତକଡା ୪୦ ଜଣ ୧୮ ବର୍ଷରୁ କମ୍ ଅଛନ୍ତି ଓ ଶତକଡା ୫ ଜଣ ୬୦ ବର୍ଷରୁ ଉର୍ଦ୍ଧ ଅଛନ୍ତି । ଅବଶିଷ୍ଟ ଶତକଡା ୫୫ ଜଣ ୧୮ ରୁ ୬୦ବର୍ଷ ବୟସ ଭିତରେ ଅଛନ୍ତି । ୬୦ବର୍ଷ ରୁ ଉର୍ଦ୍ଧ ଲୋକମାନଙ୍କ ମଧ୍ୟରେ ମହିଳା ଓ ପୁରୁଷଙ୍କ ସଂଖ୍ୟା ସମାନ ରହିଛି ।

ସାରଣୀ ୫. ଜମି ହରାଉଥିବା ପରିବାରରେ ଜନସଂଖ୍ୟାର ବୟସ ଓ ଲିଙ୍ଗର ପ୍ରକାରଭେଦ

ବୟସ	ପୁରୁଷ		ମହିଳା		ମୋଟ	
	ସଂଖ୍ୟା	%	ସଂଖ୍ୟା	ସଂଖ୍ୟା	ସଂଖ୍ୟା	%
୦ ରୁ ୬ ବର୍ଷ	୬	୩୦.୦୦	୩	୧୫.୦୦	୯	୨୨.୫୦
୬+ ରୁ ୧୮ ବର୍ଷ	୩	୧୫.୦୦	୪	୨୦.୦୦	୭	୧୭.୫୦
୧୮+ ରୁ ୬୦ ବର୍ଷ	୧୦	୫୦.୦୦	୧୨	୬୦.୦୦	୨୨	୫୫.୦୦
୬୦+	୧	୫.୦୦	୧	୫.୦୦	୨	୫.୦୦
ସମୁଦାୟ	**୨୦**	**୧୦୦.୦୦**	**୨୦**	**୧୦୦.୦୦**	**୪୦**	**୧୦୦.୦୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ସର୍ଭେ ସମୟରେ ବ୍ୟକ୍ତିଙ୍କର ପୂର୍ଣ୍ଣ ବୟସକୁ ରେକର୍ଡ ଭୁକ୍ତ କରାଯାଇଛି ଓ ଯେଉଁ ପିଲାର ବୟସ ଏକ ବର୍ଷରୁ କମ୍ ତାହାର ବୟସକୁ ୦ ଧରାଯାଇଛି ।

ସାଧାରଣତଃ କୌଣସି ଜନଗଣନାରେ ୧୮ ରୁ ୬୦ ବର୍ଷ ବୟସ ଲୋକଙ୍କୁ କାମ କରିବାର ସକ୍ଷମ ରୂପେ ଧରାଯାଇଥାଏ କାରଣ ଏହି ବୟସରେ କାର୍ଯ୍ୟ କରିବାର କ୍ଷମତା ଅଧିକ ଥାଏ । ସେମାନେ ଆତ୍ମନିର୍ଭରଶୀଳ ହୋଇଥାଆନ୍ତି କିନ୍ତୁ ୦ ରୁ ୧୮ବର୍ଷ ଓ ୬୦ ବର୍ଷରୁ ଉର୍ଦ୍ଧ ଲୋକମାନେ ନିର୍ଭରଶୀଳ ହୋଇଥାଆନ୍ତି । ତେଣୁ ଯେଉଁ ଅଂଚଳରେ ୧୮ ରୁ ୬୦ବର୍ଷର ଥିବା ଜନସଂଖ୍ୟା, ୦ ରୁ ୧୮ବର୍ଷ ଓ ୬୦ବର୍ଷ ରୁ ଉର୍ଦ୍ଧ ଜନସଂଖ୍ୟା ଠାରୁ ଅଧିକ, ସେହିପ୍ରକାର ଜନବର୍ଗଙ୍କୁ ଆତ୍ମନିର୍ଭରଶୀଳ ଜନତା ବୋଲି କୁହାଯାଏ, ଅନ୍ୟଥା ଏହା ବିପରୀତ ବୋଲି ଧରାଯାଏ । ଜମି ହରାଉଥିବା ପରିବାର ମଧ୍ୟରେ ଅଧିକାଂଶ ଲୋକ ୧୮ ରୁ ୬୦ ବର୍ଷ ବୟସର ଅଟନ୍ତି । ତେଣୁ ଏହି ଜନବର୍ଗଙ୍କୁ ଆତ୍ମନିର୍ଭରଶୀଳ ବୋଲି ବିବେଚନା କରାଯାଇପାରେ ।

୬.୨.୩. ବୈବାହିକ ସ୍ଥିତି

ଜମି ହରାଉଥିବା ୬ଟି ପରିବାରର ୪୦ ଜଣଙ୍କ ମଧ୍ୟରୁ ଶତକଡା ୫୦ ଜଣ ବିବାହିତ, ଶତକଡା ୪୨.୫୦ ଜଣ ଅବିବାହିତ ଏବଂ ଶତକଡା ୭.୫୦ ଜଣ ବିଧବା ଅଟନ୍ତି, ଯାହାକି ସାରଣୀ ୬ ରେ ଦର୍ଶାଯାଇଛି । ଅଳ୍ପ ବୟସରେ ବିବାହ/ବାଲ୍ୟ ବିବାହ ଜମି ହରାଉଥିବା ପରିବାରରେ ହୁଏନାହିଁ । ପ୍ରସ୍ତାବିତ ପ୍ରକଳ୍ପର ପୁନଃଥଇଥାନ ସମୟରେ ବିଧବା ଏବଂ ବୟସ୍କ ଲୋକଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନଦେବା ଆବଶ୍ୟକ ।

ସାରଣୀ ୬. ଜମି ହରାଉଥିବା ପରିବାରରେ ଜନସଂଖ୍ୟାରେ ବୈବାହିକ ସ୍ଥିତି

ବୈବାହିକ ସ୍ଥିତି	ପୁରୁଷ		ମହିଳା		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
ବିବାହିତ	୧୦	୫୦.୦୦	୧୦	୫୦.୦୦	୨୦	୫୦.୦୦
ଅବିବାହିତ	୧୦	୫୦.୦୦	୭	୩୫.୦୦	୧୭	୪୨.୫୦
ବିଧବା	୦	୦.୦୦	୩	୧୫.୦୦	୩	୭.୫୦
ମୋଟ	**୨୦**	**୧୦୦.୦୦**	**୨୦**	**୧୦୦.୦୦**	**୪୦**	**୧୦୦.୦୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୬.୨.୪.ସାକ୍ଷରତା ଓ ଶିକ୍ଷା

ସାକ୍ଷରତା ଓ ଶିକ୍ଷା ହେଉଛି ସାମାଜିକ ଓ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ମାନଦଣ୍ଡ, ଯେଉଁଥିରୁ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟ କରିବାର କ୍ଷମତା ଜଣାପଡେ । ଯେତେବେଳେ ପୁନଃଥଇଥାନର ଯୋଜନା ପ୍ରସ୍ତୁତ କରାଯାଏ, ସେତେବେଳେ ଜନବର୍ଗର ସାକ୍ଷରତା ଓ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଥାଏ ଏବଂ ସେହି ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯାଇଥାଏ ।

ଜମି ହରାଉଥିବା ପରିବାରରେ ଲୋକସଂଖ୍ୟାର ସାକ୍ଷରତା ହାର (୦ ରୁ ୬ ବର୍ଷ ପିଲାମାନଙ୍କୁ ବାଦ ଦେଇ) ଶତକଡା ୯୧ ଅଟେ; ପୁରୁଷମାନଙ୍କର ଶତକଡା ୯୪ ଓ ମହିଳା ମାନଙ୍କର ଶତକଡା ୮୮, ଯାହାକି ଜନଗଣନା ୨୦୧୯ ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ସାକ୍ଷରତା ହାର ଶତକଡା ୫୯ ଭାଗ ଠାରୁ ବହୁତ ଭଲ ଅଛି ।

ସାରଣୀ ୭. ଜମି ହରାଉଥିବା ପରିବାର ସଦସ୍ୟଙ୍କର ସାକ୍ଷରତା ଓ ଶିକ୍ଷାର ହାର

ଶିକ୍ଷାର ସ୍ତର	ପୁରୁଷ		ମହିଳା		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
ନିରକ୍ଷର	୧	୫.୦୦	୨	୧୦.୦୦	୩	୭.୫୦
କେବଳ ସାକ୍ଷର	୧	୫.୦୦	୧	୫.୦୦	୨	୫.୦୦
ପ୍ରାଥମିକ ଶିକ୍ଷା	୮	୪୦.୦୦	୯	୪୫.୦୦	୧୭	୪୨.୫୦
ମଧ୍ୟମ ଶିକ୍ଷା	୨	୧୦.୦୦	୧	୫.୦୦	୩	୭.୫୦

ଶିକ୍ଷାର ସ୍ତର	ପୁରୁଷ		ମହିଳା		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
ମାଧ୍ୟମିକ ଶିକ୍ଷା	୧	୫.୦୦	୨	୧୦.୦୦	୩	୭.୫୦
ଉଚ୍ଚ ମାଧ୍ୟମିକ ଶିକ୍ଷା	୨	୧୦.୦୦	୨	୧୦.୦୦	୪	୧୦.୦୦
ସ୍ନାତକ ଓ ତଦୁର୍ଦ୍ଧ୍ୱ ଶିକ୍ଷା	୧	୫.୦୦	୦	୦.୦୦	୧	୨.୫୦
ବୃତିଗତ ଶିକ୍ଷା	୧	୫.୦୦	୦	୦.୦୦	୧	୨.୫୦
ସ୍କୁଲ ଯିବା ବୟସ ହୋଇ ନଥିବା ପିଲା	୩	୧୫.୦୦	୩	୧୫.୦୦	୬	୧୫.୦୦
ସର୍ବ ମୋଟ	**୨୦**	**୧୦୦.୦୦**	**୨୦**	**୧୦୦.୦୦**	**୪୦**	**୧୦୦.୦୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ବ୍ୟବହୃତ ସଂଜ୍ଞା: ଶିକ୍ଷା ଓ ସାକ୍ଷରତା ସମ୍ପର୍କିତ ତଥ୍ୟ ସଂଗ୍ରହ ବେଳେ, ଯେଉଁମାନେ ସର୍ଭେ ସମୟ ପର୍ଯ୍ୟନ୍ତ, ଯେଉଁ ପର୍ଯ୍ୟନ୍ତ ସମ୍ପୁର୍ଣ୍ଣ ଭାବରେ ପାଠ ଶେଷ କରିଛନ୍ତି, ତାହାକୁ ତାଙ୍କର ଶିକ୍ଷାଗତ ଯୋଗ୍ୟତା ହିସାବରେ ଧରାଯାଇଛି । ଯେଉଁ ବ୍ୟକ୍ତିବିଶେଷ, ଯେ କୌଣସି ଭାଷାର ଏକ ଲେଖ୍ୟାଂଶକୁ ପଢି, ବୁଝି, ଲେଖି ପାରୁଥିବେ ସେମାନଙ୍କୁ ସାକ୍ଷର ହିସାବରେ ଗଣନା କରା ଯାଇଛି । ଯେଉଁମାନେ ଏଥିରେ ସମ୍ପୁର୍ଣ୍ଣ ଅକ୍ଷମ, ସେମାନଙ୍କୁ ନିରକ୍ଷର ହିସାବରେ ଗଣନା କରା ଯାଇଛି । ଯେଉଁମାନେ ସ୍କୁଲ କିମ୍ବା କୌଣସି ଶିକ୍ଷାନୁଷ୍ଠାନରେ ଯୋଗଦେଇ ନାହାନ୍ତି, ମାତ୍ର ଯେ କୌଣସି ଭାଷାର ଏକ ଲେଖ୍ୟାଂଶକୁ ପଢି, ବୁଝି, ଲେଖି ପାରୁଛନ୍ତି, ସେମାନଙ୍କୁ କେବଳ ସାକ୍ଷର ହିସାବରେ ଗଣନା କରା ଯାଇଛି ।

ସାକ୍ଷରତା ହାରରେ ଲିଙ୍ଗଗତ ପ୍ରଭେଦ: ଜମି ହରାଉଥିବା ପରିବାରରେ ସାକ୍ଷରତା ହାରରେ ଲିଙ୍ଗଗତ ପ୍ରଭେଦ ମାତ୍ର ଶତକଡା ୪ ଅଟେ । ଏହାର ଅର୍ଥ, ଜମି ହରାଉଥିବା ପରିବାରରେ ପୁଅ ଓ ଝିଅ ଉଭୟଙ୍କୁ ଶିକ୍ଷା ପାଇଁ ସମାନ ଗୁରୁତ୍ୱ ଦିଆଯାଉଛି ।

ଯଦିଓ ଜମି ହରାଉଥିବା ପରିବାରରେ ପୁରୁଷ ଓ ମହିଳାମାନଙ୍କର ସାକ୍ଷରତା ହାର ଭଲ ଅଛି, ତଥାପି ଏହା ଉତ୍ସାହଜନକ ନୁହେଁ । ସାରଣୀ ୬ ରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ୫% କେବଳ ସାକ୍ଷର, ୪୨.୫୦% ପ୍ରାଥମିକ, ୭.୫୦% ମଧ୍ୟମ, ୭.୫୦% ମାଧ୍ୟମିକ, ୧୦% ଉଚ୍ଚ ମାଧ୍ୟମିକ, ୨.୫୦% ସ୍ନାତକ ଏବଂ ତଦୁର୍ଦ୍ଧ୍ୱ ଏବଂ ୨.୫୦% ବୃତିଗତ ଶିକ୍ଷା ଲାଭ କରିଛନ୍ତି । ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ, ପ୍ରଭାବିତ ଜନସଂଖ୍ୟାରେ ଯଦିଓ ସାକ୍ଷରତା ହାର ଭଲ ଅଛି, କିନ୍ତୁ ଶିକ୍ଷାଗତ ଯୋଗ୍ୟତା ସେତେଟା ଉତ୍ସାହଜନକ ନୁହେଁ ।

୬.୩. ଦାରିଦ୍ର୍ୟ

ଭାରତରେ ଦାରିଦ୍ର୍ୟ ବିସ୍ତୃତ ଏବଂ ବହୁମୁଖି ଅଟେ । ଭାରତରେ ଦାରିଦ୍ର୍ୟର ଆକଳନ ପ୍ରତି ୫ ବର୍ଷରେ ହୋଇଥାଏ । ଯୋଜନା କମିଶନ ଦାରିଦ୍ର୍ୟର ଆକଳନ କରନ୍ତି । ଗ୍ରାମାଚଂଳ ବିକାଶ ମନ୍ତ୍ରଣାଳୟର ମାର୍ଗଦର୍ଶୀ ଅନୁଯାୟୀ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ଗଣନା ହୋଇଥାଏ । ଏହା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାରଙ୍କୁ ଭାରତ ସରକାର ବହୁମୁଖୀ ଯୋଜନା ଦ୍ୱାରା ସାହାଯ୍ୟ ପ୍ରଦାନ କରିଥାନ୍ତି, ଯେପରି ଏହି ପରିବାର ମାନେ ଦାରିଦ୍ର୍ୟ ସୀମାରେଖା ଉପରକୁ ଆସିବେ ।

ପ୍ରଥମ କରି ଅଷ୍ଟମ ପଚଂବାର୍ଷିକ ଯୋଜନା (୧୯୯୨-୯୭) ସମୟରେ ବିପିଏଲ ପରିବାରର ଗଣନା (୧୯୯୨ ମସିହା) ରେ ଆରମ୍ଭ ହୋଇଥିଲା ଓ ପରେ ୧୯୯୭ ମସିହାରେ ହୋଇଥିଲା । ଏହି ଦୁଇଟି ଯାକ ଗଣନା ସମୟରେ, ପରିବାରର ଆୟ ଓ କେତେକ ବାଦ ଦେବାର ମାନଦଣ୍ଡକୁ ନେଇ ସ୍ଥିର ହୋଇଥିଲା । ୨୦୦୨ମସିହାରେ ୧୩ ଟି ସାମାଜିକ ଓ ଅର୍ଥନୈତିକ ମାନଦଣ୍ଡକୁ ନେଇ ସ୍ଥିର ହୋଇଥିଲା ।

ତିନୋଟି ଯାକ ବିପିଏଲ ଗଣନା ଓଡିଶା ରାଜ୍ୟରେ କରାଯାଇଥିଲା । କିନ୍ତୁ ୨୦୦୨ ମସିହାର ବିପିଏଲ ଗଣନାକୁ କେତେ ଗୁଡିଏ କାରଣ ଯୋଗୁ ଭାରତ ସରକାର ଗ୍ରହଣ କଲେ ନାହିଁ । ତେଣୁ ୧୯୯୭ ବିପିଏଲ ଅନୁଯାୟୀ ସରକାରଙ୍କର ଯୋଜନା ଗୁଡିକ କାର୍ଯ୍ୟକାରୀ ହୋଇଆସୁଅଛି, କିନ୍ତୁ ବର୍ତମାନର ସାମାଜିକ ଓ ଆର୍ଥିକ ସ୍ଥିତି ଅନୁଯାୟୀ ତାହା ଗୋଟିଏ ଗ୍ରାମ, ବ୍ଲକ କିମ୍ବା ଗୋଟିଏ ଜିଲ୍ଲାର ଜନସଂଖ୍ୟାରେ ଥିବା ଦାରିଦ୍ର୍ୟର ପ୍ରକୃତ ଚିତ୍ରକୁ ଠିକ୍ ଭାବରେ ଦର୍ଶାଉନାହିଁ ।

ସର୍ଭେରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଲା । ୧୯୯୭ ମସିହା ବିପିଏଲ ତାଲିକା ଅନୁଯାୟୀ, ୨୧୦ଟି ଜମି ହରାଉଥିବା ପରିବାର ମଧ୍ୟରୁ ମାତ୍ର ୯ଟି ପରିବାର ବିପିଏଲ ତାଲିକା ଭୁକ୍ତ ଅଛନ୍ତି, ମାତ୍ର ଅନେକ ଜମି ହରାଉଥିବା ପରିବାର ଦାରିଦ୍ର୍ୟରେ ଅଛନ୍ତି । ତେଣୁ ୨୦୧୪ମସିହାରେ ସି ରଙ୍ଗରାଜନ କମିଟି କରିଥିବା ଆକଳନକୁ ପ୍ରୟୋଗ କରି ଦାରିଦ୍ର୍ୟ ପରିବାରର ଆକଳନ କରାଯାଇଛି, ଯାହ ନିମ୍ନରେ ଦର୍ଶାଗଲା ।

ସି ରଙ୍ଗରାଜନ କମିଟି ଆକଳନ କରିଛନ୍ତି କି, ଭାରତ ବର୍ଷରେ ଯେଉଁମାନଙ୍କର ମାସିକ ସମସ୍ତ ଖର୍ଚ୍ଚ ଗ୍ରାମାଚଂଳରେ ମୁଣ୍ଡପିଛା ୯୭୨ ଟଙ୍କା ଓ ସହରାଚଂଳରେ ୧୪୦୭ ଟଙ୍କା କିମ୍ବା କମ୍ ହେଉଥିବ, ସେମାନେ ଦାରିଦ୍ର୍ୟ ଶ୍ରେଣୀରେ ଗଣାହେବେ । ସାମାଜିକ ପ୍ରଭାବ ଆକଳନରେ ଉପରୋକ୍ତ ମାସିକ ମୁଣ୍ଡପିଛା ଖର୍ଚ୍ଚ ୯୭୨ କୁ ହାରାହାରି ପରିବାରର ସଦସ୍ୟ ସଂଖ୍ୟା ୫.୭୧ ରେ ଗୁଣନ କରି ଓ ମୂଦ୍ରାସ୍ଫିତି କୁ ହିସାବକୁ ନେଇ ପ୍ରଭାବିତ ପରିବାରପିଛା ବର୍ଷକୁ ଖର୍ଚ୍ଚ ୧,୦୦.୦୦୦ ଟଙ୍କାକୁ ଦାରିଦ୍ର୍ୟର ସୀମାରେଖା ହିସାବରେ ଧରାଯାଇଛି ।

ଉପରୋକ୍ତ ପଦ୍ଧତିକୁ ଅନୁସରଣ କରି ଜମି ହରାଉଥିବା ପରିବାରରେ ୬ (୮୯.୭୧%) ଟି ପରିବାରକୁ ଦାରିଦ୍ର୍ୟରେ ରହୁଥିବାର ଆକଳନ କରାଯାଇଛି, ଯେଉଁମାନଙ୍କୁ ପୁନଃଥଇଥାନ ସମୟରେ ଗୁରୁତ୍ୱର ସହ ଧ୍ୟାନ ଦେବା ଆବଶ୍ୟକ । ଜମି ହରାଉଥିବା ପରିବାର ମଧ୍ୟରେ ୧ଟି (୫୦%) ସାଧାରଣ ବର୍ଗ ପରିବାର ଓ ସମସ୍ତ ୫ଟି ଅନ୍ୟାନ୍ୟ ପଛୁଆ ବର୍ଗ ପରିବାର ଦାରିଦ୍ର୍ୟରେ ଅଛନ୍ତି । ଏହି ପରିବାର ମାନଙ୍କର ବାର୍ଷିକ ଖର୍ଚ୍ଚ ୧,୦୦.୦୦୦ ଟଙ୍କା ପର୍ଯ୍ୟନ୍ତ ରହିଅଛି ।

ସାରଣୀ ୮. ଜମି ହରାଉଥିବା ପରିବାରମାନଙ୍କର ବାର୍ଷିକ ଖର୍ଚ୍ଚର ତଥ୍ୟ

ବାର୍ଷିକ ଖର୍ଚ୍ଚର (ଟଙ୍କାରେ)	ଅନ୍ୟାନ୍ୟ ପଛୁଆ ବର୍ଗ		ସାଧାରଣ ବର୍ଗ		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
୭୫,୦୦୦ ପର୍ଯ୍ୟନ୍ତ	୨	୪୦.୦୦	୦	୦.୦୦	୨	୨୮.୫୭
୭୫,୦୦୦+ ରୁ ୧,୦୦,୦୦୦	୩	୬୦.୦୦	୧	୫୦.୦୦	୪	୫୭.୧୪
୧,୦୦,୦୦୦+ ରୁ ୧,୫୦,୦୦୦	୦	୦.୦୦	୦	୦.୦୦	୦	୦.୦୦

ବାର୍ଷିକ ଖର୍ଚ୍ଚର (ଟଙ୍କାରେ)	ଅନ୍ୟାନ୍ୟ ପଛୁଆ ବର୍ଗ		ସାଧାରଣ ବର୍ଗ		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
୧,୫୦,୦୦୦+ ରୁ ୨,୦୦,୦୦୦	୦	୦.୦୦	୦	୦.୦୦	୦	୦.୦୦
୨,୦୦,୦୦୦ ରୁ ଉର୍ଦ୍ଧ୍ୱ	୦	୦.୦୦	୧	୫୦.୦୦	୧	୧୪.୨୯
ସମୁଦାୟ	**୫**	**୧୦୦.୦୦**	**୨**	**୧୦୦.୦୦**	**୭**	**୧୦୦.୦୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନ ପାଇଁ କେବଳ ଏହି ଦାରିଦ୍ର୍ୟ ଉପରେ ତଥ୍ୟର ବିଶ୍ଳେଷଣ ଓ ଆଲୋଚନା କରାଯାଇଛି; ଏହା ଅନ୍ୟ କୌଣସି ପ୍ରକାରର ସରକାରୀ ସୁବିଧା ପାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ଯଦି କୌଣସି ବ୍ୟକ୍ତି ବା ସଂସ୍ଥା ଏହି ତଥ୍ୟକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି, ତେବେ ତାହା ତାଙ୍କ ନିଜ ଦାୟିତ୍ୱରେ କରିବେ। ସେଥିପାଇଁ ଅଧ୍ୟୟନ ସଙ୍ଗଠନ କିମ୍ବା ଅଧ୍ୟୟନ ସଙ୍ଗଠନକୁ ପରିଚାଳନା କରୁଥିବା ସଂସ୍ଥା ଦାୟୀ ହେବେ ନାହିଁ।

୬.୪. ଦୁର୍ବଳ/ନିରାଶ୍ରୟ ଗୋଷ୍ଠୀ

ଯେ କୌଣସି ଜନବର୍ଗରେ ଦୁର୍ବଳ/ନିରାଶ୍ରୟ ଗୋଷ୍ଠୀ ହେଉଛନ୍ତି ସେହିମାନେ, ଯେଉଁମାନେ କୌଣସି ପ୍ରତିକୂଳ ପରିସ୍ଥିତି ଆସିଲେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥାନ୍ତି ଓ ଅନ୍ୟମାନଙ୍କ ଅପେକ୍ଷା ଜଲଦି ଦାରିଦ୍ର୍ୟ ମଧ୍ୟକୁ ଚାଲିଯାଆନ୍ତି । ବିକାଶ ପ୍ରକଳ୍ପମାନଙ୍କରେ ଜମି ଅଧିଗ୍ରହଣ ଯୋଗୁ, ଏହି ଦୁର୍ବଳ/ନିରାଶ୍ରୟ ଗୋଷ୍ଠୀ ଉପରେ ସବୁଠାରୁ ଅଧିକ କୁପ୍ରଭାବ ପଡେ ଓ ପରିବର୍ତ୍ତିତ ପରିସ୍ଥିତିରେ ଏମାନେ ବହୁତ ଅସୁବିଧାରେ ରୁହନ୍ତି । ଏହି ଗୋଷ୍ଠୀ ଗୁଡିକ ହେଲା, ମହିଳା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଶିଶୁ, ବୃଦ୍ଧବ୍ୟକ୍ତି, ଅକ୍ଷମ, ସ୍ଥାନାନ୍ତର ହୋଇ ଆସିଥିବା ଗରିବ ବ୍ୟକ୍ତି, ଏଚଆଇଭି/ଏଡସ୍ ଦ୍ୱାରା ସଂକ୍ରମିତ ହୋଇଥିବା ଲୋକ ପ୍ରଭୃତି । ତେଣୁ ବିକାଶ ପ୍ରକଳ୍ପରେ ପୁନଃଥଇଥାନ ସମୟରେ ଏହି ଗୋଷ୍ଠୀକୁ ସ୍ୱତନ୍ତ୍ରଭାବେ ଯତ୍ନନେବା ଆବଶ୍ୟକ । ଏହାକୁ ଆଖିଆଗରେ ରଖି ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ସେହିପ୍ରକାର ଗୋଷ୍ଠୀକୁ ଚିହ୍ନଟ କରି, ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ଅଧ୍ୟୟନ କରାଯାଇଛି । ଏହାର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଯାଇଛି ।

ଦୁର୍ବଳ ଶ୍ରେଣୀ: ଭାରତବର୍ଷରେ ଜାତି ପ୍ରଥା ଯେବେଠାରୁ ପ୍ରଚଳିତ ହୋଇଛି, ସେହି ଦିନଠାରୁ ଦୁର୍ବଳ ଜାତି ଉପରେ ସବଳ ଜାତି ଆଧିପତ୍ୟ ବିସ୍ତାର କରି ଆସୁଛନ୍ତି । ଏପରିକି ଗ୍ରାମରେ ଥିବା ସମ୍ପଦ ଉପରେ ସବଳ ଜାତିର ଲୋକମାନେ ଅଧିକ ଆଧିପତ୍ୟ ବିସ୍ତାର କରିଥାନ୍ତି । ଦୁର୍ବଳ ଜାତିର ଲୋକଙ୍କୁ ବିଭିନ୍ନ ସାମାଜିକ ଅର୍ଥନୈତିକ ଅଧିକାରରୁ ବଂଚିତ କରାଯାଇଥାଏ । ତେଣୁ ଏହି ପ୍ରକାର ଜାତିକୁ ଦୁର୍ବଳ ଓ ନିରାଶ୍ରୟ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଯାଇଛି । ଜମି ହରାଉ ଥିବା ପରିବାରରେ କେବଳ ପଛୁଆ ବର୍ଗ ଓ ସାଧାରଣ ଜାତିର ଲୋକମାନେ ଅଛନ୍ତି । ଅନୁସୂଚିତ ଜାତ/ଜନଜାତି ପରିବାର କେହି ନାହାଁନ୍ତି ।

ମହିଳା ସମ୍ପ୍ରଦାୟ: ସମାଜରେ ମହିଳାମାନଙ୍କୁ ଜାତିଗତ ଓ ଲିଙ୍ଗଗତ ପ୍ରଭେଦ ଦୃଷ୍ଟିରୁ ଦୁର୍ବଳ ବୋଲି ବିବେଚନା କରାଯାଇଥାଏ । ଅଧ୍ୟୟନରୁ ଜଣାଯାଏ ଯେ, ଗ୍ରାମରେ ରହୁଥିବା ପ୍ରଭାବିତ ପରିବାର ମଧ୍ୟରେ ଅନ୍ୟାନ୍ୟ ପଛୁଆ

ବର୍ଗ ମହିଳାମାନଙ୍କ ତୁଳନାରେ ସାଧାରଣ ବର୍ଗର ମହିଳା ମାନଙ୍କର ସାମାଜିକ ଚଳଣୀ ଭଲ ଅଛି । ଅନ୍ୟାନ୍ୟ ପଛୁଆ ବର୍ଗର ମହିଳାମାନଙ୍କର ଅଧିକାଂଶଙ୍କର ଶିକ୍ଷାଗତ ଯୋଗ୍ୟତା ବହୁତ କମ ଓ ସେମାନଙ୍କର ନିଷ୍ପତି ନେବା ଓ ସମ୍ବଳ ଉପରେ ଅଳ୍ପ ମାତ୍ରାରେ ନିୟନ୍ତ୍ରଣ ଥାଏ । ରାଜ୍ୟର ଗ୍ରାମାଚଂଳରେ ଥିବା ମହିଳାମାନଙ୍କର ସାମାଜିକ ସ୍ଥିତି ଯେପରି ଅଛି, ପ୍ରଭାବିତ ଅଂଚଳରେ ମଧ୍ୟ ସେହିପରି ଅଛି । ତେଣୁ ଏହି ଅଧ୍ୟୟନରେ ପ୍ରଭାବିତ ପରିବାରର ମହିଳାମାନଙ୍କୁ ଦୁର୍ବଳ ଓ ନିରାଶ୍ରୟ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଯାଇଛି ।

ସାରଣୀ ୯. ଜମି ହରାଉ ଥିବା ପରିବାରର ମହିଳା ସମ୍ପ୍ରଦାୟର ସଂକ୍ଷିପ୍ତ ବିବରଣୀ

ସୂଚକାଙ୍କ	ସଂଖ୍ୟା (%)
ମହିଳା ଜନସଂଖ୍ୟା	୨୦ (୫୦.୦୦%)
ଲିଙ୍ଗ ଅନୁପାତ	୧୦୦୦
ସାକ୍ଷରତା ହାର (୦ରୁ ୬ ବର୍ଷ ଛୁଆଙ୍କୁ ଛାଡି)	୮୮.୨୪%
କେବଳ ସାକ୍ଷର	୧ (୫.୮୮%)
ପ୍ରାଥମିକ ଶିକ୍ଷା	୯ (୫୩%)
ମଧ୍ୟମ ଶ୍ରେଣୀ ଶିକ୍ଷା	୧ (୫.୮୮%)
ମାଧ୍ୟମିକ ଶିକ୍ଷା	୨ (୧୧.୭୬%)
ଉଚ୍ଚ ମାଧ୍ୟମିକ ଶିକ୍ଷା	୨ (୧୧.୭୬%)
ସ୍ନାତକ ଶିକ୍ଷା	୦ (୦.୦୦%)
ବୃତିଗତ ଯୋଗ୍ୟତା	୦ (୦.୦୦%)
ଶ୍ରମଶକ୍ତିରେ ଅଂଶଗ୍ରହଣର ହାର	୪ (୨୦.୦୦%)
କୌଣସି ସରକାରୀ/ବେସରକାରୀ ନିଯୁକ୍ତି ଧାରୀ	ଶୁନ୍ୟ
କାମ କରୁଥିବା ମହିଳାମାନଙ୍କର ମୁଖ୍ୟ ବୃତି	ମଜୁରୀ

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ଗ୍ରାମରେ ରହୁଥିବା ପ୍ରଭାବିତ ପରିବାରରେ ଶତକଡା ୫୦ ମହିଳା ଅଛନ୍ତି ଓ ଲିଙ୍ଗର ଅନୁପାତ ୧୦୦୦ ଅଟେ । ଏମାନଙ୍କର ସାକ୍ଷରତା ହାର ୮୮.୨୪%, କିନ୍ତୁ ଶିକ୍ଷାଗତ ଯୋଗ୍ୟତାରେ ଅନ୍ୟାନ୍ୟ ପଛୁଆବର୍ଗର ସେତେ ଉତ୍ସାହଜନକ ନୁହେଁ । ମହିଳାମାନଙ୍କର କର୍ମଜୀବି ହାର ମାତ୍ର ୨୦% । ଅଧିକାଂଶ ମହିଳା ଘର କାମରେ ଅଧିକ ସମୟ ଦେଉଛନ୍ତି ଓ ନିଜର ଗୃଷ କାମ ଓ ଅନ୍ୟାନ୍ୟ ଘର କାମରେ ସାହାଯ୍ୟ କରନ୍ତି ।

ସାରଣୀ ୧୦. ମହିଳାମାନଙ୍କର ଦୈନନ୍ଦିନ ସମୟ କଟାଇବାର ତଥ୍ୟ

(ହାରାହାରି ସମୟ ଘଣ୍ଟାରେ)

କାର୍ଯ୍ୟ	କର୍ମଜୀବି ମହିଳା	ଗୃହିଣୀ
ମଜୁରୀ/ବେତନ ପାଇଁ କାମ କରିବା	୮.୦୦	୦.୦୦
ରୋଷେଇ କରିବା	୨.୨୦	୩.୩୦
ସଫାକରିବା	୦.୪୦	୧.୩୦
ପାଣି ଆଣିବା	୦.୨୫	୦.୪୫

କାର୍ଯ୍ୟ	କର୍ମଜୀବି ମହିଳା	ଗୃହିଣୀ
ଘର ସଫାକରିବା	୦.୫୫	୧.୨୦
ଗାଈଗୋରୁଙ୍କ କାର୍ଯ୍ୟ	୦.୦୦	୧.୧୦
ପିଲାମାନଙ୍କ କାର୍ଯ୍ୟ	୧.୪୦	୨.୧୫
ଖାଦ୍ୟ ଶସ୍ୟ ଶୁଖାଇବା ଇତ୍ୟାଦି	୦.୨୫	୧.୪୫
ଅବସର ସମୟ	୧.୫୦	୧.୪୫
ଶୋଇବା	୮.୦୦	୮.୦୦
ଖାଦ୍ୟ ପଦାର୍ଥ କିଣାକିଣି	୦.୨୦	୦.୩୫
ଜାଳେଣୀ ଓ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିବା	୦.୦୦	୧.୨୦
ଅନ୍ୟାନ୍ୟ ଦୈନନ୍ଦିନର କାମ	୧.୨୫	୨.୦୫
ମୋଟ	**୨୪**	**୨୪**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ପ୍ରଭାବିତ ପରିବାରରେ ମହିଳାମାନଙ୍କ ମଧ୍ୟରେ ଗୃହିଣୀମାନେ ଅନେକ ସମୟ ଘରକାମ କରନ୍ତି ଓ କର୍ମଜୀବି ମହିଳାମାନେ ତାଙ୍କ କାମରେ ସମୟ କାଟନ୍ତି । ପ୍ରାୟ ୦.୪୫ ଘଂଟା ସମୟ ଦେଇ ପରିବାର ପାଇଁ ପାଣି ଆଣନ୍ତି । ଯଦି ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ, ତେବେ ସେମାନେ ଉନ୍ନତି କରିପାରିବେ ।

ତଥ୍ୟ ଅନୁସାରେ ପରିବାରରେ ବିଭିନ୍ନ ପ୍ରକାରର ନିଷ୍ପତି ନେବାରେ ମହିଳାମାନଙ୍କର ଭୂମିକା ନିମ୍ନରେ ଦର୍ଶାଯାଇଅଛି । ବିଭିନ୍ନ ପ୍ରକାରର ନିଷ୍ପତି ନେବାରେ ଗୃହିଣୀମାନଙ୍କ ଅପେକ୍ଷା କର୍ମଜୀବି ମହିଳାଙ୍କ ଭୂମିକା ଅଧିକ ରହିଛି ।

ସାରଣୀ ୧୧. ପରିବାରରେ ମହିଳାମାନଙ୍କ ନିଷ୍ପତି ନେବାର ଭୂମିକା *(ସମୁଦାୟ ଉତରର ଶତକଡାରେ)*

ବିଷୟ	କର୍ମଜୀବି ମହିଳା	ଗୃହିଣୀ
ଆର୍ଥିକ ବିଷୟରେ	୬୬.୭୫	୪୬.୭୫
ପିଲାମାନଙ୍କର ପାଠପଢା ସମ୍ବନ୍ଧରେ	୫୫.୩୫	୪୫.୪୫
ପିଲାମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ	୫୪.୫୦	୫୨.୨୩
ଘରର ଆସବାବପତ୍ର କିଣିବାରେ	୪୫.୬୩	୩୮.୬୫
ଦୈନନ୍ଦିନ କାର୍ଯ୍ୟ ସମ୍ବନ୍ଧରେ	୫୧.୩୩	୪୧.୫୨
ସାମାଜିକ ଉତ୍ସବ ଓ ବିବାହ ବିଷୟରେ	୪୫.୬୬	୪୩.୨୫
ପିଲାମାନଙ୍କର କାମ କରିବାର ବୟସ ବିଷୟରେ	୪୫.୬୫	୪୨.୫୧
ପିଲାମାନଙ୍କର ବିବାହର ବୟସ ବିଷୟରେ	୫୨.୭୮	୪୨.୮୫

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

କମ୍ ଶିକ୍ଷାଗତ ଯୋଗ୍ୟତା ଓ କମ୍ କର୍ମଜୀବି ହାର ଥିବାରୁ, ମହିଳାମାନେ ପ୍ରସ୍ତାବିତ ପ୍ରକଳ୍ପ ଯୋଗୁ ଅଧିକ ପ୍ରଭାବିତ ହୋଇପାରନ୍ତି । ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ପ୍ରସ୍ତାବିତ ପ୍ରକଳ୍ପର କୁପ୍ରଭାବ ପଡିବ । ଜମି ଅଧିଗ୍ରହଣ ପରବର୍ତୀ ସମୟରେ ଏହି ମହିଳା ଗୋଷ୍ଠୀର ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ।

ଶିଶୁ/ଛୁଆ: ସାଧାରଣତଃ ସମାଜରେ ଶିଶୁ ଓ ଛୋଟ ପିଲାମାନେ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ପ୍ରତିକୁଳ ପରିସ୍ଥିତିରେ ଅଧିକ ପ୍ରଭାବିତ ହୋଇଥାନ୍ତି । ଏଣୁ ଏହି ଶିଶୁ ଓ ଛୋଟ ପିଲାମାନଙ୍କର ପୃଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକ ଅଛି । ଏଣୁ ପ୍ରଭାବିତ ଅଚଂଳରେ ଶିଶୁ ଓ ଛୋଟ ପିଲାମାନଙ୍କୁ ଦୁର୍ବଳ ଓ ନିରାଶ୍ରୟ ଗୋଷ୍ଠୀରେ ସାମିଲ କରାଯାଇଛି ।

ପ୍ରଭାବିତ ପରିବାର ରେ ୪୦% (୦ ରୁ ୧୮ ବର୍ଷ ପର୍ଯ୍ୟନ୍ତ) ଶିଶୁ ଓ ଛୋଟ ପିଲାମାନେ ଅଛନ୍ତି । ୪୦ ଜଣଙ୍କ ମଧ୍ୟରୁ ୧୬ ଜଣ ୦ ରୁ ୧୮ ବର୍ଷ ମଧ୍ୟରେ ପିଲା ଅଛନ୍ତି ଏବଂ ସେଥିରୁ ମଧ୍ୟରୁ ୯ ଜଣ ବାଳକ ଓ ୭ ଜଣ ବାଳିକା ଅଛନ୍ତି । ପଛୁଆବର୍ଗର ଅନେକ ପିଲା ମଧ୍ୟମ ଶ୍ରେଣୀରୁ ପାଠ ପଢା ଛାଡୁଛନ୍ତି । ତେଣୁ ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ପାଠ ପଢାଇବା ଓ ଉଚିତ ମାର୍ଗରେ ନେବା ପାଇଁ ଧ୍ୟାନଦେବା ଉଚିତ । ଗରିବ ପିଲାମାନଙ୍କର ସ୍ୱାସ୍ଥ୍ୟ ଓ ପୃଷ୍ଟିହୀନତା ଯୋଗୁ ସୃଷ୍ଟି ହେଉଥିବା ରୋଗ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

ବୟସ୍କ/ବୃଦ୍ଧ ବ୍ୟକ୍ତି: ପ୍ରଭାବିତ ୪୦ ଜଣ ମଧ୍ୟରୁ ୨ ଜଣ (୫%) ୬୦ ବର୍ଷରୁ ଉର୍ଦ୍ଧ ଅଛନ୍ତି । ପୂର୍ବରୁ ୬୦ବର୍ଷରୁ ଉର୍ଦ୍ଧ ଲୋକମାନଙ୍କୁ ବୃଦ୍ଧ ଓ ଅବସରପ୍ରାପ୍ତ ବ୍ୟକ୍ତି ବୋଲି ଧରାଯାଉଥିଲା, ଏବେ ୬୦ବର୍ଷରୁ ଉର୍ଦ୍ଧ ଲୋକମାନଙ୍କ ମଧ୍ୟରେ କେତେକ ନିଜର ଭରଣପୋଷଣ ଓ ପରିବାରକୁ ସାହାଯ୍ୟ କରିବା ପାଇଁ କାମ କରୁଛନ୍ତି । ଯେଉଁ ବୃଦ୍ଧ/ବୃଦ୍ଧା, ସ୍ତ୍ରୀ କିମ୍ବା ସ୍ୱାମୀ ହରା ହୋଇଥିବେ ସେମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଦୁର୍ବଳ ଓ ଅସହାୟ । ଏହି ବୟସ୍କ/ବୃଦ୍ଧ ବ୍ୟକ୍ତିମାନଙ୍କ ଉପରେ ପ୍ରକଳ୍ପ ଜନିତ କୁପ୍ରଭାବ ଗୁଡିକ ପଡିବ, ଏଣୁ ଏହି ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ।

ମହିଳା ମୁଖ୍ୟ ପରିବାର: ଜମିହରାଉ ଥିବା ପରିବାର ମଧ୍ୟରେ ୨ଟି ମହିଳା ମୁଖ୍ୟ ପରିବାର ଅଛନ୍ତି । ଜଣେ ଅନ୍ୟାନ୍ୟ ପଛୁଆବର୍ଗର ଓ ଅନ୍ୟ ଜଣେ ସାଧାରଣ ବର୍ଗ ଜାତିର ଅଟନ୍ତି । ପ୍ରସ୍ତାବିତ ପ୍ରକଳ୍ପର ପୁନଃଥଇଥାନ ସମୟରେ ବିଧବା, ବିପତ୍ନୀକ, ମହିଳା ମୁଖ୍ୟ ପରିବାର ଏବଂ ବୟସ୍କ ଲୋକଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନଦେବା ଆବଶ୍ୟକ ।

ଭିନ୍ନକ୍ଷମ: ଭିନ୍ନକ୍ଷମମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସେହି ବ୍ୟକ୍ତିମାନଙ୍କର ଶିକ୍ଷା, ନିଯୁକ୍ତି ଏବଂ ସାମାଜିକ ଅର୍ଥନୈତିକ ସୁବିଧା କମ୍ ଥାଏ । ପ୍ରଭାବିତ ଜନସଂଖ୍ୟାରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଚିହ୍ନଟ କରାଯାଇ ଅଛି । ଏହି ବ୍ୟକ୍ତି ଜୀବିକା ନିର୍ବାହ ପାଇଁ ପରିବାର ଉପରେ ନିର୍ଭର କରନ୍ତି ।

ସ୍ଥାନାନ୍ତର ହୋଇ ଆସିଥିବା ପରିବାର: ଗ୍ରାମାଚଂଳରେ ଯେଉଁମାନେ ବାହାରୁ ଆସି ବସବାସ କରି ରହିଥାନ୍ତି, ସେମାନେ ସାଧାରଣତଃ ଦୁର୍ବଳ ଓ ନିରାଶ୍ରୟ ଗୋଷ୍ଠୀଭୁକ୍ତ ହୋଇଥାନ୍ତି । କାରଣ ଗ୍ରାମର ମୂଳ ବାସିନ୍ଦାମାନଙ୍କର ଗ୍ରାମର ସମ୍ପଦ ଉପରେ ଅଧିକାର ଥାଏ । ବାହାରୁ ଆସି ବସବାସ କରି ରହୁଥିବା ପରିବାରମାନଙ୍କର ଜମିବାଡି କିଛି ନଥାଏ ଓ ସେମାନେ ସାଧାରଣତଃ ମୂଲମଜୁରୀ ଲାଗି ଚଳନ୍ତି । ଏଣୁ ସେମାନଙ୍କୁ ନିରାଶ୍ରୟ ଗୋଷ୍ଠୀରେ ଗଣାଯାଏ । ପ୍ରଭାବିତ ଜନସଂଖ୍ୟାରେ ସେପରି ପରିବାର ନାହାଁନ୍ତି ।

ସାମାଜିକ କଳଙ୍କ ଓ ପକ୍ଷପାତିତା ଯୋଗୁ ଦୁର୍ବଳତା/ନିରାଶ୍ରୟତା: ସମାଜରେ ଯେଉଁମାନେ ଏଚ.ଆଇ.ଭି/ଏଡସ୍, କୁଷ୍ଠ କିମ୍ବା ଅନ୍ୟ ଯେକୌଣସି ଅଛୁଆଁ ରୋଗ ଦ୍ୱାରା ପିଡିତ ଏବଂ ସମଲିଙ୍ଗି ଇତ୍ୟାଦି,

ସେମାନଙ୍କୁ ସାଧାରଣତଃ ଦୁର୍ବଳ ଓ ନିରାଶ୍ରୟ ଗୋଷ୍ଠିରେ ଗଣାଯାଏ । ସେପରି ଲୋକ, ଏହି ଗ୍ରାମରେ କିମ୍ବା ପ୍ରଭାବିତ ପରିବାରରେ କେହି ବି ନାହାଁନ୍ତି ।

୬.୫. ଜୀବିକା

୬.୫.୧. ସାଧାରଣ କ୍ରିୟାକଳାପ ଏବଂ କର୍ମଜୀବି ହାର: ଜୀବିକା ଉପରେ ଆଲୋଚନା କରିବା ପୂର୍ବରୁ ଜମିହରାଉ ଥିବା ପରିବାରର ସଦସ୍ୟମାନଙ୍କର ସାଧାରଣ କ୍ରିୟାକଳାପ ଓ ଆର୍ଥିକ ବୃତିରେ ଅଂଶଗ୍ରହଣ ସମ୍ପର୍କରେ ଆଲୋଚନା କରିବା ଆବଶ୍ୟକ । ଯେଉଁଥିରୁ ଜମିହରାଉଥିବା ପରିବାରରେ କର୍ମଜୀବି ହାର ଓ ବେକାରୀର ସ୍ଥିତ ଜଣାପଡିବ ।

ଜମିହରାଉ ଥିବା ପରିବାରର ସଦସ୍ୟମାନଙ୍କର "ସାଧାରଣ କ୍ରିୟାକଳାପ" ତଥ୍ୟରୁ ଜଣାଯାଏ ଯେ, ସମୁଦାୟ ଜନସଂଖ୍ୟାର ମାତ୍ର ୩୨.୫୦% ବ୍ୟକ୍ତି କର୍ମରେ ନିୟୋଜିତ, ଅର୍ଥାତ୍ ଯେ କୌଣସି ଆର୍ଥିକ ବୃତିକୁ ଆପଣେଇଛନ୍ତି । ଯାହାକି ସାରଣୀ ୧୨ରେ ଦର୍ଶାଯାଇଛି । ଏହାର କାରଣ ମହିଳାମାନଙ୍କ ମଧ୍ୟରେ କର୍ମଜୀବି ହାର ମାତ୍ର ଶତକଡା ୨୦ ଏବଂ କେତେକ ଯୁବକ ଯୁବତୀ, ଯଦିଓ ୧୮ ରୁ ୬୦ ବର୍ଷ କର୍ମକ୍ଷମ ବୟସ ମଧ୍ୟରେ ଅଛନ୍ତି, ମାତ୍ର ଉଚ୍ଚ ଶିକ୍ଷା ପାଇଁ ବାହାରକୁ ଯାଇଛନ୍ତି ।

କର୍ମଜୀବି ହାରରେ ଜାତି ଏବଂ ଲିଙ୍ଗଗତ ଭିନ୍ନତା: ସାମାଜିକ ପ୍ରଭାବ ଆକଳନ ତଥ୍ୟରୁ ଜଣାଯାଏ ଯେ, ମହିଳାଙ୍କ ମଧ୍ୟରେ ପ୍ରାୟ ୪୦% ଗୃହିଣୀ ହିସାବରେ ନିଜର ସାଧାରଣ କ୍ରିୟାକଳାପ ଦର୍ଶାଇଛନ୍ତି (ସାରଣୀ ୧୨) ।

ସାରଣୀ ୧୨. ଜମିହରାଉଥିବା ପରିବାରର ସଦସ୍ୟ ମାନଙ୍କର "ସାଧାରଣ କ୍ରିୟାକଳାପ" ତଥ୍ୟ

ସାଧାରଣ କ୍ରିୟାକଳାପ	ପୁରୁଷ		ମହିଳା		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
କର୍ମଜୀବି	୯	୪୫.୦୦	୪	୨୦.୦୦	୧୩	୩୨.୫୦
ବେକାରୀ	୦	୦.୦୦	୧	୫.୦୦	୧	୨.୫୦
ଗୃହିଣୀ	୦	୦.୦୦	୮	୪୦.୦୦	୮	୨୦.୦୦
ଛାତ୍ରଛାତ୍ରୀ	୬	୩୦.୦୦	୩	୧୫.୦୦	୯	୨୨.୫୦
ବୃଦ୍ଧ ଏବଂ ଅବସର ପ୍ରାପ୍ତ	୧	୫.୦୦	୧	୫.୦୦	୨	୫.୦୦
ସ୍କୁଲ ଯିବା ବୟସ ହୋଇନଥିବା ଛୁଆ (୦ ରୁ ୬ ବର୍ଷ)	୩	୧୫.୦୦	୩	୧୫.୦୦	୬	୧୫.୦୦
ଭିନ୍ନକ୍ଷମ ବ୍ୟକ୍ତି	୧	୫.୦୦	୦	୦.୦୦	୧	୨.୫୦
ସର୍ବ ମୋଟ	**୨୦**	**୧୦୦.୦୦**	**୨୦**	**୧୦୦.୦୦**	**୪୦**	**୧୦୦.୦୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୬.୫.୨. ବେକାରୀ

ଜମିହରାଉ ଥିବା ପରିବାରର ସଦସ୍ୟ ମାନଙ୍କ ମଧ୍ୟରେ ୧ ଜଣ (୨.୫୦%) ସମ୍ପୂର୍ଣ୍ଣ ବେକାରୀ ଅଛନ୍ତି ।

୬.୫.୩. ବୃତି/ଧନ୍ଦା

ଜମିହରାଉ ଥିବା ପରିବାରରେ କର୍ମଜୀବିମାନଙ୍କ ମଧ୍ୟରେ ମାତ୍ର ୧୫.୩୮% ଲୋକ ଚାଷ କାମ କରୁଛନ୍ତି । ଅଣ କୁଶଳୀ ମଜୁରିଆ କର୍ମଜୀବି (୬୨%) ଅଛନ୍ତ । ବ୍ୟବସ୍ୟାୟ ୧୫.୩୮% ଓ ସରକାରୀ ଚାକିରୀ ୬.୬୦% କରିଛନ୍ତି । ବୃତି/ଧନ୍ଦାର ତଥ୍ୟ ସାରଣୀ ୧୩ ରେ ଦର୍ଶାଯାଇଛି ।

ସାରଣୀ ୧୩ ଜମି ହରାଉଥିବା ପରିବାରରେ କର୍ମଜୀବିମାନଙ୍କର ମୁଖ୍ୟ ବୃତି

ମୁଖ୍ୟ ବୃତି	ପୁରୁଷ		ମହିଳା		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
ଚାଷ	୨	୨୨.୨୨	୦	୦.୦୦	୨	୧୫.୩୮
କୃଷି ଶ୍ରମିକ	୦	୦.୦୦	୪	୧୦୦.୦୦	୪	୩୦.୭୭
ଅଣକୁଶଳୀ ଅଣକୃଷି ଶ୍ରମିକ	୪	୪୪.୪୫	୦	୦.୦୦	୪	୩୦.୭୭
ସରକାରୀ ଚାକିରୀ	୧	୧୧.୧୧	୦	୦.୦୦	୧	୬.୬୦
ବାଣିଜ୍ୟ/ବ୍ୟବସାୟ	୨	୨୨.୨୨	୦	୦.୦୦	୨	୧୫.୩୮
ସର୍ବମୋଟ	**୯**	**୧୦୦.୦୦**	**୪**	**୧୦୦.୦୦**	**୧୩**	**୧୦୦.୦୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୬.୫.୪. ପରିବାରର ଆୟ

ଜମିହରାଉ ଥିବା ପରିବାରର ଆୟକୁ ଆକଳନ କରିବା ଦ୍ୱାରା ସେମାନଙ୍କର ଚଳଣି ଓ ଦାରିଦ୍ର୍ୟତା ବିଷୟରେ ଜଣାପଡିବ । ଏହା ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ ପ୍ରସ୍ତୁତି କରିବାରେ ସାହାଯ୍ୟ କରିବ । ଏହାକୁ ଆଖି ଆଗରେ ରଖି ଜମିହରାଉ ଥିବା ୬ଟି ପରିବାରର ବାର୍ଷିକ ଆୟର ତଥ୍ୟ ସଂଗ୍ରହ କରି ବିଶ୍ଳେଷଣ କରାଯାଇଛି, ଯାହାକି ନିମ୍ନରେ ଦିଆଯାଇଛି । ତଥ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ୮୫.୬୨% ପରିବାରର ବାର୍ଷିକ ଆୟ ୧,୫୦,୦୦୦ ଟଙ୍କା ବା ମାସିକ ୧୨.୫୦୦ ରୁ କମ୍ ଅଛି ।

ସାରଣୀ ୧୪. ଜମି ହରାଉଥିବା ପରିବାରମାନଙ୍କର ବାର୍ଷିକ ଆୟର ବିବରଣୀ

ବାର୍ଷିକ ଆୟର ପରିମାଣ (ଟଙ୍କାରେ)	ପରିବାର ସଂଖ୍ୟା	%	ବର୍ଦ୍ଧିଷ୍ଣୁ ପରିବାର ସଂଖ୍ୟା	%
୬୫,୦୦୦ ପର୍ଯ୍ୟନ୍ତ	୦	୦.୦୦	-	-
୬୫,୦୦୦+ ରୁ ୧,୦୦,୦୦୦	୧	୧୪.୨୮	୧	୧୪.୨୮
୧,୦୦,୦୦୦+ ରୁ ୧,୫୦,୦୦୦	୫	୬୧.୪୪	୬	୮୫.୬୨

ବାର୍ଷିକ ଆୟର ପରିମାଣ (ଟଙ୍କାରେ)	ପରିବାର ସଂଖ୍ୟା	%	ବର୍ଦ୍ଧିଷ୍ଣୁ ପରିବାର ସଂଖ୍ୟା	%
୧,୫୦,୦୦୦+ ରୁ ୨,୦୦,୦୦୦	୦	୦.୦୦	୦	୦.୦୦
୨,୦୦,୦୦୦ ରୁ ଉର୍ଦ୍ଧ୍ୱ	୧	୧୪.୨୮	୭	୧୦୦.୦୦
ସର୍ବମୋଟ	**୭**	**୧୦୦.୦୦**	**-**	**-**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ସାରଣୀ ୧୫. ଜମି ହରାଉଥିବା ପରିବାରମାନଙ୍କରେ ଜାତି ଅନୁସାରେ ବାର୍ଷିକ ଆୟର ବିଭିନ୍ନତା

ଜାତିର ପ୍ରକାର	ଜମି ହରାଉଥିବା ପରିବାର ସଂଖ୍ୟା	ହାରାହାରି ବାର୍ଷିକ ଆୟ (ଟଙ୍କାରେ)
ଅନ୍ୟାନ୍ୟ ପଛୁଆ ବର୍ଗ	୫	୧,୧୪,୪୦୦
ସାଧାରଣ ବର୍ଗ	୨	୪,୨୯,୦୦୦
ମୋଟ	**୭**	**୨,୦୪,୨୮୬**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ବାର୍ଷିକ ଆୟରେ ଜାତି ଅନୁସାରେ ଭିନ୍ନତା: ଜମିହରାଉ ଥିବା ପରିବାରରେ ବାର୍ଷିକ ଆୟରେ ଜାତି ଅନୁସାରେ ବହୁତ ଭିନ୍ନତା ରହିଛି । ତଥ୍ୟରୁ ଜଣାଯାଏ ଯେ, ସାଧାରଣ ବର୍ଗ ପରିବାରମାନଙ୍କର ଆୟ, ଅନ୍ୟାନ୍ୟ ପଛୁଆବର୍ଗ ପରିବାରଙ୍କର ଆୟ ତୁଳନାରେ ଅଧିକ ଅଛି । କାରଣ ଏହି ପରିବାର ମାନଙ୍କର ଚାଷ ଜମି ଅଧିକ ଅଛି, ସରକାରୀ ଚାକିରୀ କରିଛନ୍ତି ଏବଂ ସେମାନେ ବାଣିଜ୍ୟ/ବ୍ୟବସାୟ ମଧ୍ୟ କରିଥାଆନ୍ତି ।

୬.୫.୫. ଜମିହରାଉ ଥିବା ପରିବାର ମାନଙ୍କର ଚାଷ/ଜମି ଉପରେ ନିର୍ଭରଶୀଳତା:

ସାରଣୀ ୧୬. ଜମିହରାଉଥିବା ପରିବାରମାନଙ୍କର ଜମିର ପରିମାଣ

ଜାତି/ଉପଜାତି	ପରିବାର ସଂଖ୍ୟା	ହାରାହାରି ଚାଷଜମି (ଏକର)	ପରିସର (ଏକର)
ଅନ୍ୟାନ୍ୟ ପଛୁଆବର୍ଗ	୧	୦.୫୦	୦.୫୦
ସାଧାରଣ ବର୍ଗ	୨	୬.୨୫	୫.୫୦ ରୁ ୭.୦୦
ମୋଟ ଉପରେ	**୩**	**୪.୩୩**	**୦.୫୦ ରୁ ୭.୦୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ପ୍ରଭାବିତ ପରିବାରମାନଙ୍କର ଜମିର ହାରାହାରି ପରିମାଣ ୪.୩୩ ଏକର (ସାରଣୀ ୧୬) ଅଟେ, କିନ୍ତୁ ତାରତମ୍ୟ ବହୁତ ଅଧିକ । ୫ଟି ଅନ୍ୟାନ୍ୟ ପଛୁଆବର୍ଗର ପରିବାର ମଧ୍ୟରୁ ଜଣଙ୍କର ଚାଷଜମି ଅଛି, ଏହା ମାତ୍ର ୦.୫୦ ଏକର । ଦୁଇଟି ସାଧାରଣ ବର୍ଗ ପରିବାରଙ୍କର ହାରାହାରି ଜମିର ପରିମାଣ ୬.୨୫ ଏକର ଅଛି । ଉପର ବର୍ଣ୍ଣିତ ଆଲୋଚନାରୁ ଜଣାଯାଏ ଯେ ପ୍ରଭାବିତ ପରିବାର ମଧ୍ୟରେ ଜମି ପରିମାଣର ଭିନ୍ନତା ଦୃଷ୍ଟିରୁ ଜୀବିକାର ଉତ୍ସ ଭିନ୍ନ ଭିନ୍ନ ହୋଇଅଛି ।

୬.୫.୬. ଚାଷ ଉପରେ ନିର୍ଭରଶୀଳତା:

ସାରଣୀ ୧୭. ଜମି ହରାଉଥିବା ପରିବାରରେ ଚାଷରୁ ହାରାହାରି ବାର୍ଷିକ ଆୟର ଆକଳନ

(ଏକ ଏକର ଜମିଚାଷ ରୁ ବର୍ଷକୁ ହାରାହାରି ଆୟ ଟଙ୍କାରେ)

ଜାତି	ଚାଷରୁ ସମୁଦାୟ ଆୟର ତଥ୍ୟ	କେତେଜଣ ପରିବାର ତଥ୍ୟ ଦେଇଛନ୍ତି	ପରିବାର ପିଛା ଚାଷରୁ ହାରାହାରି ବାର୍ଷିକ ଆୟ	ପରିବାର ପିଛା ହାରାହାରି ଜମିର ପରିମାଣ (ଏକରରେ)	ଏକର ପ୍ରତି ହାରାହାରି ବାର୍ଷିକ ଆୟ
ଅନ୍ୟାନ୍ୟ ପଛୁଆ ବର୍ଗ	୩୨,୦୦୦	୧	୮,୦୦୦	୦.୫୦	୧୬,୦୦୦
ସାଧାରଣ ବର୍ଗ	୧,୮୬,୦୦୦	୨	୯୩,୦୦୦	୬.୨୫	୧୪,୮୮୦
ମୋଟ ଉପରେ	**୫୬,୪୨,୪୦୦**	**୩**	**୬୪,୬୬୭**	**୪.୩୩**	**୧୪,୯୩୫**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ଗ୍ରାମରେ ଥିବା ସମସ୍ତ ଚାଷ ଜମି ଗୁଡିକ ବର୍ଷାଜଳ ଉପରେ ନିର୍ଭର କରେ । ଯାହାଫଳରେ ଉତ୍ପାଦନ କମ୍ ହୁଏ, କାରଣ ଜମି ଗୁଡିକ ଅନୁର୍ବର ଓ ସାର/ଔଷଧର ପ୍ରୟୋଗ କମ୍ ହୋଇଥିବାରୁ ଭଲ ଅମଳ ହୁଏନାହିଁ । ବର୍ଷାଜଳ ଉପରେ ନିର୍ଭର କରି ଖରିଫ ଋତୁରେ ଧାନ ଚାଷ କରାଯାଇଥାଏ । ଯଦି ବର୍ଷା ଭଲ ହୁଏ, ତେବେ ଜମିର ଆର୍ଦ୍ରତା ଦେଖି ରବି ଋତୁରେ ବିରି, କୋଳଥ ଇତ୍ୟାଦି ଚାଷ କରାଯାଏ । ମରୁଡି ହେଲେ, ଜଳସେଚନ ଅଭାବରୁ ଫସଲ କ୍ଷତି ହୋଇଥାଏ । ତେଣୁ ଚାଷ କେବଳ ଲୋକମାନଙ୍କର ପରିବାରର ଖାଦ୍ୟ ଆବଶ୍ୟକତାକୁ ପୁରଣ କରିଥାଏ । ଅଳ୍ପ କିଛି ବଳକା କୃଷିଜାତ ଦ୍ରବ୍ୟ ବିକ୍ରି କରିଥାନ୍ତି ।

ଜଳସେଚନର ଅଭାବ, କୃଷକମାନଙ୍କୁ ଆଧୁନିକ ପ୍ରଣାଳୀରେ ଚାଷ କରିବାରେ ବାଧକ ହେଉଛି । ଗ୍ରାମରେ କୃଷକମାନେ ଏକ ଏକରରୁ ହାରାହାରି ଲାଭ ବର୍ଷକୁ ୧୪,୯୩୫ ଟଙ୍କା ପାଉଛନ୍ତି, ଅନ୍ୟାନ୍ୟ ପଛୁଆ ବର୍ଗ କୃଷକ ମାନେ ୧୬,୦୦୦ ଟଙ୍କା ପାଉଛନ୍ତି । ଏହି ପ୍ରକାରର ଆୟରେ ଚାଷ ଉପରେ ନିର୍ଭର କରି ୫.୭୧ ସଦସ୍ୟ ବିଶିଷ୍ଟ ପରିବାର ଚଳାଇବା କଷ୍ଟକର, ବିଶେଷ କରି ଯେଉଁ ପରିବାରର ଜମି ବହୁତ କମ । ଏଣୁ ଏହି ପରିବାର ଗୁଡିକ ମୂଲମଜୁରୀ ଉପରେ ମଧ୍ୟ ନିର୍ଭର କରିଥାନ୍ତି ।

୬.୫.୭. ପଶୁପାଳନ ଉପରେ ନିର୍ଭରଶୀଳତା

ଜମି ହରାଉଥିବା ପରିବାରମାନେ ପଶୁପାଳନ କରୁଛନ୍ତି (ସାରଣୀ ୧୮), ମାତ୍ର ବ୍ୟବସାୟିକ ଦୃଷ୍ଟିରୁ ଏଥିରୁ ସେମାନେ ଜୀବିକା ନିର୍ବାହ କରିପାରୁ ନାହାଁନ୍ତି । ସରକାରୀ ସୁବିଧା ସୁଯୋଗ, ଯଥା ଶଙ୍କର ଜାତୀୟ ଗାଈଗୋରୁ କିଣିବା ପାଇଁ ଆର୍ଥିକ ସାହାଯ୍ୟ, ଦୁଗ୍ଧଜାତ ଦ୍ରବ୍ୟ ବିକ୍ରି ପାଇଁ ବଜାର ପ୍ରଭୃତିର ଅଭାବ ରହିଛି ।

ସାରଣୀ ୧୮ ଜମି ହରାଉଥିବା ପରିବାରର ପଶୁ ସମ୍ପଦ

ପ୍ରଜାତି	ଅନ୍ୟାନ୍ୟ ପଛୁଆ ବର୍ଗ	ସାଧାରଣ ବର୍ଗ	ସର୍ବମୋଟ ସଂଖ୍ୟା
ଗାଈ	୩	୩	୬
ବଳଦ	୦	୦	୦

ପ୍ରଜାତି	ଅନ୍ୟାନ୍ୟ ପଛୁଆ ବର୍ଗ	ସାଧାରଣ ବର୍ଗ	ସର୍ବମୋଟ ସଂଖ୍ୟା
ଛେଳି	୪	୦	୪
କୁକୁଡା/ବତକ	୦	୦	୦
ମୋଟ	**୭**	**୩**	**୧୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ଅଳ୍ପ ଦୁଗ୍ଧ ଦେଉଥିବା ଦେଶୀ ଗାଈ ୯୦% ଅଛନ୍ତି । ଏହି ଦେଶୀ ଗାଈର ଗୋବର, ଖତ ଓ ଜାଳେଣୀ ରୂପେ ବ୍ୟବହାର ହୁଏ । କୌଣସି ବି ପରିବାର ବିଲରେ ଉନ୍ନତ ଗୋଖାଦ୍ୟ ଘାସ ଚାଷ କରି ନାହାଁନ୍ତି । ପୃଷ୍ଟିସାର ଯୁକ୍ତ ସବୁଜ ଘାସ ଗାଈଙ୍କୁ ଦିଆଯାଏ ନାହିଁ । ଏଣୁ ଗାଈଗୋରୁ ପଡିଆରେ ଚରିଥାନ୍ତି ।

୬.୫.୯. ମୂଲ ମଜୁରୀ

ପୂର୍ବ ଆଲୋଚନାରୁ ଜଣାଯାଏ ଯେ, ବିଶେଷ କରି ଅନ୍ୟାନ୍ୟ ପଛୁଆ ବର୍ଗର ଗରିବ ପରିବାରବର୍ଗଙ୍କର ଜୀବିକା ନିର୍ବାହ ପାଇଁ ମୂଲମଜୁରୀ ଏକ ପ୍ରଧାନ ଉତ୍ସ ଅଟେ । ପ୍ରଭାବିତ ଅଚଂଳରେ ଜଳସେଚନର ଅଭାବ ଓ ଏକ ଫସଲି ହୋଇଥିବାରୁ କୃଷିର ପ୍ରାଧାନ୍ୟ ବହୁତ କମ । ଫଳରେ କୃଷିରେ ମଜୁରୀ କାମ ବହୁତ ସୀମିତ । ଅଧିକାଂଶ କର୍ମଜୀବି ଅଣକୃଷି ମଜୁରୀ ଉପରେ ନିର୍ଭର କରୁଛନ୍ତି । କମ୍ ଶିକ୍ଷାଗତ ଯୋଗ୍ୟତା, ଆବଶ୍ୟକ ଜ୍ଞାନ କୌଶଳ, ଅର୍ଥର ଅଭାବ ଏବଂ ବଜାରର ସୁବିଧା ନ ଥିବାରୁ ଲୋକମାନେ ଆତ୍ମନିର୍ଭରଶୀଳ ହୋଇ ପାରୁନାହାଁନ୍ତି । ତେଣୁ ଅଣକୃଷି ମଜୁରୀ କାମ କରି ଚଳୁଛନ୍ତି ।

୬.୫.୯. ସ୍ଥାନାନ୍ତର

ପ୍ରଭାବିତ ଅଚଂଳରେ ୬୩ଜଣ ସ୍ଥାନାନ୍ତରିତ ହୋଇ ବାହାରେ କାମ କରୁଛନ୍ତି । ସେମାନଙ୍କ ମଧ୍ୟରୁ ୧୧ ଜଣ ସ୍ଥାୟୀ ଭାବରେ ବୃତି କରୁଥିବା ବେଳେ ୫୨ ଜଣ ଅସ୍ଥାୟୀ ଭାବେ କାମ କରୁଛନ୍ତି । ଧାନ ଅମଳ ସମୟରେ ସେମାନେ ଘରକୁ ଆସନ୍ତି ଓ ଚାଷବାସରେ ସାହାର୍ଯ୍ୟ କରିଥାନ୍ତି ।

୬.୫.୧୦. ଜୀବିକା ପାଇଁ ସରକାରୀ ଯୋଜନା ର ଅବଦାନ

ଜୀବିକା ନିମନ୍ତେ ସରକାରୀ ଯୋଜନା ଗୁଡିକ ଯଥା, ଏମଜିଏନଆରଇଜିଏସ, ଓଏଲଏମ୍ (ଓଡିଶା ଜୀବିକା ମିଶନ), ଇତ୍ୟାଦି ପ୍ରଭାବିତ ଗ୍ରାମରେ ବହୁତ ଅଳ୍ପ କାର୍ଯ୍ୟକାରି କରାଯାଉଛି । ଯଦିଓ ପ୍ରଭାବିତ ପରିବାରରେ ୫ ଜଣ ଜବ କାର୍ଡ ଅଛନ୍ତି, କିନ୍ତୁ ବିଗତ ୩ ବର୍ଷ ମଧ୍ୟରେ କେହି ୧୦୦ ଦିନର କାମ ପାଇ ନାହାଁନ୍ତି । କମ୍ ମଜୁରି ଯୋଗୁ ଏମଜିଏନଆରଇଜିଏସ ଯୋଜନା ଏଠାରେ ଠିକ୍ ଭାବରେ କାର୍ଯ୍ୟକାରୀ କରୁନାହିଁ ବୋଲି ଅନୁମାନ କରାଯାଏ ।

୬.୬. ଜୀବନଧାରଣର ମାନ/ଗ୍ରାମର ପରିବେଶ

ଜୀବନଧାରଣର ମାନ ସାଧାରଣତଃ ଗ୍ରାମରେ ମିଳୁଥିବା ସୁଖ ସାଚ୍ଛନ୍ଦ ଓ ପରିବେଶ ଉପରେ ନିର୍ଭର କରେ । ସବିଶେଷ ବିବରଣୀ ନିମ୍ନରେ ବର୍ଣ୍ଣନା କରାଯାଇଛି ।

୬.୬.୧. ବାସଗୃହର ପ୍ରକାର

ସମସ୍ତ ପ୍ରଭାବିତ ପରିବାର ନିଜର ନିଜସ୍ୱ ପଟ୍ଟା ଥିବା ଘରଡିହରେ ଘରକି ରହିଛନ୍ତି । ବାସଗୃହର ପ୍ରକାର ଭେଦ ଦେଖିଲେ ଜଣାଯାଏ ଯେ, ଘରଗୁଡିକ ସାଧାରଣତଃ ସ୍ଥାୟୀ, ଅର୍ଦ୍ଧସ୍ଥାୟୀ ଏବଂ ମିଶାମିଶି । ଅଧିକାଂଶ ଘର ଛାତ ଘର, ସିମେଂଟ କଂକ୍ରିଟ ଛାତ, ଇଟା କାନ୍ଥ ଓ ସିମେଂଟ ଚଟାଣ ରହିଛି । ଜଣାଯାଏ ଯେ, ୧୯୯୯ ମସିହା ସୁପର ସାଇକ୍ଲୋନ ପରେ ସରକାରୀ ସାହଯ୍ୟ ପାଇ ଅନେକ ସ୍ଥାୟୀ ଭାବେ ଘର ନିର୍ମାଣ କରିଛନ୍ତି ।

ସାରଣୀ ୧୯. ଜମି ହରାଉଥିବା ପରିବାରମାନଙ୍କର ବାସଗୃହର ପ୍ରକାର

ପ୍ରକାର	ଜମି ହରାଉଥିବା ପରିବାର					
	ଅନ୍ୟାନ୍ୟ ପଛୁଆ ବର୍ଗ		ସାଧାରଣ ବର୍ଗ		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
ଗୃହର ଛାତ						
ଖପର/ଟାଇଲ	୫	୧୦୦.୦୦	-	-	୫	୭୧.୪୩
ସିମେଣ୍ଟ ଛାତ	-	-	୨	୧୦୦.୦୦	୨	୨୮.୫୭
ମୋଟ	**୫**	**୧୦୦.୦୦**	**୨**	**୧୦୦.୦୦**	**୭**	**୧୦୦.୦୦**
ଗୃହର କାନ୍ଥ						
ଇଟା କାନ୍ଥ	୫	୧୦୦.୦୦	୨	୧୦୦.୦୦	୭	୧୦୦.୦୦
ମୋଟ	**୫**	**୧୦୦.୦୦**	**୨**	**୧୦୦.୦୦**	**୭**	**୧୦୦.୦୦**
ଗୃହର ଚଟାଣ						
ମାଟି	୫	୧୦୦.୦୦	-	-	୫	୭୧.୪୩
ସିମେଣ୍ଟ	-	-	୨	୧୦୦.୦୦	୨	୨୮.୫୭
ମୋଟ	**୫**	**୧୦୦.୦୦**	**୨**	**୧୦୦.୦୦**	**୭**	**୧୦୦.୦୦**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୬.୬.୨. ପରିମଳ

ଜମି ହରାଉଥିବା ୨୧୦ ଟି ପରିବାର ମଧ୍ୟରେ କେବଳ ୧୯୮ଟି ପରିବାରରେ (୯୪.୨୮%) ଶୌଚାଳୟର ବ୍ୟବସ୍ଥା ଅଛି । ସମସ୍ତ ପରିବାର ଶୌଚାଳୟ ଓ ଆଧୁନିକ ପରିମଳ ବ୍ୟବସ୍ଥାକୁ ଆପଣେଇବାର ଆବଶ୍ୟକତା ଅଛି ।

ସାରଣୀ ୨୦. ଜମିହରାଉ ଥିବା ପରିବାରରେ ଶୌଚାଳୟ ସୁବିଧାର ତଥ୍ୟ

ପରିମଳ ସୂଚକାଙ୍କ	ଜମି ହରାଉଥିବା ପରିବାର					
	ଅନ୍ୟାନ୍ୟ ପଛୁଆବର୍ଗ		ସାଧାରଣ ବର୍ଗ		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
ନିଜସ୍ୱ ଶୌଚାଳୟ	୦	୦.୦୦	୨	୧୦୦.୦୦	୨	୨୮.୫୭

ପରିମଳ ସୂଚକାଙ୍କ	ଜମି ହରାଉଥିବା ପରିବାର					
	ଅନ୍ୟାନ୍ୟ ପଛୁଆବର୍ଗ		ସାଧାରଣ ବର୍ଗ		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
ଖୋଲା ପଡିଆରେ ଶୌଚ ଅଭ୍ୟାସ	୫	୧୦୦.୦୦	୦	୦.୦୦	୫	୭୧.୪୩
ମୋଟ	୫	୧୦୦.୦୦	୨	୧୦୦.୦୦	୭	୧୦୦.୦୦

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୬.୬.୩. ସ୍ୱାସ୍ଥ୍ୟ

ଜମିହରାଉ ଥିବା ପରିବାରର ସଦସ୍ୟ ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପ୍ରାୟତଃ ଭଲ ଅଛି । ୭ଟି ପ୍ରଭାବିତ ପରିବାରରୁ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାଯାଏ ଯେ, ମାତ୍ର ଜଣେ ସ୍ନାୟୁ ରୋଗରେ ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ହେବ ଚିକିତ୍ସିତ ହେଉଛନ୍ତି । ଏହା ବ୍ୟତୀତ କିଛି ଲୋକ ମଧୁମେହ ରୋଗ, ଉଚ୍ଚ ରକ୍ତଚାପ, ଗ୍ୟାସ, ହାତ ଗଣ୍ଠି ବିନ୍ଧା ରୋଗରେ ପିଡିତ ଅଛନ୍ତି । ସମସ୍ତେ ଜୁନାଗଡ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୁଅନ୍ତି ।

୬.୬.୪ ବିଜୁଳି ର ସୁବିଧା

୭ ଟି ଜମି ହରାଉଥିବା ପରିବାର ବିଦ୍ୟୁତ୍ ସଂଯୋଗ ନେଇ ବ୍ୟବହାର କରୁଛନ୍ତି । ପ୍ରଭାବିତ ପରିବାରରୁ ୫୪.୨୮% ସରକାରୀ ସବସିଡି ବିଜୁଳି ସଂଯୋଗ ନେଇଛନ୍ତି ।

ସାରଣୀ ୨୧. ଜମି ହରାଉଥିବା ପରିବାରରେ ବିଦ୍ୟୁତ୍‌ର ବ୍ୟବହାର

ସୂଚକାଙ୍କ	ଅନ୍ୟାନ୍ୟ ପଛୁଆ ବର୍ଗ	ସାଧାରଣ ବର୍ଗ	ମୋଟ
ମୋଟ ଜମି ହରାଉଥିବା ପରିବାର ସଂଖ୍ୟା	୫	୨	୭
ସାଧାରଣ ସଂଯୋଗ ନେଇଥିବା ପରିବାର ସଂଖ୍ୟା	୦	୨	୨
ଗରିବ ପରିବାର ମାନଙ୍କ ପାଇଁ ଥିବା ସରକାରୀ ସବସିଡି ବିଜୁଳି ସଂଯୋଗ ନେଇଥିବା ପରିବାର ସଂଖ୍ୟା	୫	୦	୫
ବିଜୁଳି ବ୍ୟବହାର କରୁଥିବା ମୋଟ ପରିବାର ସଂଖ୍ୟା	୫	୨	୭
ମୋଟ ଜମି ହରାଉଥିବା ପରିବାରର କେତେ ପ୍ରତିଶତ	୧୦୦.୦୦	୧୦୦.୦୦	୧୦୦.୦୦

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୬.୬.୫. ରନ୍ଧନ ଜାଳେଣୀ

ଯଦିଓ ପ୍ରଭାବିତ କିଛି ପରିବାରରେ ରନ୍ଧନ ଗ୍ୟାସ ଅଛି, କିନ୍ତୁ ସମସ୍ତ ଜମିହରାଉ ଥିବା ପରିବାର ଏବଂ ଗ୍ରାମର ଅନ୍ୟ ସମସ୍ତ ପରିବାର ରନ୍ଧନ ପାଇଁ ଜାଳେଣୀ କାଠ ଓ ଗୋବର ଘଷିକୁ ରନ୍ଧନ ଜାଳେଣୀ ରୂପରେ ବ୍ୟବହାର

କରନ୍ତି । କାରଣ ଇନ୍ଧନ ଗ୍ୟାସର ମୂଲ୍ୟ ଅଧିକା ଥିବାରୁ ଗରିବ ପରିବାର ସବୁ ସମୟରେ ଗ୍ୟାସ ବ୍ୟବହାର କରୁ ନାହାଁନ୍ତି । ପୁରୁଣା ଚୁଲିର ବ୍ୟବହାର ଦ୍ୱାରା ଘରେ ବାୟୁ ପ୍ରଦୁଷଣ ଓ ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଉଛି । କାରଣ ଅଧିକାଂଶ ଗରିବ ପରିବାରମାନଙ୍କର ଅଲଗା ରୋଷେଇ ଘର ନାହିଁ ।

୬.୬.୮. ଗୃହ ଉପକରଣ/ଆସବାବପତ୍ର

ଜମି ହରାଉଥିବା ପରିବାରମାନଙ୍କରେ ଗୃହ ଉପକରଣ/ଆସବାବପତ୍ର ଜୀବନଶୈଳୀର ସୂଚନା ଦେଇଥାଏ । ଗୃହ ଉପକରଣ/ଆସବାବପତ୍ର ଉପରେ ଯେଉଁ ତଥ୍ୟ ସଂଗ୍ରହ କରାଯାଇଛି, ତାହା ସାରଣୀ ୨୬ ରେ ଦର୍ଶାଯାଇଛି । ଅଧିକାଂଶ ଅନ୍ୟାନ୍ୟ ପଛୁଆ ବର୍ଗ ପରିବାରଙ୍କର ଟିଭି, ଫ୍ୟାନ୍ ପ୍ରଭୃତି ରହିଅଛି କିନ୍ତୁ ଅଧିକାଂଶ ଅନୁସୂଚିତ ଜାତି ପରିବାରଙ୍କର ଏହିସବୁ ଉପକରଣର ଅଭାବ ରହିଅଛି । ସାଇକେଲ୍ ଓ ମୋବଇଲ ଫୋନ, ଏହି ଦୁଇଟି ଉପକରଣ ପ୍ରାୟ ଅଧିକାଂଶ ପରିବାରରେ ଅଛି ।

ସାରଣୀ ୨୨. ଗ୍ରାମରେ ରହୁଥିବା ଜମି ହରାଉଥିବା ପରିବାରମାନଙ୍କର ଆସବାବପତ୍ର ଓ ଉପକରଣ

ଗୃହ ଉପକରଣ/ ଆସବାବପତ୍ର	ଜମି ହରାଉଥିବା ପରିବାର					
	ଅନ୍ୟାନ୍ୟ ପଛୁଆବର୍ଗ		ସାଧାରଣ ବର୍ଗ		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
ମୋବାଇଲ ଫୋନ୍	୫	୧୦୦.୦୦	୨	୧୦୦.୦୦	୭	୧୦୦.୦୦
ଫ୍ୟାନ	୫	୧୦୦.୦୦	୨	୧୦୦.୦୦	୭	୧୦୦.୦୦
ଟିଭି	-	-	୨	୧୦୦.୦୦	୨	୨୮.୫୬
ଡିସ ଆଣ୍ଟିନା	-	-	୨	୧୦୦.୦୦	୨	୨୮.୫୬
ଗ୍ରାଇଣ୍ଡର	୧	୨୦.୦୦	୨	୧୦୦.୦୦	୩	୪୨.୮୬
ଫ୍ରିଜ	-	-	୨	୧୦୦.୦୦	୨	୨୮.୫୬
ୱାସିଂ ମେସିନ	-	-	୧	୫୦.୦୦	୧	୧୪.୨୮
ରନ୍ଧନ ଗ୍ୟାସ୍	୨	୪୦.୦୦	୨	୧୦୦.୦୦	୪	୫୬.୧୪
ଓଭେନ	-	-	-	-	-	-
ୱାଟର ଫିଲଟର	-	-	-	-	-	-
କମ୍ପ୍ୟୁଟର	-	-	-	-	-	-
ସାଇକଲ	୩	୬୦.୦୦	୨	୧୦୦.୦୦	୫	୭୧.୪୩
ମୋଟର ସାଇକଲ	୧	୨୦.୦୦	୨	୧୦୦.୦୦	୩	୪୨.୮୬
ଚରିଚକିଆ ଯାନ	-	-	-	-	-	-
ଶଗଡ ଗାଡି	-	-	-	-	-	-
ଡିଜେଲ ପମ୍ପ	-	-	୧	୫୦.୦୦	୧	୧୪.୨୮
ଲଙ୍ଗଳ	-	-	-	-	-	-

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୬.୬.୯. ସାମାଜିକ ସୁରକ୍ଷା

ଜାତିସଂଘର ୧୦ ଡିସେମ୍ବର ୧୯୪୮ ମସିହାର ସାଧାରଣ ବୈଠକରେ ସର୍ବପ୍ରଥମେ ସାମାଜିକ ସୁରକ୍ଷା ବିଷୟ ଆଲୋଚିତ ହୋଇ ମାନବ ଅଧିକାର ଆର୍ଟିକିଲ୍ ୨୨ରେ ସ୍ଥାନ ପାଇଲା । ସେହିଦିନ ଠାରୁ ସାମାଜିକ ସୁରକ୍ଷାକୁ ସାର୍ବଜନୀନ ଘୋଷଣା କରାଗଲା । ଉକ୍ତ ଘୋଷଣାନାମା ଅନୁଯାୟୀ, ପ୍ରତ୍ୟେକ ବ୍ୟକ୍ତିର ବିନା କଷ୍ଟ ଓ ଅନିଶ୍ଚିତତାରେ ସମ୍ମାନସ୍ପଦ ଜୀବନ ବିତାଇବାର ଅଧିକାର ଅଛି । ଉକ୍ତ ଘୋଷଣାନାମା ସୂଚାଇ ଦିଏ ଯେ, ସମାଜର ପ୍ରତ୍ୟେକ ବ୍ୟକ୍ତିର ସାମାଜିକ ସୁରକ୍ଷା ପାଇବାର ଅଧିକାର ଅଛି । ସମାଜର ପ୍ରତ୍ୟେକ ବ୍ୟକ୍ତିର ନିଜ ସମ୍ମାନ ଓ ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ପାଇଁ ଆବଶ୍ୟକ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ପାଇବାର ହକ୍ ଅଛି । ଯଦିଓ, ସାମାଜିକ ସୁରକ୍ଷାର ଅର୍ଥ ଏପରି, ମାତ୍ର, ଆଜିକାଲି ବହୁ ବିକାଶ ବିଶେଷଜ୍ଞ ଉକ୍ତ ଅର୍ଥ ବା ସଂଜ୍ଞାକୁ ସଂକୁଚିତ କରି ସରକାରଙ୍କର ଖାଦ୍ୟ ସୁରକ୍ଷା, ବାସଗୃହ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନା ଉପରେ କେନ୍ଦ୍ରିଭୂତ କରିଛନ୍ତି ଏବଂ ଏହାକୁ ସାମାଜିକ ସୁରକ୍ଷାର ଆଖ୍ୟା ଦେଉଛନ୍ତି । ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ସାମାଜିକ ସୁରକ୍ଷା ଉପରେ କିଛି ତଥ୍ୟ ସଂଗ୍ରହ କରାଯାଇଥିଲା, ଯାହାକି ନିମ୍ନରେ ବର୍ଣ୍ଣନା କରାଯାଇଛି ।

ଖାଦ୍ୟ ସୁରକ୍ଷା: ଖାଦ୍ୟ ସୁରକ୍ଷାର ସଂଜ୍ଞା FAO ୨୦୦୯ ମସିହାରେ ନିରୁପଣ କରିଛନ୍ତି । ଏହି ସଂଜ୍ଞା ଅନୁସାରେ, ଯଦି, ସମସ୍ତେ, ସବୁଦିନେ ସୁସ୍ଥ ଓ କର୍ମଠ ଜୀବନ ପାଇଁ ନିଜ ପସନ୍ଦ ଯୋଗ୍ୟ ଆବଶ୍ୟକ ମୁତାବକ ନିରାପଦ ଓ ପୃଷ୍ଟିସାର ଯୁକ୍ତ ଖାଦ୍ୟ ପାଉଛନ୍ତି, ତେବେ ଖାଦ୍ୟ ସୁରକ୍ଷା ଅଛି ଭାବରେ ମାନି ହେବ । ସାମାଜିକ ପ୍ରଭାବ ଆକଳନ ତଥ୍ୟରୁ ଜଣାଯାଏ ଯେ, ଯଦିଓ ଜମିହରାଉ ଥିବା ପରିବାରରେ ଅବଶ୍ୟକତା ମତାବକ ଖାଦ୍ୟ ଅଛି, ମାତ୍ର ପୃଷ୍ଟିସାର ଯୁକ୍ତ ଓ ନିଜ ପସନ୍ଦ ଯୋଗ୍ୟ ଖାଦ୍ୟର ଘୋର ଅଭାବ ରହିଛି । ଖାଦ୍ୟ ସୁରକ୍ଷାର ସମସ୍ୟା ଅନ୍ୟାନ୍ୟ ପଛୁଆ ବର୍ଗ ଓ ସାଧାରଣ ବର୍ଗ ପରିବାରରେ ପ୍ରାୟତଃ ଦେଖାଯାଏ ନାହିଁ । କିନ୍ତୁ ଗରିବ ଅନୁସୂଚିତ ଜାତି ପରିବାରରେ ଏହି ସମସ୍ୟା ଅଛି । ଯଦିଓ ସରକାରୀ ଟଙ୍କାକିଆ ଚାଉଳ ଯୋଜନା ପାଇଁ ଏହି ପରିବାରମାନେ ବର୍ଷସାରା ଖାଦ୍ୟ ପାଉଛନ୍ତି, କିନ୍ତୁ ସୁସ୍ଥ ଓ କର୍ମଠ ଜୀବନ ପାଇଁ ଆବଶ୍ୟକ ମୁତାବକ ନିଜ ପସନ୍ଦ ଯୋଗ୍ୟ ନିରାପଦ ଓ ପୃଷ୍ଟିସାର ଯୁକ୍ତ ଖାଦ୍ୟ ପାଉନାହାଁନ୍ତି । ଏହାର ପ୍ରଭାବରେ, ମୁଖ୍ୟତଃ ମହିଳା ଓ ଶିଶୁ/ଛୋଟପିଲାମାନେ ପୃଷ୍ଟିହିନତାର ଶିକାର ହେଉଛନ୍ତି । ଆୟର ପରିମାଣ ବହୁତ କମ୍ ଥିବାରୁ ଏହି ପରିବାର ମାନେ ଏ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ସରକାରଙ୍କର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରେ, ଜମି ହରାଉଥିବା ୭ଟି ପରିବାର ମଧ୍ୟରୁ ୫ଟି (୭୧.୪୩%) ପରିବାର ରାସନକାର୍ଡ ପାଇଛନ୍ତି । ଏହି ଗରିବ ପରିବାରମାନଙ୍କର ସମ୍ବଳ ନଥିବାରୁ ବଜାରରେ ମିଳୁଥିବା ପୃଷ୍ଟିସାର ଯୁକ୍ତ ଖାଦ୍ୟ କିଣି ପାରୁନାହାନ୍ତି । କିନ୍ତୁ ସେମାନଙ୍କୁ ଗୋପାଳନ, ଛେଳି ପାଳନ, କୁକୁଡା ଚାଷ ଏବଂ ପନିପରିବା ଚାଷ ଇତ୍ୟାଦି ରେ ପ୍ରୋତ୍ସାହିତ କଲେ ସେମାନେ ନିଜ ପସନ୍ଦ ଯୋଗ୍ୟ ନିରାପଦ ଓ ପୃଷ୍ଟିସାର ଯୁକ୍ତ ଖାଦ୍ୟ ସହଜରେ ପାଇ ପାରନ୍ତେ ।

ବୀମା: ବୀମା ସାମାଜିକ ସୁରକ୍ଷାର ଏକ ଅଂଶ ବିଶେଷ । ହଠାତ୍ କିଛି ଅଘଟଣ ଘଟିଲେ, କ୍ଷତିକୁ ଭରଣା କରିବା ପାଇଁ ବୀମା ଏକ ମୁଖ୍ୟ ଭୂମିକା ତୁଲାଇଥାଏ । ଏହା ଗରିବ ଲୋକଙ୍କ ପାଇଁ ନିହାତି ଆବଶ୍ୟକ, କାରଣ ସେମାନେ, ନିଜର ଦୈନଦିନ ଆୟରୁ ଭବିଷ୍ୟତ ପାଇଁ ସଂଚୟ କରିପାରିନଥାନ୍ତି ।

କିନ୍ତୁ ଏହି ଅଧ୍ୟୟନରୁ ଯାହା ଜଣାପଡୁଛି, ଜମି ହରାଉଥିବା ପରିବାରରେ ବୀମାଭୁକ୍ତ ବହୁତ କମ୍ ଅଛନ୍ତି । କିନ୍ତୁ ସ୍ୱାସ୍ଥ୍ୟ ବିମା ଯୋଜନାରେ ଜମି ହରାଉଥିବା ପରିବାର ଅନ୍ତର୍ଭୁକ୍ତ ଅଛନ୍ତି । ଏହି ଯୋଜନା ଓଡିଶା ସରକାର ପ୍ରଚଳନ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ବୀମାଭୁକ୍ତ ପରିବାରର କୌଣସି ସଦସ୍ୟର ଦେହ ଅସୁସ୍ଥ ହେଲେ, ତାର ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ଖର୍ଚ୍ଚର କିଛି ଅର୍ଥ ବୀମାରୁ ମିଳିଥାଏ । ଉପର ଆଲୋଚନାରୁ ଜଣାଯାଏ ଯେ, ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଲୋକଙ୍କୁ ବୀମାଭୁକ୍ତ କରିବା ଆବଶ୍ୟକ । ବିଶେଷ କରି ଗରିବ ଶ୍ରେଣୀର ଲୋକମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ଉଚିତ୍ ।

ପେନସନ୍ ବା ଭତା: ବୀମା ପରି ଭତା ମଧ୍ୟ ସାମାଜିକ ସୁରକ୍ଷାର ଏକ ଅଂଶ ବିଶେଷ । ଯେଉଁଥିରେ ବୟସ୍କ, ବିଧବା, ଅସମର୍ଥ ବ୍ୟକ୍ତିମାନେ ସରକାରଙ୍କ ଯୋଜନାରେ ମାସିକ ଅର୍ଥ ସାହାଯ୍ୟ ପାଆନ୍ତି । ଏଠାରେ କେବଳ ସାମାଜିକ ଭତା ଉପରେ ଆଲୋଚନା କରାଯାଇଛି । ସରକାରୀ ଚାକିରୀରୁ ଅବସର ନେଲା ପରେ ଯେଉଁ ପେନସନ୍ ମିଳୁଛି ତାହାକୁ ଏହି ଆଲୋଚନା ପରିସର ବାହାରେ ରଖାଯାଇଛି । ଅଧ୍ୟୟନରୁ ଜଣାଯାଏ ଯେ, ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଜମିହରାଉ ଥିବା ପରିବାର ମଧ୍ୟରୁ ୧ ଜଣ ବାର୍ଦ୍ଧକ୍ୟ ଭତା ଓ ୧ ଜଣ ବିଧବା ଭତା ପାଉଛନ୍ତି । ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଲୋକଙ୍କୁ ସରକାରଙ୍କର କମ୍ ମୁଲ୍ୟ ପେନସନ୍ ଯୋଜନାରେ ଅର୍ନ୍ତଭୁକ୍ତ କରିବା ଆବଶ୍ୟକ । ଜୀବନରେ, ବୃଦ୍ଧ ସମୟରେ ପେନସନ୍ କେତେ ଜରୁରୀ ତାହା ଲୋକମାନେ ଜାଣିବା ଦରକାର । ତାହେଲେ, ଲୋକମାନେ ନିଜ ଆୟରୁ କିଛି ଅର୍ଥ ସଂଚୟ କରି ସରକାରଙ୍କର କମ୍ ମୁଲ୍ୟ ପେନସନ୍ ଯୋଜନାରେ ଅର୍ନ୍ତଭୁକ୍ତ ହେବେ ।

ଆର୍ଥିକ ଅର୍ନ୍ତଭୁକ୍ତି : ଆର୍ଥିକ ଅର୍ନ୍ତଭୁକ୍ତି ହେଉଛି ସମାଜର ନିମ୍ନ ଆୟକାରୀ ଓ ଗରିବ ଲୋକମାନଙ୍କୁ ଆର୍ଥିକ ସେବା ଯୋଗାଇ ଦେବା । ଏହା କେବଳ ବ୍ୟାଙ୍କରେ ସଂଚୟ ଖାତା ଖୋଲିବାରେ ସୀମିତ ନୁହଁ, ବରଂ ଏହା ମାଧ୍ୟମରେ ବଳକା ଅର୍ଥକୁ ନିରାପଦରେ ସଂଚୟ କରିବା, ଯେ କୌଣସି ଧନ୍ଦା ପାଇଁ ସ୍ୱଳ୍প ସୁଧ ହାରରେ ଋଣ ନେଇ ଫଳପ୍ରଦ ଉଦ୍ଦେଶ୍ୟରେ ବିନିଯୋଗ କରିବା, ଟଙ୍କା ନେଣଦେଣ ଇତ୍ୟାଦି ଅର୍ନ୍ତଭୁକ୍ତ । ଏତତ୍ ବ୍ୟତିତ, ଆର୍ଥିକ ଅର୍ନ୍ତଭୁକ୍ତି ଥିଲେ, ଲୋକମାନେ ଚିଟ୍‌ଫଣ୍ଡ ପରି ଠକ ସଂସ୍ଥା ଦ୍ୱାରା ଶୋଷଣ ହେବେ ନାହିଁ । ଜମି ଅଧିଗ୍ରହଣ ହେଲେ ଲୋକମାନେ କ୍ଷତିପୁରଣ ଅର୍ଥ ପାଇବେ । ସେହି କ୍ଷତିପୁରଣ ଅର୍ଥର କିପରି ସୁବିନିଯୋଗ କରାଯାଇ ପାରିବ ଏବଂ ଲୋକମାନେ ଠକାମିରୁ ରକ୍ଷା ପାଇବେ, ସେଥିପାଇଁ ଆର୍ଥିକ ଅର୍ନ୍ତଭୁକ୍ତି ନିତ୍ୟାନ୍ତ ଆବଶ୍ୟକ ।

ସାରଣୀ ୨.୩. ଜମିହରାଉ ଥିବା ପରିବାର ମାନଙ୍କର ଆର୍ଥିକ ଅର୍ନ୍ତଭୁକ୍ତିର ସ୍ଥିତି

ସୂଚକାଙ୍କ	ଜମି ହରାଉଥିବା ପରିବାର					
	ଅନ୍ୟାନ୍ୟ ପଛୁଆବର୍ଗ		ସାଧାରଣ ବର୍ଗ		ମୋଟ	
	ସଂଖ୍ୟା	%	ସଂଖ୍ୟା	%	ସଂଖ୍ୟା	%
ନିଜସ୍ୱ ବ୍ୟାଙ୍କ ଖାତା ଅଛି	୫	୧୦୦.୦୦	୨	୧୦୦.୦୦	୭	୧୦୦.୦୦
ନିୟମିତ କାରବାର ହେଉଥିବା ବ୍ୟାଙ୍କ ଖାତା ଅଛି	୧	୨୦.୦୦	୨	୧୦୦.୦୦	୩	୪୨.୮୬
ଜମି ହରାଉଥିବା ପରିବାର ସଂଖ୍ୟା	୫		୨		୭	

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ଜମିହରାଉ ଥିବା ପରିବାର ମାନଙ୍କର ବ୍ୟାଙ୍କରେ ଖାତା ଅଛି । ସେଥିମଧ୍ୟରୁ ୪୫ ଶତକଡା ଖାତା ନିୟମିତ କାରବାର (ସାରଣୀ ୨୩) ହେଉଛି ।

ସଂଚୟ/ଋଣ: ଲୋକମାନଙ୍କର ସଂଚୟ ବା ଋଣର ସ୍ଥିତି ସାମାଜିକ ସୁରକ୍ଷାର ଏକ ଅଂଶ ବିଶେଷ । ଏହି ସ୍ଥିତିକୁ ଜାଣିଲେ, ଜମି କ୍ଷତିପୂରଣ ଅର୍ଥକୁ ଲୋକମାନେ କିପରି ଖର୍ଚ୍ଚ କରିବେ ତାହାର ଅନୁମାନ ଲଗାଯାଇପାରେ । ସଂଚୟ କରିବାର ଅଭ୍ୟାସ ମନୁଷ୍ୟକୁ ନିଜର ସୀମିତ ଆୟକୁ କିପରି ବଦ୍‌ଖର୍ଚ୍ଚ ନକରି ଠିକ ଭାବରେ ଖର୍ଚ୍ଚ କରିବ, ତାହା ଶିଖାଏ । ଭବିଷ୍ୟତରେ କାହାର କଣ ହେବ, କେହିବି ଜାଣି ନଥାନ୍ତି । କିଛି ବିପଦ/ଆପଦ ପଡିଲେ ଆଗରୁ ସଂଚୟ କରିଥିବା ଅର୍ଥ ହିଁ କାମରେ ଲାଗିଥାଏ ।

ଅଧ୍ୟୟନରୁ ଜଣାଯାଏ, ଜମିହରାଉ ଥିବା ପରିବାର ମଧ୍ୟରୁ ପ୍ରାୟ ୨୯% ପରିବାର ନିୟମିତ ସଂଚୟ କରୁଛନ୍ତି । ପଛୁଆବର୍ଗର ପରିବାରମାନଙ୍କର ସ୍ୱଳ୍ପ ଆୟ ହୋଇଥିବାରୁ, ବହୁତ କମ ପରିବାର ନିୟମିତ ସଂଚୟ କରିଥାନ୍ତି । ସଂଚୟ ନ କରିପାରିବାର ଅନ୍ୟ ମୁଖ୍ୟ କାରଣ ହେଲା, ନିଶା ଦ୍ରବ୍ୟ ଯଥା ମଦ, ତମାଖୁ, ଗୁଟୁଖା ଇତ୍ୟାଦିର ସେବନ ପାଇଁ ଅଦରକାରୀ ଖର୍ଚ୍ଚ ଓ ସଂଚୟର ଉପକାରିତା ବିଷୟରେ ସଚେତନତାର ଅଭାବ । ଅଧ୍ୟୟନରୁ ଏକ ଭଲ ତଥ୍ୟ ଜଣାଯାଏ ଯେ, ଜମି ହରାଉଥିବା ପରିବାର ମଧ୍ୟରେ କେହି ଚିଟ୍‌ଫଣ୍ଡ କିମ୍ବା ଠକ ସଂସ୍ଥାରେ ରେ ଅର୍ଥ ବିନିଯୋଗ କରିନାହାନ୍ତି । ବ୍ୟାଙ୍କ ଓ ବୀମା କମ୍ପାନୀରେ ଅର୍ଥ ସଂଚୟ କରିଛନ୍ତି ।

ଅଧ୍ୟୟନରୁ ଲଣାଯାଏ, ଗ୍ରାମରେ ରହୁଥିବା ପ୍ରଭାବିତ ପରିବାରରୁ ୭ଟି ପରିବାର ମଧ୍ୟରୁ ୪ଟି (୫୭ ପ୍ରତିଶତ) ପରିବାର ଋଣ କରିଛନ୍ତି । ହାରାହାରି ୪୧,୪୩୫.୦୦ ଟଙ୍କା ଶୁଝିବାକୁ ଅଛି ।

ଅପରାଧ, ଗଣ୍ଡଗୋଳ ଓ ନିରାପତା: ଗ୍ରାମବାସୀଙ୍କ ମଧ୍ୟରେ ଅପରାଧ କିମ୍ବା ଗଣ୍ଡଗୋଳ ବିଶେଷଭାବରେ ଦେଖାଯାଏ ନାହିଁ । ସେମାନେ ଅପେକ୍ଷାକୃତ ଶାନ୍ତିରେ ଜୀବନ ବିତାଉଛନ୍ତି । ଗୋଷ୍ଠୀ ଆଲୋଚନାରୁ ଜଣାଗଲା ଯେ ଗ୍ରାମବାସୀମାନେ ଶାନ୍ତିରେ ରହୁଛନ୍ତି । କେବଳ ଗୋଟିଏ ଅସୁବିଧା ହେଉଛି ମଦ । ମଦର ପ୍ରସାର ଯୁବପିଢିକୁ ବିପଦ ଆଡକୁ ଟାଣିନେଉଛି । ଗ୍ରାମବାସୀମାନେ ଆଶଙ୍କା କରୁଛନ୍ତି କି ପ୍ରସ୍ତାବିତ ପ୍ରକଳ୍ପ ହେଲା ପରେ, ଜମି କ୍ଷତିପୂରଣ ଯୋଗୁ ମଦର ବ୍ୟବହାର ବହୁ ମାତ୍ରାରେ ବଢିଯାଇପାରେ ।

୬.୭. ପ୍ରଭାବିତ ଗ୍ରାମର ଭିତିଭୂମି, ସମ୍ବଳ ଓ ସମ୍ପଦ

ସାମାଜିକ ଭିତିଭୂମି ଓ ସୁଖସ୍ୱାଚ୍ଛନ୍ଦର ସୁବିଧା ସୁଯୋଗ: ଗ୍ରାମରେ ଥିବା ସୁଖସ୍ୱାଚ୍ଛନ୍ଦର ସୁବିଧା ସୁଯୋଗରୁ ସେଠାରେ ବାସ କରୁଥିବା ଲୋକଙ୍କର ଜୀବନଧାରଣର ମାନ ବିଷୟରେ ଅନୁମାନ କରାଯାଇପାରେ । ସାରଣୀ ୨୪ର ତଥ୍ୟ ଅନୁଯାୟୀ ପ୍ରଭାବିତ ଗ୍ରାମରେ ଭଲ ଭାବରେ ଜୀବନ ବିତାଇବା ପାଇଁ ସେପରି କିଛି ସୁବିଧା ସୁଯୋଗ ନାହିଁ । ଗ୍ରାମବାସୀମାନେ ଅନ୍ୟ ଗ୍ରାମରେ ମିଳୁଥିବା ସୁବିଧା ସୁଯୋଗକୁ ଆପଣେଇଥାନ୍ତି ।

ସାରଣୀ ୨.୪. ପ୍ରଭାବିତ ଗ୍ରାମଗୁଡିକରେ ଥିବା ଭିତିଭୂମି ଓ ସୁଖସ୍ୱାଚ୍ଛନ୍ଦର ସୁବିଧା ସୁଯୋଗ

ବୁଦେଲଗ୍ରାମ:

ପ୍ରକାର	ଗ୍ରାମରେ ଥିବା ସଂଖ୍ୟା	ନିକଟରେ ଯେଉଁଠାରେ ମିଳେ	
		ଦୂରତା (କିଲୋମିଟର)	ସ୍ଥାନ
ସ୍ୱାସ୍ଥ୍ୟ ସୁବିଧା			
ଅଙ୍ଗନବାଡି କେନ୍ଦ୍ର	୧ଟି ଅଛି	-	-
ଆଶା କର୍ମୀ	୧ଟି ଅଛି	-	-
ଗାଁ କଲ୍ୟାଣ ସମିତି	ଅଛି	-	-
ଉପ ସ୍ୱାସ୍ଥ୍ୟ କେନ୍ଦ୍ର	-	୫	ମହିଚଲା
ପ୍ରାଥମିକ ଚିକିତ୍ସା କେନ୍ଦ୍ର	-	୫	ମହିଚଲା
ଆର୍ୟୁବେଦିକ୍/ ହୋମିଓପାଥ୍ ଡାକ୍ତରଖାନା	-	୧୫	ଜୁନାଗଡ
ପଞ୍ଜିକୃତ ବେସରକାରୀ ଡାକ୍ତର	-	୧୫	ଜୁନାଗଡ
ନର୍ସିଂ ହୋମ୍	-	୪୦	ଭବାନିପାଟଣା
ପାଥୋଲାବ୍	-	୧୫	ଜୁନାଗାଡ
ବୈଦ	-	-	
ଶିକ୍ଷାର ସୁବିଧା			
ପ୍ରାଥମିକ ବିଦ୍ୟାଳୟ	୧ଟି ଅଛି	-	-
ମଧ୍ୟ ଇଂରାଜି ବିଦ୍ୟାଳୟ	ି	୩	ମାଳିଗୁଡା
ହାଇସ୍କୁଲ	-	୩	ମାଳିଗୁଡା
କଲେଜ (ସାଧାରଣ ବିଷୟ)	-	୩	ମାଳିଗୁଡା
ବେସରକାରୀ ଇଂରାଜି ମିଡିୟମ ବିଦ୍ୟାଳୟ	-	୫	ମହିଚଲା
ପାଠାଗାର	-	୪୦	ଭବାନିପାଟଣା
କୃଷି/କୃଷି ଆନୁସଙ୍ଗିକ ସୁବିଧା			
ଡେଲି ମାର୍କେଟ/ନିୟମିତ ବଜାର	-	୧୫	ଜୁନାଗଡ
ସାପ୍ତାହିକ ମାର୍କେଟ/ବଜାର	-	୫	ମାହିଚଲା
ନିୟନ୍ତ୍ରିତ ବଜାର କମିଟି (RMC)	-	୪୦	ଭବାନିପାଟଣା
ଧାନ ମଣ୍ଡି	ି	୩	ମାଳିଗୁଡା
ବହୁମୁଖି ସମବାୟ ସମିତି (LAMPS)	-	୫	ମହିଚଲା
ଧାନ କଳ	ଅଛି		
ତେଲ କଳ	-	୧୫	ଜୁନାଗଡ
ବିହନ/ସାର ବିକ୍ରୟ କେନ୍ଦ୍ର	-	୫	ମହିଚଲା
ଟ୍ରକ୍ଟର/ଯନ୍ତ୍ରପାତି ଗ୍ୟାରେଜ	-	୫	ମହିଚଲା

ପ୍ରକାର	ଗ୍ରାମରେ ଥିବା ସଂଖ୍ୟା	ନିକଟରେ ଯେଉଁଠାରେ ମିଳେ	
		ଦୂରତା (କିଲୋମିଟର)	ସ୍ଥାନ
କୃତ୍ରିମ ପ୍ରଜଜନ କେନ୍ଦ୍ର	ି	୫	ମହିଚଲା
ପ୍ରାଣୀ ଚିକିତ୍ସା କେନ୍ଦ୍ର	-	୩	ମାଳିଗୁଡା
ବ୍ୟାଙ୍କର ସୁବିଧା			
ବ୍ୟବସାୟିକ ବ୍ୟାଙ୍କ/ ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ	-	୫	ମାହିଚଲା
ସମବାୟ ବ୍ୟାଙ୍କ	-	୧୫	ଜୁନାଗଡ
ଗ୍ରାହକ ସେବା କେନ୍ଦ୍ର/କିଓସ୍କ	-	୫	ମହିଚୁଲା
ଯୋଗାଯୋଗର ସୁବିଧା			
ଡାକଘର	-	୩	ମାଳିଗୁଡା
ଇଣ୍ଟର୍ନେଟ ସୁବିଧା	-	୩	ମାଳିଗୁଡା
ଦୋକାନ ବଜାରର ସୁବିଧା			
ଲଜ୍/ହୋଟେଲ	-	୧୫	ଜୁନାଗଡ
ଗ୍ର ଦୋକାନ	ଅଛି	୩	ମାଳିଗୁଡା -
ପାନ/ବିଡି ଦୋକାନ	ଅଛି		
ରେସ୍ତୋଁରା/ହୋଟେଲ	-	୧୫	ଜୁନାଗଡ
ତେଜେରାତି ଦୋକାନ	୩ଟି ଅଛି	-	-
ପନିପରିବା ଦୋକାନ	୨ଟି ଅଛି	-	-
ସାଇକଲ ମରାମତି ଦୋକାନ	୧ଟି ଅଛି	-	-
ମୋଟର ସାଇକଲ ମରାମତି ଦୋକାନ	-	୫	ମହିଚଲା
ଲୁଗା ଦୋକାନ	ି	୫	ମହିଚଲା
ଔଷଧ ଦୋକାନ	-	୫	ମହିଚଲା
ମଦ ଦୋକାନ (ବିନା କ୍ଷମତା ପ୍ରାପ୍ତ)	-	୧୫	ଜୁନାଗଡ
ମଦ ଦୋକାନ (କ୍ଷମତା ପ୍ରାପ୍ତ)	-	୧୫	ଜୁନାଗଡ
କାରିଗର/ସେବା ସୁବିଧା			
ରାଜମିସ୍ତ୍ରୀ	-	୩	ମାଳିଗୁଡା
ବଢେଇ	-	୫	ମହିଚଲା
କମାର	-	୫	ମହିଚଲା
ମୋଚି	-	୧୫	ଜୁନାଗଡ
ବାରିକ	-	୩	ମାଳିଗୁଡା
ଧୋବା	-	୫	ମହିଚଲା
କୁମ୍ଭାର	-		

ପ୍ରକାର	ଗ୍ରାମରେ ଥିବା ସଂଖ୍ୟା	ନିକଟରେ ଯେଉଁଠାରେ ମିଳେ	
		ଦୂରତା (କିଲୋମିଟର)	ସ୍ଥାନ
ଦର୍ଜି	-	୩	ମାଳିଗୁଡା
ବଣିଆ	-	୧୫	ଜୁନାଗଡ
ଇଲେକ୍ଟ୍ରିସିଆନ	୨ଟି ଅଛି		
ଟିଭି/ରେଡିଓ ମରାମତି	-	୫	ମହିଚଲା
ପୂଜକ	ଅଛି		

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୬.୮. ପରୋକ୍ଷଭାବେ ପ୍ରଭାବିତ ପରିବାରର ସମାଜିକ ଓ ଅର୍ଥନୈତିକ ବିବରଣୀ

ଭାଗ ୩.୫ରେ ପୂର୍ବରୁ ଆଲୋଚନା ହୋଇଛି ଯେ ୮ଟି ପରୋକ୍ଷଭାବେ ପ୍ରଭାବିତ ପରିବାରକୁ ନମୁନାଭାବେ ସାମାଜିକ ପ୍ରଭାବ ଆକଳନରେ ସର୍ଭେ କରା ଯାଇଛି । ଏହି ପରିବାର ମାନଙ୍କର ସମାଜିକ ଓ ଅର୍ଥନୈତିକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ସାରଣୀ ୨୫. ପରୋକ୍ଷଭାବେ ପ୍ରଭାବିତ ନମୁନା ପରିବାରମାନଙ୍କର ସାମାଜିକ ଅର୍ଥନୈତିକ ବିବରଣୀ

ସୂଚକାଙ୍କ	ତଥ୍ୟ
ପରୋକ୍ଷଭାବେ ପ୍ରଭାବିତ ନମୁନା ପରିବାର ସଂଖ୍ୟା	୮
ଗ୍ରାମ ଗୁଡିକର ନାମ	ବୁଦେଲ - ୮
ଜାତି (ପରିବାର ସଂଖ୍ୟା)	ଏସଟି – ୨ (୨୫%) ଓବିସି – ୬ (୭୫%)
ମୋଟ ଜନସଂଖ୍ୟା	୪୫
ସାକ୍ଷରତା ହାର (୦-୬ ବର୍ଷର ପିଲାଙ୍କୁ ଛାଡି)	୯୨.୮୫%
ନିରକ୍ଷର	୭.୧୫%
ପ୍ରାଥମିକ	୪୨.୮୬%
ମଧ୍ୟମ	୨୮.୫୭%
ମାଧ୍ୟମିକ	୧୧.୯୦%
ଉଚ୍ଚ ମାଧ୍ୟମିକ	୯.୪୨%
ସ୍ନାତକ	୦.୦୦%
ବୃତିଗତ ଯୋଗ୍ୟତା	୦.୦୦%
କର୍ମଜୀବି ହାର	୩୩.୩୩%

ସୂଚକାଙ୍କ	ତଥ୍ୟ
ସମ୍ପୂର୍ଣ୍ଣ ବେକାରୀ	୪.୪୪%
ବୃତି	କୃଷି ୩୩.୩୩% ମୂଲମଜୁରୀ ୫୩.୩୪% ବ୍ୟବସ୍ୟାୟ ୧୩.୩୩%
ହାରାହାରି ବାର୍ଷିକ ଆୟ	୨,୧୮,୬୪୯/- ଟଙ୍କା

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୮ଟି ପରିବାର ମଧ୍ୟରୁ ୨(୨୫%) ଅନୁସୂଚିତ ଜନଜାତି, ୬ (୭୫%) ଅନ୍ୟାନ୍ୟ ପଛୁଆ ବର୍ଗର ଅଟନ୍ତି। ପରିବାରର ହାରାହାରି ସଦସ୍ୟ ସଂଖ୍ୟା ୫.୬୩; ସାକ୍ଷରତା ହାର ୯୨.୮୫ ପ୍ରତିଶତ, କିନ୍ତୁ ଶିକ୍ଷାଗତ ଯୋଗ୍ୟତା ବହୁତ କମ୍। କର୍ମଜୀବି ହାର ବହୁତ କମ୍ (୩୩%)। ଏହି ୮ ଟି ପରିବାରଙ୍କର ହାରାହାରି ବାର୍ଷିକ ଆୟ ୨,୧୮,୬୪୯ ଟଙ୍କା।

୭. ସମ୍ଭାବ୍ୟ ସାମାଜିକ ପ୍ରଭାବ:

ପ୍ରକଳ୍ପର ସକ୍ଷିପ୍ତ ବିବରଣୀ: ପ୍ରସ୍ତାବିତ ପ୍ରକଳ୍ପରେ ହାତୀ ନଦୀ ଉପରେ ଜୁନାଗଡ ବ୍ଲକର ବୁଦେଲ ଠାରେ ଏକ ଉଚ୍ଚ ସେତୁ ଓ ତତସଂଲଗ୍ନ ରାସ୍ତା ନିର୍ମାଣ କରାଯିବା ପାଇଁ ଯୋଜନା ରହିଛି। ହାତୀ ନଦୀର ଗୋଟିଏ ପାର୍ଶ୍ୱରେ ଜାତୀୟ ରାଜପଥ ୨୬ ଓ ଅନ୍ୟ ପାର୍ଶ୍ୱରେ ଜୁନାଗଡ-କଲମପୁର ରାସ୍ତା ରହିଛି। ଏହି ଦୁଇଟି ରାସ୍ତା ମଧ୍ୟରେ ଦୂରତା ମାତ୍ର ୭ କିଲୋମିଟର, କିନ୍ତୁ, ରାସ୍ତା ଦୁଇଟିକୁ ସଂଯୋଗ କରାଯାଇ ନାହିଁ। କାରଣ, ହାତୀ ନଦୀ ଏହି ଦୁଇଟି ରାସ୍ତାର ମଝିରେ ହାତୀ ନଦୀ ଅଛି ଓ ନଦୀ ଉପରେ ପୋଲ ନାହିଁ।

ଏହା ହେବା ଦ୍ୱାରା ଗମନାଗମନରେ ସୁବିଧା ହେବ ଓ ଅଳ୍ପ ସମୟ ମଧ୍ୟରେ ଲୋକମାନେ ତାଙ୍କର ଗନ୍ତବ୍ୟ ସ୍ଥଳରେ ପହଂଚି ପାରିବେ।

ଜୁନାଗଡ ବ୍ଲକର ଅଧିକାଂଶ ଗ୍ରାମରୁ ବ୍ଲକକୁ ଯିବା ପାଇଁ ସବୁଦିନିଆ ରାସ୍ତା ହୋଇଯିବ ଓ ଏହାର ଦୂରତା ମଧ୍ୟ ହ୍ରାସ ପାଇବ।

ସମ୍ଭାବ୍ୟ ପ୍ରଭାବ କାହିଁକି ? ଏହି ସାମାଜିକ ପ୍ରଭାବ ଆକଳନ ରିପୋର୍ଟ, ଜମି ହରାଉଥିବା ପରିବାର ଓ ପ୍ରଭାବିତ ଗ୍ରାମବାସୀମାନେ ପ୍ରସ୍ତାବିତ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ଦେଇଥିବା ମତାମତ, ମନ୍ତବ୍ୟକୁ ଆଧାର କରି ପ୍ରସ୍ତୁତ ହୋଇଛି । ଯେଉଁଠାରେ ସମ୍ଭବ, ଲୋକମାନଙ୍କର ମତାମତ ଓ ମନ୍ତବ୍ୟକୁ ସରକାରୀ ଓ ପ୍ରକଳ୍ପ ତଥ୍ୟ ସହ ତୁଳନା କରାଯାଇ ବିଶ୍ଳେଷଣ କରାଯାଇଛି।

ପ୍ରକଳ୍ପ ଟି ବର୍ତମାନ ପ୍ରସ୍ତାବରେ ଅଛି । ବର୍ତମାନ ଲୋକମାନେ ଏହାର ପ୍ରଭାବ ଅନୁଭବ କରିନାହାନ୍ତି । ତଥାପି ଲୋକମାନେ ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ଉପରେ ଠିକ୍ ମତାମତ ଦେଇଛନ୍ତି, ଯାହାକୁ ଟିମ୍ ସଦସ୍ୟ ମାନଙ୍କର ନିଜସ୍ୱ ମତାମତ ସହ ବିଶ୍ଳେଷଣ କରାଯାଇ ରିପୋର୍ଟରେ ଉପସ୍ଥାପିତ କରାଯାଇଛି । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରକୃତ ପ୍ରଭାବ ଜଣାପଡିବ ଓ ରିପୋର୍ଟରେ ଦର୍ଶିତ ସମ୍ଭାବ୍ୟ ପ୍ରଭାବ ସମାନ୍ୟ ଭାବରେ ବଦଳି ପାରେ।

ପ୍ରକଳ୍ପ ପାଇଁ ସମୁଦାୟ ୦.୦୯ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ। ଯାହାକି, ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ବିଭିନ୍ନ ବ୍ୟବସ୍ଥାକୁ ଆଧାର କରି ଜମି ଅଧିଗ୍ରହଣ କରାଯିବାର ବ୍ୟବସ୍ଥା କରାଯାଇଛି। ଉକ୍ତ

୦.୦୯ ଏକର ଜମି ବୁଦେଲ ଗ୍ରାମରୁ ଅଧିଗ୍ରହଣ ହେବ। ଏହାର ସବିଶେଷ ଆଲୋଚନା ବିଭାଗ ୨ରେ ଦର୍ଶାଯାଇଛି ।

ପ୍ରଭାବ ଚିହ୍ନଟ କରିବା ପାଇଁ ଅବଲମ୍ବନ କରାଯାଇଥିବା ପଦ୍ଧତି: ଏହି ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରସ୍ତାବିତ ହାତୀ ନଦୀରେ ସେତୁ ଓ ରାସ୍ତା ନିର୍ମାଣ ହେବା ଦ୍ୱାରା ସୃଷ୍ଟି ହେଉଥିବା ସାମାଜିକ, ଅର୍ଥନୈତିକ ଓ ସଂସ୍କୃତି ଜନିତ ପ୍ରଭାବ ଗୁଡିକର ଆକଳନ କରିବା । ଏହି ଆକଳନ ପାଇଁ ଘର ଘର ବୁଲି ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ପରିବାରରୁ ତଥ୍ୟ ସଂଗ୍ରହ କରାଯାଇଛି । ନମୁନା ପଦ୍ଧତିରେ ମଧ୍ୟ ପରୋକ୍ଷ ଭାବେ ପ୍ରଭାବିତ ପରିବାରଙ୍କର ପ୍ରାଥମିକ ସର୍ବେକ୍ଷଣ କରି ତଥ୍ୟ ସଂଗ୍ରହ କରାଯାଇଛି । ଏତତ୍ ବ୍ୟତୀତ ଗୋଷ୍ଠୀ ଆଲୋଚନା, ପ୍ରଭାବିତ ଅଚଂଳକୁ ବୁଲି ସର୍ଭେ କରିବା, ପଚାୟତ ପ୍ରତିନିଧି, ଗ୍ରାମ ମୁଖିଆ, ପ୍ରକଳ୍ପ ଅଧିକାରୀ, ରାଜସ୍ୱ ଅଧିକାରୀ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ ମାନଙ୍କ ସହିତ ଆଲୋଚନା କରାଯାଇ ତଥ୍ୟ ସଂଗ୍ରହ କରାଯାଇଛି । ଏହା ଉପରେ ସମ୍ପୁର୍ଣ୍ଣ ଆଲୋଚନା ଏହି ରିପୋର୍ଟର ଭାଗ ୩ ରେ କରାଯାଇଛି ।

ଏହି ସାମାଜିକ ପ୍ରଭାବ ଆକଳନର ଅନୁସନ୍ଧାନ କାର୍ଯ୍ୟକୁ ଉପଯୁକ୍ତ ପଦ୍ଧତି ଅବଲମ୍ବନ କରି ଅତ୍ୟନ୍ତ ପେଶାଗତ ଭାବରେ ସମ୍ପାଦନ କରାଯାଇଛି । ଅନୁସନ୍ଧାନ କାର୍ଯ୍ୟ ରୁ ଉପଲବ୍ଧ ସମସ୍ତ ତଥ୍ୟକୁ ପ୍ରତ୍ୟେକ ସ୍ତରରେ ବିଶ୍ଳେଷଣ କରିବା ପରେ, ବିନାପକ୍ଷପାତିତା ରେ ଏପରି ଉପସ୍ଥାପନ କରା ଯାଇଛି, ଯେପରି ସ୍ଥାନୀୟ ଜନସାଧାରଣଙ୍କ ପ୍ରତି ସର୍ବନିମ୍ନ କୁପ୍ରଭାବରେ ପ୍ରସ୍ତାବିତ ପ୍ରକଳ୍ପଟି ସ୍ଥାପିତ ହେବାର ସମ୍ଭାବନା ସୃଷ୍ଟି ହୋଇପାରିବ ।

୭.୧. ଜମି, ଜୀବିକା ଓ ଆୟ ଉପରେ ପ୍ରଭାବ

୭.୧.୧. ପ୍ରଭାବିତ ପରିବାରମାନେ ହରାଉଥିବା ଜମିର ପରିମାଣ

ପୂର୍ବରୁ ଭାଗ ୫.୧ ରେ ଆଲୋଚନା କରାଯାଇଛି ଯେ ପ୍ରକଳ୍ପ ପାଇଁ ସମୁଦାୟ ୦.୦୯ ଏକର ବେସରକାରୀ ଜମି ଅଧିଗ୍ରହଣ ହେବ । ୦.୦୯ ଏକର ମଧ୍ୟରୁ ୦.୦୫ ଏକର ଚାଷଜମି ଓ ୦.୦୪ ଏକର ଘରବାରୀ ଜମି । ସର୍ବମୋଟ ୭ଟି ପରିବାରର ଜମି ଅଧିଗ୍ରହଣ ହେବ । ୫ଟି ଅନ୍ୟାନ୍ୟ ପଛୁଆବର୍ଗର ପରିବାର ମଧ୍ୟରୁ ଜଣଙ୍କର ଚାଷଜମି ଅଛି, ଏହା ମାତ୍ର ୦.୫୦ ଏକର । ଦୁଇଟି ସାଧାରଣ ବର୍ଗ ପରିବାରଙ୍କର ହାରାହାରି ଜମିର ପରିମାଣ ୬.୨୫ ଏକର ଅଛି ।

ସାରଣୀ ୨୬. ଜମିହରାଉ ଥିବା ପରିବାରମାନଙ୍କର ଅଧିଗ୍ରହଣ ହେବାକୁଥିବା ହାରାହାରି ଜମିର ପରିମାଣ

ଜାତି	ଉପଜାତି	ଜମି ହରାଉଥିବା ପରିବାର ସଂଖ୍ୟା	ହାରାହାରି ଜମିର କ୍ଷୟକ୍ଷତି (ଏକର)
ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	୫	୦.୦୦୨୯୬
	ମୋଟ ଉପରେ	**୫**	୦.୦୦୨୯୬
ସାଧାରଣ ବର୍ଗ	ବ୍ରାହ୍ମଣ	୧	୦.୦୧୦
	କ୍ଷତ୍ରୀୟ	୧	୦.୦୫୦
	ମୋଟ ଉପରେ	**୨**	**୦.୦୩୦**
୭ ଟି ପରିବାର ପାଇଁ ମୋଟ ଉପରେ		**୭**	**୦.୦୧୦୭**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

ସାମାଜିକ ପ୍ରଭାବର ଆକଳନ ଅଧ୍ୟୟନରୁ ଜଣାଗଲା ଯେ ପ୍ରଭାବିତ ପରିବାର ପିଛା ହାରାହାରି ୦.୦୧୦୭ ଏକର ମାତ୍ର ଜମି ଅଧିଗ୍ରହଣ ହେବ (ସାରଣୀ ୨୬) । ଦୁଇଟି ସାଧାରଣବର୍ଗ ପରିବାରର ସର୍ବାଧିକ ହିସାବରେ ୦.୦୩୦ ଏକର/ପରିବାର ପ୍ରତି ଓ ୫ଟି ଗୋପାଳ ଉପଜାତିର ପରିବାରର ସର୍ବନିମ୍ନ ୦.୦୦୨୯୬ ଏକର/ପରିବାର ପ୍ରତି ଅଧିଗ୍ରହଣ ହେବ ।

୭.୧.୨. ପରିବାର ମାନଙ୍କର କେତେ ଜମି ଅଛି ଓ କେତେ ଜମି ଅଧିଗ୍ରହଣ ହେବ

ପ୍ରଭାବିତ ପରିବାରମାନେ ସମୁଦାୟ ନିଜସ୍ୱ ଜମିର କେତେ ଶତକଡା ଜମି ହରାଉଛନ୍ତି, ତାହା ସାରଣୀ ୨୭ ରେ ଦର୍ଶାଯାଇଛି । ତଥ୍ୟରୁ ଜଣାଯାଉଛି ଯେ, ୭୧% ପରିବାରଙ୍କର, ତାଙ୍କର ମୋଟ ଜମିର ୦.୦୨% ରୁ କମ୍ ଜମି ଅଧିଗ୍ରହଣ ହେବ । ହାରାହାରି ଜମିର କ୍ଷତି ୦.୫୫% ହେଉଛି ।

ସାରଣୀ ୨୭. କେତୋଟି ପରିବାର କେଉଁ ଜମି ଅଧିଗ୍ରହଣ ଶ୍ରେଣୀରେ ଜମି ହରାଇବେ

ଜାତି	ଉପଜାତି	ଜମି ହରାଉଥିବା ପରିବାର ସଂଖ୍ୟା	ନିଜସ୍ୱ ଜମିର ହାରାହାରି କ୍ଷୟକ୍ଷତି (%)
ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	୫	୦.୦୨%
	ମୋଟ ଉପରେ	**୫**	**୦.୦୨%**
ସାଧାରଣ ବର୍ଗ	ବ୍ରାହ୍ମଣ	୧	୦.୧୪%
	କ୍ଷତ୍ରୀୟ	୧	୦.୮୯%
	ମୋଟ ଉପରେ	**୨**	**୦.୪୭%**
୭ ଟି ପରିବାର ପାଇଁ ମୋଟ ଉପରେ		**୭**	**୦.୫୫%**

ତଥ୍ୟ ର ଉତ୍ସ: ପ୍ରାଥମିକ ସର୍ଭେ, ୨୦୨୫

୭.୧.୩. ଋଷ ଜମି ଅଧିଗ୍ରହଣ ଯୋଗୁ କର୍ମ ନିୟୋଜନ ଉପରେ କୁପ୍ରଭାବ:

ଜମି ହରାଉଥିବା ପରିବାରରେ ଓ ପ୍ରଭାବିତ ଗ୍ରାମରେ ଦୁଇ ପ୍ରକାର ପ୍ରଭାବ ପଡିବାର ସମ୍ଭାବନା ଅଛି ।

- ଋଷ ଜମି ଅଧିଗ୍ରହଣ ହେବା ଯୋଗୁ ପାରିବାରିକ ଶ୍ରମିକ ଓ କୃଷି ମୂଲମଜୁରୀ ଉପରେ କୁପ୍ରଭାବ ।
- ପ୍ରସ୍ତାବିତ ପ୍ରକଳ୍ପ ଯୋଗୁ ଅଧିକ କର୍ମ ନିୟୋଜନର ସୁବିଧା ।

ଋଷ ଜମି ଅଧିଗ୍ରହଣ ଯୋଗୁ କର୍ମ ନିୟୋଜନ ଉପରେ କୁପ୍ରଭାବ: ପୂର୍ବରୁ ଭାଗ ୬ରେ ଆଲୋଚନା କରାଯାଇଛି ଯେ, ପ୍ରଭାବିତ ଗ୍ରାମରେ ଅଧିକାଂଶ ପ୍ରଭାବିତ ପରିବାର ନାମମାତ୍ର ଋଷୀ ଅଟନ୍ତି । ସେମାନଙ୍କର ୨.୫୦ ଏକରରୁ କମ୍ ଜମି ଅଛି । ପ୍ରଭାବିତ ପଛୁଆବର୍ଗର ପରିବାରଙ୍କର ହାରାହାରି ୦.୫୦ଏକର ଜମି ଅଛି ।

ସେମାନେ ତାଙ୍କ ଜମିରେ ନିଜେ ନିଜର କୃଷି କରନ୍ତି । କେବଳ କେତୋଟି ଖଣ୍ଡାୟତ ଓ ବ୍ରାହ୍ମଣ ପରିବାର ଯାହାଙ୍କର ୫ ଏକରରୁ ଅଧିକ ଅଛି, ସହିମାନେହିଁ ମୂଲମଜୁରୀ କୃଷିରେ ଲଗାଇଥାନ୍ତି ।

ପ୍ରସ୍ତାବିତ ଜମି ଅଧିଗ୍ରହଣରେ ମୁଖ୍ୟତଃ ନାମମାତ୍ର କୃଷୀ ଓ କ୍ଷୁଦ୍ର କୃଷୀ ମାନଙ୍କର କର୍ମ ନିୟୋଜନ ଉପରେ ସେପରି ପ୍ରଭାବ ପଡିବ ନାହିଁ । କାରଣ ୭୧% ପରିବାର ନିଜ ଚାଷ ଜମିର ଶତକଡା ୦.୦୨% ରୁ କମ୍ ଜମି ହରାଇବେ ଓ ସମସ୍ତ ୭ଟି ପରିବାର ନିଜ ଚାଷ ଜମିର ଶତକଡା ୦.୫୫% ରୁ କମ୍ ଜମି ହରାଇବେ । ହାରାହାରି ଭାବେ ଦେଖିବାକୁ ଗଲେ, ଜମି ହରାଉଥିବା ପରିବାରମାନଙ୍କର ନିଜସ୍ୱ ଚାଷଜମିର ମାତ୍ର ୦.୫୫% ଅଧିଗ୍ରହଣ ହେବ । ଏଣୁ, କୃଷି ଜମି ଅଧିଗ୍ରହଣ ଯୋଗୁ କର୍ମ ନିୟୋଜନ ଉପରେ କୁପ୍ରଭାବ ଅତ୍ୟନ୍ତ କମ୍ ରହିବ । କିନ୍ତୁ ପ୍ରଭାବିତ ପରିବାରର ମହିଳାମାନେ ତାଙ୍କ ନିଜ ପରିବାରର ଜମିରେ କୃଷି କାମରେ ନିୟମିତ କାମ କରନ୍ତି । ଏହି ପ୍ରକାରର କର୍ମ ନିୟୋଜନ ପାଇଁ ପ୍ରଭାବ ପଡି ପାରେ ।, ବଳକା ଜମିରେ ଉନ୍ନତ ପ୍ରଣାଳୀରେ କୃଷି କରି କିମ୍ବା ମହିଳାମାନଙ୍କୁ ଅନ୍ୟ କିଛି ଆୟକାରୀ ପନ୍ଥାରେ ନିୟୋଜନ କରି ସହଜରେ ଏହି କ୍ଷତିକୁ ପୂରଣ କରାଯାଇପାରିବ ।

ପ୍ରକଳ୍ପ କାର୍ଯ୍ୟ ଯୋଗୁ କର୍ମ ନିୟୋଜନ ଉପରେ ସୁପ୍ରଭାବ: ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ପାଇଁ ୩୨.୫୯ କୋଟି ଟଙ୍କା ଖର୍ଚ୍ଚ ହେବାର ଯୋଜନା ରହିଛି । ନିର୍ମାଣ ସମୟରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ କର୍ମନିଯୁକ୍ତି ଓ ମୂଲମଜୁରୀର ସୁବିଧା ସୃଷ୍ଟି ହେବ ବୋଲି ଆଶା କରାଯାଉଛି । କିନ୍ତୁ, ପ୍ରଭାବିତ ଗ୍ରାମରେ ଗୃପ ଆଲୋଚନା ବେଳେ ଗ୍ରାମବାସୀ କହନ୍ତି ଯେ, ନିର୍ମାଣ ପାଇଁ ମେସିନ ବ୍ୟବହାର କରାଯିବ ଓ ଠିକାଦାର ବାହାର ଶ୍ରମିକ ଆଣିବେ । ତେଣୁ ପାଖାପାଖି ଅଂଚଳର ଲୋକମାନଙ୍କୁ ମୂଲମଜୁରୀ ମିଳିବା ସମ୍ଭବ ନୁହେଁ । ପ୍ରକଳ୍ପ ହେବା ପରେ ଗମନାଗମନର ସୁବିଧା ହେଲେ, ବେକାରୀ ଯୁବକ ଓ ଯୁବତୀ ମାନେ ନିଯୁକ୍ତିର ସୁଯୋଗ ପାଇପାରନ୍ତି ।

ଜମିହରାଉ ଥିବା ପରିବାରରେ ଥିବା ବେକାର ଯୁବକ/ଯୁବତୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଓ ସେମାନେ କୁଶଳୀ ହୋଇ ନ ଥିବାରୁ ପ୍ରସ୍ତାବିତ ପ୍ରକଳ୍ପରେ ସ୍ଥାୟୀ ନିଯୁକ୍ତି ପାଇବାର ଆଶା କମ୍ ଅଛି । ବେକାର ଯୁବକ/ଯୁବତୀ ମାନଙ୍କ ପାଇଁ ବୈଷୟିକ ତାଲିମ ଦିଆଯିବା ନିତ୍ୟାନ୍ତ ଆବଶ୍ୟକ, ତାହାଲେ ଭବିଷ୍ୟତରେ ସେମାନେ ପ୍ରକଳ୍ପରେ ନିଯୁକ୍ତି ପାଇପାରିବେ କିମ୍ବା ନିକଟବର୍ତୀ ସହର ବଜାରକୁ ଯାଇ କର୍ମ ନିୟୋଜନ ପାଇପାରିବେ ।

୭.୧.୪. ପରିବାରର ଆୟ ଉପରେ ପ୍ରଭାବ

କୃଷିରୁ ଆୟର କ୍ଷତି: କୃଷି ଜମି ଅଧିଗ୍ରହଣ ହେବା ଯୋଗୁ କୃଷିରୁ ହେଉଥିବା ଆୟ ଉପରେ ନିଶ୍ଚୟ ପ୍ରଭାବ ପଡିବ । କିନ୍ତୁ ପ୍ରଭାବ ସୀମିତ ହେବ ବୋଲି ବିବେଚନା କରାଯାଇଛି । କାରଣ କମ୍ ପରିମାଣର ଜମି ଅଧିଗ୍ରହଣ ହେଉଅଛି । ଏହି ତଥ୍ୟରୁ ଜଣାଯାଉଛି ଯେ, ଜମିହରାଉ ଥିବା ପରିବାରଙ୍କର କୃଷି ଜମିର ହାରାହାରି ୦.୫୫% କ୍ଷତି ହୋଇପାରେ । ହାରାହାରି ଜମି ଅଧିଗ୍ରହଣର ପରିମାଣ ୦.୦.୦୧୦୭ ଏକର । ୭୧% ପ୍ରଭାବିତ ପରିବାରର ୦.୦୨% ରୁ କମ୍ ଜମି ଅଧିଗ୍ରହଣ ହେବ । ତେଣୁ ବଳକା ଜମି ଉପରେ ଉନ୍ନତ ପ୍ରଣାଳୀରେ କୃଷି କରି, ଜଳସେଚନର ଏବଂ ନୂତନ କୃଷି ଉପକରଣ ବ୍ୟବହାର କରି ଅଧିକ ଅମଳ କଲେ କ୍ଷତିକୁ ପୂରଣ କରାଯାଇପାରିବ । ସାମାଜିକ ପ୍ରଭାବ ପରିକ୍ଷଳନା ଯୋଜନାରେ ଏଗୁଡିକ ଅନ୍ତର୍ଭୁକ୍ତ କରାଯାଇଛି ।

ବ୍ୟବସାୟରୁ ଆୟର କ୍ଷତି: ପ୍ରସ୍ତାବିତ ପ୍ରକଳ୍ପରେ ଏକ ବାସଗୃହ ଅଧିଗ୍ରହଣ ହେବ । ଏହି ବାସଗୃହରେ ଏକ ଛୋଟ ଦୋକାନ ଅଛି । ତେଣୁ ଜମି ଅଧିଗ୍ରହଣ ଦ୍ୱାରା ଏହି ବ୍ୟବସାୟରେ ପ୍ରଭାବ ପଡିବ । ସ୍ଥାନାନ୍ତର ହେବ ।

କୃଷି ମୁଲମଜୁରୀ ହ୍ରାସ ହେବା ଯୋଗୁ ଆୟରେ କ୍ଷତି: ଉପଭାଗ ୭.୧.୩. ରେ ଆଲୋଚନା କରାଯାଇଛି ଯେ, ପ୍ରସ୍ତାବିତ ପ୍ରକଳ୍ପରେ ଜମି ଅଧିଗ୍ରହଣ ପରେ କୃଷି ମଜୁରୀର ପରିମାଣ କମ ହେବ, ମାତ୍ର କମ୍ ଜମି ଅଧିଗ୍ରହଣ ହେଉଥିବାରୁ ପ୍ରଭାବ କମ୍ ରହିବ । କୃଷି ଶ୍ରମିକମାନେ, ଯେଉଁମାନେ ଅନ୍ୟ ପରିବାରମାନଙ୍କର ଜମିରେ ମୁଲମଜୁରୀ କରୁଥିଲେ, ସେମାନଙ୍କର କିଛି ମାତ୍ରାରେ କ୍ଷତି ହେବ । ସେହି ଅଂଚଳରେ ମିଳୁଥିବା ଅଣକୃଷି ମଜୁରୀ କାମ କିମ୍ବା ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଯଦି ଏମାନେ କାମ କରିବେ, ତେବେ ଏହି କ୍ଷତିପୁରଣ ସହଜରେ ଭରଣା ହୋଇପାରିବ ।

ବନ୍ୟଜାତ ଦ୍ରବ୍ୟରୁ ଆୟ ର କ୍ଷତି: ଏହି ଅଧିଗ୍ରହଣରେ କୌଣସି ଜଙ୍ଗଲ ଜମି ଅଧିଗ୍ରହଣ ହେଉ ନାହିଁ । ତେଣୁ ପ୍ରକଳ୍ପ ଦ୍ୱାରା କୌଣସି କ୍ଷତି ହେବାର ନାହିଁ । ପ୍ରକଳ୍ପ ନିର୍ମାଣ ପାଇଁ କୌଣସି ଗଛ ଅଧିଗ୍ରହଣ ହେବନାହିଁ, ଏଣୁ ଆୟର ପନ୍ଥା ଉପରେ ପ୍ରଭାବ ପଡିବ ନାହିଁ ।

୭.୧.୫. ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ

ଆଗରୁ ଭାଗ ୬ ରେ ଆଲୋଚନା କରାଯାଇଛି, ବ୍ରାହ୍ମଣ ଓ ଖଣ୍ଡାୟତ ପରିବାରଙ୍କ କ୍ଷେତ୍ରରେ ଖାଦ୍ୟ ସୁରକ୍ଷାର ସମସ୍ୟା ପ୍ରାୟତଃ ନାହିଁ । କିନ୍ତୁ ଗରିବ ଅନ୍ୟାନ୍ୟ ପଛୁଆବର୍ଗ ପରିବାରରେ ଏହି ସମସ୍ୟାଟି ଅଛି । ସରକାରଙ୍କ ଯୋଜନାରେ ଚଙ୍କିକିଆ ଚାଉଳ ବର୍ଷସାରା ମିଳୁଛି । ଯାହାଫଳରେ ଖାଦ୍ୟର ଅଭାବ ନାହିଁ । କିନ୍ତୁ ପୃଷ୍ଟିକର ଖାଦ୍ୟର ଘୋର ଅଭାବ ରହିଛି । ବିଶେଷ କରି ମହିଳା ଓ ଶିଶୁମାନଙ୍କ ପାଇଁ ଆବଶ୍ୟକ ପୃଷ୍ଟିକର ଖାଦ୍ୟର ଅଭାବ ରହିଛି । ଆୟ କମ୍ ଥିବାରୁ ଓ ଚାଷରୁ ଆଶାଜନକ ଅମଳ ହୋଇପାରୁ ନଥିବାରୁ ଏହି ପ୍ରକାର ସମସ୍ୟା ଦେଖାଯାଉଛି । ଜମିହରାଉ ଥିବା ଗରିବ ପରିବାର ବଜାରରୁ ଦାମିକା ଡାଲି କିଣି ପାରୁନାହାଁନ୍ତି । ତେଣୁ ସେମାନେ ରବି ଋତୁରେ ନିଜ ଜମିରୁ ଅମଳ କରୁଥିବା ଯାହିକିଛି ବିରି ଓ କୋଳଥ ଉପରେ ନିର୍ଭର କରନ୍ତି । ଏହା ତାଙ୍କର ମୁଖ୍ୟ ପୃଷ୍ଟିକର ଖାଦ୍ୟ ହୋଇଥାଏ । ଚାଷ ଜମି ଅଧିଗ୍ରହଣ ପରେ ଡାଲିଜାତୀୟ ଫସଲର ଉତ୍ପାଦନ ଉପରେ କିଛି ମାତ୍ରାରେ ପ୍ରଭାବ ପଡିବ, କିନ୍ତୁ ପ୍ରଭାବଟି ସୀମିତ ରହିବ, କାରଣ ଲୋକଙ୍କର ବହୁ ଅଳ୍ପ ଜମି ଅଧିଗ୍ରହଣ ହେବ । କୃଷିର ଉନ୍ନତି ହେଲେ ଏହି କ୍ଷତିକୁ ପୁରଣ କରାଯାଇପାରିବ । ଯଦି ସେମାନଙ୍କୁ କୁକୁଡା ଚାଷ, ଛେଳି ଚାଷ, ଗୋ ପାଳନ, ପନିପରିବା ଚାଷ ଇତ୍ୟାଦି କରିବା ପାଇଁ ପ୍ରୋତ୍ସାହନ ଦିଆଯାଏ ତେବେ ସେମାନଙ୍କର ପରିବାରରେ ଯେଉଁ ପୃଷ୍ଟିସାରଯୁକ୍ତ ଖାଦ୍ୟର ସମସ୍ୟା ଦେଖାଯାଇଛି ତାହା ଦୂରୀଭୁତ ହୋଇପାରିବ ।

୭.୧.୬. ଦରିଦ୍ର୍ୟ ବା ଦୁର୍ବଳ ହେବାର ଆଶଙ୍କା

ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପ୍ରଫେସର ମାଇକେଲ୍ ଏମ୍. ସେରନିଆଙ୍କର ଆଇ.ଆର.ଆର.ମଡେଲକୁ ଅବଲମ୍ବନ କରି, ପ୍ରସ୍ତାବିତ ଜମି ଅଧିଗ୍ରହଣ ଯୋଗୁ ପ୍ରଭାବିତ ପରିବାରମାନେ ଦରିଦ୍ର୍ୟ ବା ଦୁର୍ବଳ ହେବେ କି ନାହିଁ, ତାର ବିଶ୍ଳେଷଣ କରାଯାଇଛି । ଏ ସମ୍ପର୍କରେ ସମ୍ପୁର୍ଣ୍ଣ ବିବରଣୀ ନିମ୍ନରେ ଦର୍ଶାଯାଇଛି ।

ଭୂମିହୀନତା ହେବାର ଆଶଙ୍କା: ପ୍ରସ୍ତାବିତ ପ୍ରକଳ୍ପରେ ଦୁଇଗୋଟି ପରିବାର ବାସଚ୍ୟୁତ ହେବେ; ଅଧିକ ପରିବାରଙ୍କୁ ବାସଚ୍ୟୁତ କରାଯାଉନାହିଁ। କେବଳ ସେମାନଙ୍କର ଚାଷ ଜମି ଅଧିଗ୍ରହଣ ହେବ ଏବଂ ଏହି ଅଧିଗ୍ରହଣର ପରିମାଣ ମଧ୍ୟ ବହୁତ କମ୍, ୭ଟି ପରିବାରରୁ ମାତ୍ର ୦.୦୯ଏକର ଜମି ଯାଉଛି। ହାରାହାରି ପରିବାର ପିଛା ୦.୦୧୦୭ ଏକର ଜମି ଯାଉଛି, ଯାହାକି ଜମିହରାଉ ଥିବା ପରିବାରମାନଙ୍କର ସମୁଦାୟ ଜମିର ୦.୫୫% । ଏଣୁ ଏହି ପ୍ରକଳ୍ପ ଯୋଗୁ ଭୂମିହୀନତାରେ ଦୁର୍ବଳ ହେବାର ଆଶଙ୍କା ବହୁତ କମ୍।

ବେକାର ହେବା ବା କର୍ମ ହରାଇବାର ଆଶଙ୍କା: ଜମି ଅଧିଗ୍ରହଣ ପରେ ଚାଷ ଜମିର ପରିମାଣ କମିଯିବ। ଫଳରେ କୃଷି ମୂଲମଜୁରୀ ମିଳିବା କମିଯିବ ଏବଂ ନାମମାତ୍ର/କ୍ଷୁଦ୍ରଚାଷୀ ପରିବାରର ସଦସ୍ୟମାନେ ଯେଉଁମାନେ ନିଜ ଜମିରେ ନିୟୋଜିତ ରହନ୍ତି, ସେମାନଙ୍କର ନିୟୋଜନ ଉପରେ ପ୍ରଭାବ ପଡିବ। କିନ୍ତୁ, ଭାଗ ୬ ରେ ଉପସ୍ଥାପିତ ଆଲୋଚନା ଅନୁସାରେ କୃଷି ମୂଲମଜୁରୀ ଉପରେ ବେକାର ହେବା ବା କର୍ମ ହରାଇବାର ଆଶଙ୍କା ବହୁତ କମ୍।

ବାସଶୂନ୍ୟ ହେବାର ଆଶଙ୍କା: ପ୍ରସ୍ତାବିତ ପ୍ରକଳ୍ପରେ ଦୁଇଗୋଟି ପରିବାର ବାସଚ୍ୟୁତ ହେବେ। ତେଣୁ ବାସଶୂନ୍ୟ ହେବାର ଆଶଙ୍କା ଅଛି।

ଦରିଦ୍ର୍ୟ/ଦୁର୍ବଳ ହେବାର ଆଶଙ୍କା: ଯେହେତୁ ଦୁଇଗୋଟି ପରିବାର ବାସଚ୍ୟୁତ ହେବେ, ଏଣୁ ସାମାଜିକ ସ୍ତରରେ ଦୁଇଟି ପରିବାର ଦୁର୍ବଳ ହେବାର ଆଶଙ୍କା ଅଛି। ଜମି ଅଧିଗ୍ରହଣ ଯୋଗୁ ଅର୍ଥନୈତିକ ସ୍ତରରେ ଦୁର୍ବଳ ହେବାର ଆଶଙ୍କା ଅଛି, ମାତ୍ର ଏହା ମଧ୍ୟ ବହୁତ କମ୍, କାରଣ ବହୁତ କମ୍ ଜମି ଅଧିଗ୍ରହଣ ହେବ।

ଖାଦ୍ୟ ସୁରକ୍ଷା ଉପରେ ବିପଦର ଆଶଙ୍କା: ପ୍ରସ୍ତାବିତ ପ୍ରକଳ୍ପ ଯୋଗୁ ପ୍ରଭାବିତ ଗ୍ରାମରେ ଖାଦ୍ୟ ସୁରକ୍ଷା ଉପରେ ବିପଦର ଆଶଙ୍କା ନାହିଁ। କେବଳ ଜମି ଅଧିଗ୍ରହଣ ଯୋଗୁ କିଛି ମାତ୍ରାରେ ଫସଲର ଅମଳ କମିପାରେ। ଯାହା ଫଳରେ ଗରିବ ପରିବାର ମାନଙ୍କରେ ପୃଷ୍ଟିସାର ଯୁକ୍ତ ଖାଦ୍ୟର କିଛି ମାତ୍ରାରେ ଅଭାବ ଦେଖାଦେଇପାରେ। ଯଦି ସେମାନଙ୍କୁ କୁକୁଡା ଚାଷ, ଛେଳି ଚାଷ, ଗୋ ପାଳନ, ପନିପରିବା ଚାଷ ଇତ୍ୟାଦି କରିବା ପାଇଁ ପ୍ରୋତ୍ସାହନ ଦିଆଯାଏ ତେବେ ସେମାନଙ୍କର ପରିବାରରେ ଯେଉଁ ପୃଷ୍ଟିସାରଯୁକ୍ତ ଖାଦ୍ୟର ସମସ୍ୟା ଦେଖାଯାଇଛି ତାହା ଦୂରୀଭୁତ ହୋଇପାରିବ।

ମରଣଶୀଳତା ବା ରୋଗଗ୍ରସ୍ତ ହେବାର ଆଶଙ୍କା: ପୂର୍ବରୁ ଭାଗ ୬ ରେ ଆଲୋଚନା କରାଯାଇଛି ଯେ, ପ୍ରଭାବିତ ପରିବାର ସଦସ୍ୟ ମାନଙ୍କର ବର୍ତମାନ ସ୍ୱାସ୍ଥ୍ୟ ଭଲଅଛି, ସେପରି କୌଣସି ଭୟାନକ ବ୍ୟାଧିରେ କେହି ପିଡିତ ନାହାନ୍ତି । ସେତୁ ଓ ରାସ୍ତା ନିର୍ମାଣ ପରେ ଯାତାୟତ ଯାନ ଦ୍ୱାରା ପ୍ରଦୂଷଣ ଯୋଗୁ, ବାୟୁ ଓ ପାଣି ପ୍ରଦୁଷଣ ଜନିତ ରୋଗ ହେବାର ଆଶଙ୍କା ରହିଛି। କିନ୍ତୁ, ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଦ୍ୱାରା ଦୀର୍ଘ ସ୍ଥାୟୀ କାର୍ଯ୍ୟ କରାଗଲେ, ପରିବେଶର ଉନ୍ନତି ହେବ ଓ ଗ୍ରାମବାସୀମାନେ ସୁସ୍ଥ ଜୀବନଯାପନ କରିବା ଆଶା କରାଯାଏ।

ସର୍ବସାଧାରଣ ସମ୍ବଳ ଓ ସୁଖସ୍ୱାଚ୍ଛନ୍ଦର ଭିତିଭୂମି ହରାଇବାର ଆଶଙ୍କା: ପ୍ରସ୍ତାବିତ ପ୍ରକଳ୍ପ ଯୋଗୁ କୌଣସି ସର୍ବସାଧାରଣ ସମ୍ବଳ ବା ସୁଖସ୍ୱାଚ୍ଛନ୍ଦର ଭିତିଭୂମି ଅଧିଗ୍ରହଣ ହେବ ନାହିଁ। ଏଣୁ ଏପରି ପ୍ରଭାବ ଗ୍ରାମବାସୀମାନଙ୍କ ଉପରେ ପଡିବା ଆଶା କରାଯାଏନାହିଁ।

ସାମାଜିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା: ବର୍ତମାନ ଥିବା ଗ୍ରାମର ଚଳଣି, ଲୋକମାନଙ୍କ ମଧ୍ୟରେ ସମ୍ପର୍କ, ବନ୍ଧୁବାନ୍ଧବ ସମ୍ପର୍କ, ସାମାଜିକ ସଙ୍ଗଠନ ଇତ୍ୟାଦି ଯେମିତି ଅଛି, ପ୍ରକଳ୍ପ ହେଲାପରେ ମଧ୍ୟ ସେହିଭଳି ଅବସ୍ଥାରେ ରହିବ ବୋଲି ଆଶା କରାଯାଉଛି । ତେଣୁ ସାମାଜିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ପରିଲକ୍ଷିତ ହେଉନାହିଁ ।

୭.୨. ପ୍ରାକୃତିକ ସମ୍ପଦ ଉପରେ ପ୍ରଭାବ

ଭୂମି/ମୃତିକା: ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ସମୟରେ ଏକ ମୁଖ୍ୟ ପ୍ରଭାବ ପଡିବାର ଅନୁମାନ କରାଯାଉଛି । ଯାନବାହାନ ପରିବହନ ସମୟରେ ଅଧିକ ଧୂଳି ନିର୍ଗତ ହେବ । ଗ୍ରାମବାସୀମାନଙ୍କର ଅନୁମାନ ଯେ ସେହି ଧୂଳି ପଡି ଜମି ଓ ଗ୍ରାମର ମୃତିକା ଖରାପ । ଗୋଷ୍ଠୀ ଆଲୋଚନା ବେଳେ ଅନେକ ଲୋକ ଏହାର ପ୍ରଭାବ ପଡିବ ବୋଲି କହିଛନ୍ତି ଓ ନିର୍ମାଣ ସମୟରେ ନିୟମିତ ଜଳସିଂଚନ ଇତ୍ୟାଦି କରିବାକୁ ଅନୁରୋଧ କରିଛନ୍ତି ।

ଏତତ୍ ବ୍ୟତିତ, ନିର୍ମାଣ ସମୟରେ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହାକି ପାଖ ମାଟି ଓ ଫସଲକୁ ଦୂଷିତ କରିବ । ସେଗୁଡିକ ମୁଖ୍ୟତଃ ନିର୍ମାଣ କାର୍ଯ୍ୟରେ ଲାଗୁଥିବା ବଳକା ବାଲି, ଗୋଡି, ସିମେଣ୍ଟ, ଭଙ୍ଗାରୁଜା ଯନ୍ତ୍ରପାତି ଓ ଅନ୍ୟାନ୍ୟ ଜିନିଷ । ଶକ୍ତ ବର୍ଜ୍ୟବସ୍ତୁ ଓ କ୍ଷତିକାରକ ଜିନିଷ ଯଥା ଛୋଟ ଛୋଟ ଧାତବ ଖଣ୍ଡ, ରବର/ପ୍ଲାସଟିକ୍ ଖଣ୍ଡ, ତେଲ ମିଶ୍ରିତ ଜିନିଷ ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ସୃଷ୍ଟି ହେବା ଦ୍ୱାରା ପାଖ ଫସଲ ଜମି ନଷ୍ଟ ହୋଇପାରେ । ସେଥିପାଇଁ, Hazardous waste (Management, Handling and Trans-boundary Movement) ନିୟମ ୨୦୦୮ ର ବ୍ୟବସ୍ଥା ଅନୁଯାୟୀ ବର୍ଜ୍ୟବସ୍ତୁ ପରିଚାଳନା ହେବା ଆବଶ୍ୟକ ।

ସର୍ବସାଧାରଣ ସମ୍ପତି/ଜଙ୍ଗଲ: ପ୍ରକଳ୍ପରେ ଜଙ୍ଗଲ କିମ୍ବା ଅନ୍ୟ କୌଣସି ସର୍ବସାଧାରଣ ସମ୍ପତି ଅଧିଗ୍ରହଣ ହେବନାହିଁ । କିନ୍ତୁ ରାସ୍ତାରେ ଯାନବାହାନ ଯାତାୟତ କରିବା ଦ୍ୱାରା ଶବ୍ଦ ଓ ଜଳବାୟୁ ପ୍ରଦୂଷଣ ହେବାର ଆଶଙ୍କା ରହିଛି । ସେଥିପାଇଁ ରାସ୍ତାର ଦୁଇ ପାର୍ଶ୍ୱରେ ଗଛ ଲଗାଇବା ଆବଶ୍ୟକ ।

ଜଳ/ବାୟୁ: ସେତୁ ଓ ରାସ୍ତା ନିର୍ମାଣ ସମୟରେ ପରିବହନ ଓ ଅନ୍ୟାନ୍ୟ କାର୍ଯ୍ୟ ବେଳେ, ଧୂଳି ଗୁଣ୍ଡ ବାହାରି ବାୟୁମଣ୍ଡଳକୁ ଦୂଷିତ କରିବ ଓ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ରାସ୍ତାରେ ଅଧିକ ଗାଡି ଯିବାଆସିବା ଦ୍ୱାରା

୭.୩. ସଂସ୍କୃତି ଏବଂ ସାମାଜିକ ସଂଲଗ୍ନତା ଉପରେ ପ୍ରଭାବ

ବର୍ତମାନ ଥିବା ସାମାଜିକ ଚଳଣି, ଲୋକମାନଙ୍କ ମଧ୍ୟରେ ସମ୍ପର୍କ, ବନ୍ଧୁବାନ୍ଧବ ସମ୍ପର୍କ, ସାମାଜିକ ସଙ୍ଗଠନ ଇତ୍ୟାଦି ଯେମିତି ଅଛି, ପ୍ରକଳ୍ପ ହେଲାପରେ ମଧ୍ୟ ସେହିଭଳି ଅବସ୍ଥାରେ ରହିବ ବୋଲି ଆଶା କରାଯାଉଛି । ତେଣୁ ସାମାଜିକ ସଂଲଗ୍ନତାରେ କୌଣସି ପ୍ରଭାବ ନପଡିବାର ଆଶା କରାଯାଏ । କେବଳ ଆୟର ବୃଦ୍ଧି ଓ ଜମି କ୍ଷତିପୂରଣର ମୂଲ୍ୟ ପ୍ରଦାନ ଯୋଗୁ ପରିବାରିକ ସଂସ୍କୃତି ଓ ନୈତିକ ମୂଲ୍ୟବୋଧର ଅବନତି ଘଟିବ ବୋଲି ଆଶା କରାଯାଉଛି ।

ଗ୍ରାମର ମହିଳାମାନଙ୍କୁ ସାକ୍ଷାତକରି ସେମାନଙ୍କର ମତାମତ ନିଆଯାଇଥିଲା । ସେମାନଙ୍କ ମତରେ ବର୍ତମାନ ମୂଲ ମଜୁରୀରୁ ଭଲ ଆୟ ହେଉଛି, କିନ୍ତୁ ପରିବାରର ଯୁବକମାନେ ମଦ୍ୟପାନ କରି ଏକ ଭିନ୍ନ ଶୈଳୀର ଜୀବନ

ବିତାଉଛନ୍ତି । ପରିବାର ଭିତରେ, ଗ୍ରାମରେ, ଗୁରୁଜନ ମାନଙ୍କୁ ସମ୍ମାନ ଦେବା ଓ ସହନଶୀଳତା ହେବା ଆସ୍ତେ ଆସ୍ତେ କମିଯାଉଛି । ୧୪ବର୍ଷରୁ ଉର୍ଦ୍ଧ ଯୁବକମାନେ ମଦ୍ୟପାନ ଓ ତମାଖୁ ସେବନରେ ଅଭ୍ୟସ୍ତ ହେଉଛନ୍ତି । ଯୁବକ ଓ ବୟସ୍କ ମାନେ ମଦ୍ୟପାନକୁ ସାମାଜିକ ସ୍ଥିତିରେ ଅଭିବୃଦ୍ଧି ଭାବରେ ବିଚାର କରୁଛନ୍ତି । ମଦର ଅତ୍ୟଧିକ ବ୍ୟବହାର, ପରିବାରରେ ମହିଳା ଓ ଛୋଟପିଲା ମାନଙ୍କ ଉପରେ ଖରାପ ପ୍ରଭାବ ପକାଉଛି । ଜମି କ୍ଷତିପୁରଣର ମୂଲ୍ୟ ପାଇବା ପରେ ଏହା ଅତ୍ୟଧିକ ହୋଇପାରେ ।

୭.୪. ଅନ୍ୟାନ୍ୟ ପ୍ରଭାବ:

ମୂଲମଜୁରୀ ବୃଦ୍ଧି: ବର୍ତମାନ କୃଷି ଓ ଅଣକୃଷି ମଜୁରୀର ହାର ୩୦୦-୩୫୦ଟଙ୍କା ଓ ୩୫୦-୪୦୦ ଟଙ୍କା ରହିଛି. । ପ୍ରକଳ୍ପ କାମ ଆରମ୍ଭ ହେଲେ ଏହାର ମୂଲ୍ୟ ବଢ଼ି ଯାଇପାରେ ।

ଜମି ଓ ଅଚଳନ୍ତି ସମ୍ପଦର ମୂଲ୍ୟ ବୃଦ୍ଧ: ପ୍ରଭାବିତ ଲୋକମାନଙ୍କ ମତରେ ହାତୀ ନଦୀ ସେତୁ ଓ ରାସ୍ତା ନିର୍ମାଣ ହେଲାପରେ ପ୍ରଭାବିତ ଅଂଚଳର ଜମିର ମୂଲ୍ୟ ବଢିଯିବ ।

ଦୋକାନ ଓ ବଜାରର ଅଭିବୃଦ୍ଧି: ବର୍ତମାନ ପନିପରିବା, ଡାଲି, ଦୁଗ୍ଧ ଓ ଦୁଗ୍ଧ ଜାତୀୟଦ୍ରବ୍ୟ, ମାଛ, ମାଂସ, ଚିକେନ ଇତ୍ୟାଦିର ବିକ୍ରିବଟା ଏକ ସମସ୍ୟା ଅଟେ । କାରଣ, ନଦୀ ପାର ହୋଇ ବେପାର ବାଣିଜ୍ୟ କରିବା ପାଇଁ ଅସୁବିଧା ହେଉଥିଲା । ସେତୁ ନିର୍ମାଣ ପରେ ଗମନାଗମନର ସୁବିଧା ହେବ, ଯାହାଫଳରେ ଚାଷୀ ତାହାର ଉତ୍ପାଦିତ ଦ୍ରବ୍ୟ ସହଜରେ ନେଇ ବ୍ଲକ ଓ ଅନ୍ୟ ସ୍ଥାନ ମାନଙ୍କରେ ବିକ୍ରି କରିପାରିବ ଓ ଅଧିକ ମୂଲ୍ୟ ମଧ୍ୟ ପାଇପାରବ ।

ବାଣିଜ୍ୟ/ବ୍ୟବସାୟ ଓ ନିଜୁକ୍ତି କ୍ଷେତ୍ରରେ ଅବିବୃଦ୍ଧି: ପ୍ରକଳ୍ପ ଅଂଚଳରେ ବର୍ତମାନ ଲୋକମାନଙ୍କର ଆର୍ଥିକ ଅବସ୍ଥା ଭଲ ନାହିଁ । କାରଣ ନଦୀ ପାର ହୋଇ କୌଣସି ବ୍ୟବସାୟ କରିବା ଅତ୍ୟନ୍ତ ପକ୍ଷେ କଷ୍ଟକର । ତେଣୁ ବାଣଜ୍ୟ ଓ ବ୍ୟବସାୟ ସେଠାରେ ସିମୀତ ରହୁଛି । ପ୍ରକଳ୍ପ ହେବା ପରେ ଗମନାଗମନର ସୁବିଧା ହେଲେ, ଯାନବହାନର ଯାତାୟତ ହେବା ଦ୍ୱାରା ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ହୋଇପାରିବ ।

ଜୀବନ ଶୈଳିରେ ଉନ୍ନତି: ପ୍ରଭାବିତ ଗ୍ରାମରେ ଗୋଷ୍ଠି ଆଲୋଚନାରୁ ଯାହା ଜଣାଯାଏ, ପ୍ରକଳ୍ପ ଶେଷ ହେବାପରେ ସ୍ଥାନୀୟ ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାର ଅର୍ଥ ଉପାର୍ଜ୍ଜନର ସୁବିଧା ସୁଯୋଗ ଆସିପାରିବ । ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ କରାଗଲେ, ସ୍ଥାନୀୟ ଲୋକମାନଙ୍କର କର୍ମନିୟୋଜନ ଅଧିକ ହେବ ଓ ଅଧିକ ଅର୍ଥ ଉପାର୍ଜ୍ଜନର ସୁବିଧା ସୃଷ୍ଟି ହେବ । କୃଷି ସମ୍ବନ୍ଧୀୟ ଶିକ୍ଷ, ଗୋପାଳନ, ପୋଲଟ୍ରି ଫାର୍ମ ଓ ଅନ୍ୟାନ୍ୟ ମାର୍କେଟିଙ୍ଗ ସୁବିଧାର ଉନ୍ନତି ହୋଇପାରିବ । । ଅଧିକ ଅର୍ଥ ଉପାର୍ଜ୍ଜନ ହେଲେ, ସ୍ଥାନୀୟ ଲୋକମାନଙ୍କର ଜୀବନଶୈଳୀରେ ଉନ୍ନତି ହେବା ଅନୁମାନ କରାଯାଏ ।

୭.୫. ଦୁର୍ବଳ/ନିରାଶ୍ରୟ ଗୋଷ୍ଠୀ ଉପରେ ପ୍ରଭାବ

ମହିଳା, ଶିଶୁ, ଛୋଟପିଲା, ଦୁର୍ବଳ ଶ୍ରେଣୀ ଇତ୍ୟାଦି ବ୍ୟକ୍ତିଙ୍କୁ ଏହି ଗୋଷ୍ଠିରେ ଅର୍ନ୍ତଭୁକ୍ତ କରାଯାଇଛି । ପୁନଃଥଇଥାନ କାର୍ଯ୍ୟକ୍ରମରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ । ଏହି ଗୋଷ୍ଠିର ଲୋକମାନଙ୍କ

ଉପରେ ବର୍ଣ୍ଣିତ ଅଧିକାଂଶ ପ୍ରଭାବ ପଡିବାର ଅନୁମାନ କରାଯାଉଛି । ପ୍ରକଳ୍ପ ନିର୍ମାଣ ସମୟରେ ବାୟୁ, ଜଳ ଓ ଶବ୍ଦ ପ୍ରଦୂଷଣ ଯୋଗୁ ବୃଦ୍ଧ, ଛୋଟପିଲା, ଅକ୍ଷମ ଇତ୍ୟାଦି ଅତ୍ୟନ୍ତ ଅଳ୍ପ ମାତ୍ରାରେ ପ୍ରଭାବିତ ହେଇପାରନ୍ତି । କୁପ୍ରଭାବ ବ୍ୟତିତ, ପ୍ରସ୍ତାବିତ ପ୍ରକଳ୍ପ ଯୋଗୁ ଏହି ଦୁର୍ବଳ/ନିରାଶ୍ରୟ ଗୋଷ୍ଠୀ ଉପରେ କିଛି ସୁପ୍ରଭାବ ମଧ୍ୟ ପଡିପାରେ । ଗ୍ରାମରେ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ, ମହିଳାମାନଙ୍କର ସଚେତନତା ଓ ବାହ୍ୟ ଦୁନିଆ ବିଷୟରେ ଜ୍ଞାନର ବୃଦ୍ଧି ହୋଇପାରେ । ମହିଳାମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ହୋଇପାରେ । ମହିଳାମାନେ ଘରୁ ବାହାରି ବାହାରକୁ ଯାଇ ବିଭିନ୍ନ ପ୍ରକାରର ଧନ୍ଧାମୂଳକ କାର୍ଯ୍ୟରେ ଅଧିକ ଭାଗନେଇ ପାରିବେ । ମହିଳାମାନେ ଆତ୍ମନିର୍ଭରଶୀଳ ହେଲେ ପରିବାରରେ ପୁରୁଷମାନଙ୍କର ଆଧିପତ୍ୟ ହ୍ରାସ ପାଇବ ।

୮. ସାମାଜିକ ପ୍ରଭାବ ପରିଚାଳନା ଯୋଜନା

୮.୧. ପୃଷ୍ଠଭୂମି ଏବଂ ଉଦ୍ଦେଶ୍ୟ

ପୂର୍ବ ଅଧ୍ୟାୟ ମାନଙ୍କରେ ପ୍ରସ୍ତାବିତ ପ୍ରକଳ୍ପ ଅଂଚଳର ସାମାଜିକ, ଅର୍ଥନୈତିକ ସ୍ଥିତି, ପ୍ରଭାବିତ ପରିବାର ଓ ପ୍ରକଳ୍ପ ଯୋଗୁ ସ୍ଥାନୀୟ ଜନସାଧାରଣ, ଜମି ହରାଉଥିବା ପରିବାରମାନଙ୍କ ଉପରେ ପଡୁଥିବା ସାମାଜିକ, ଅର୍ଥନୈତିକ ଓ ସଂସ୍କୃତି ଜନିତ ପ୍ରଭାବ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ଏହି ଅଧ୍ୟାୟରେ, ଉପରୋକ୍ତ ପ୍ରଭାବକୁ ଆଧାର କରି ପ୍ରସ୍ତୁତ କରାଯାଇଥିବା ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଏହି ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ, ପ୍ରକଳ୍ପର କୁପ୍ରଭାବ ଗୁଡିକ ଦୂରୀଭୁତ ହେବ । ପ୍ରଭାବିତ ପରିବାରମାନଙ୍କର କେବଳ କ୍ଷତିର ଭରଣା ହେବ, ତାହା ନୁହେଁ, ସେମାନଙ୍କର ଜୀବନଧାରଣର ମାନ ଓ ଦୈନନ୍ଦିନ ଚଳଣୀରେ ଉନ୍ନତି ହେବ ।

ଏହା ମଧ୍ୟ ଏଠାରେ ଦର୍ଶାଯାଉଛି ଯେ, ବର୍ତମାନ ପ୍ରଭାବିତ ଗ୍ରାମମାନଙ୍କରେ ସାଧାରଣ ଜୀବନଯାପନ କରିବାପାଇଁ ଆବଶ୍ୟକ ମୌଳିକ ସୁବିଧାସୁଯୋଗ ନାହିଁ । ବିକାଶର ଅଭାବ ଯୋଗୁ ଗ୍ରାମବାସୀ, ବିଶେଷକରି ଦୁର୍ବଳ ଓ ଗରିବ ଶ୍ରେଣୀ ଲୋକମାନଙ୍କର ଅଭିବୃଦ୍ଧି ହୋଇପାରୁ ନାହିଁ । ଏସବୁ ସତ୍ତ୍ୱେ, ଲୋକମାନଙ୍କର ସକାରାତ୍ମକ ଚିନ୍ତାଧାରା ରହିଛି ଓ ଉନ୍ନତ ଧରଣର ଜୀବନଯାପନ କରିବାପାଇଁ ଆଶା ଓ ଅଭିଳାଷ ଅଛି । ଏହା ମଧ୍ୟ ସୂଚିତ କରାଯାଉଛି ଯେ, ଘର ସର୍ଭେ ଓ ଗୋଷ୍ଠି ଆଲୋଚନା ବେଳେ ଲୋକମାନେ ବ୍ୟକ୍ତିଗତ ଓ ସାମୁହିକ ସ୍ତରର ଉନ୍ନତ ଜୀବନ/ଜୀବିକା ସୁବିଧାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି । ଜମିର କ୍ଷତିପୁରଣ ଏବଂ ପୁନଃଥଇଥାନ ବ୍ୟତୀତ, ଲୋକମାନେ ଉନ୍ନତ ଜୀବନଯାପନ ଓ ଜୀବିକା ଅର୍ଜ୍ଜନ କରିବାର ସୁବିଧାସୁଯୋଗ ପାଇଁ ଅଧିକ ଦାବି କରିଛନ୍ତି । ଉପରୋକ୍ତ ଆଲୋଚନା ଅନୁସାରେ, ନିମ୍ନଲିଖିତ ଆଧାରରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା କୁ ପ୍ରସ୍ତୁତି କରାଯାଇଛି । ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ଯୋଉ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି, ତାହା ନିମ୍ନରେ ଦର୍ଶାଗଲା ।

୮.୨. ସାମାଜିକ ପ୍ରଭାବ ପରିଚାଳନା ଯୋଜନା

୮.୨.୧. ଜମି ଅଧିଗ୍ରହଣ ଓ କ୍ଷତିପୁରଣ ପ୍ରଦାନ

ପୂର୍ବର ଜମି ଅଧିଗ୍ରହଣ ନିୟମ (୧୮୯୪) ଓ ବର୍ତମାନର ନୂଆ ଜମି ଅଧିଗ୍ରହଣ ନିୟମ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ନୂଆ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ପ୍ରଭାବିତ ପରିବାରଙ୍କୁ ଉଚିତ୍ କ୍ଷତିପୁରଣ ଓ ପୁନଃଥାଇଥାନ ଓ ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ରଖିବାର ବ୍ୟବସ୍ଥା କରାଯାଇଛି । ଜମି ଅଧିଗ୍ରହଣ କରିବା ଜିଲ୍ଲା

ପ୍ରଶାସନ, ଓଡିଶା ସରକାରଙ୍କର ଦାୟିତ୍ୱ । ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ଏବଂ ଓଡିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଓଡିଶା ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ନିୟମ ୨୦୧୬ (Odisha RFCTLAR&R Rules, 2016) ଅନୁସାରେ ଜମି ଅଧିଗ୍ରହଣ ହେବ । ନିମ୍ନରେ କିଛି ମୁଖ୍ୟ ବିଷୟରେ ଆଲୋଚନା କରାଯାଇଛି ।

କ୍ଷତିପୁରଣର ଅଧିକାର: ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ପ୍ରଥମ ଅନୁସୂଚୀ ଅନୁଯାୟୀ କ୍ଷତିପୁରଣ ନିର୍ଦ୍ଧାରଣ କରାଯିବ । ଜମିହରାଉ ଥିବା ବ୍ୟକ୍ତି ବା ପରିବାରଙ୍କର କ୍ଷତିପୁରଣ ଭାବରେ କଣ ପାଇବାର ଅଧିକାର ଅଛି, ତାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

କ୍ଷତିପୁରଣ ରାଶିରେ କଣ ପାଇବେ ?	କିପରି ନିର୍ଦ୍ଧାରଣ ହେବ ?
ଜମିର ବଜାର ଦର	RFCTLAR&R Act, 2013 ର U/s 26 ରେ ବର୍ଣ୍ଣନା କରାଯାଇଥିବା ପ୍ରକ୍ରିୟା ଅନୁଯାୟୀ ଏହାର ନିର୍ଦ୍ଧାରଣ କରାଯିବ । ଯେଉଁ ତାରିଖରେ u/s 11 ବିଜ୍ଞପ୍ତି ଜାରି କରାଯିବ, ସେହି ତାରିଖରେ ଜମିର ବଜାର ଦର ନିର୍ଦ୍ଧାରଣ କରାଯିବ । ଯେହେତୁ ଗ୍ରାମାଂଚଳରେ ଜମି ଅଧିଗ୍ରହଣ ହେଉଛି, ସେଥିପାଇଁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କ ବିଜ୍ଞପ୍ତି ନଂ LA (A)-23/2014/9068 dated 19.03.2016 ଅନୁଯାୟୀ ଜାରି କରାଯାଇଥିବା ଉତ୍ପାଦକ ବା ଗୁଣକ କୁ ଜମିର ବଜାର ଦର ସହ ଗୁଣନ କରି, ଜମିର ମୂଲ୍ୟ ହିସାବ କରାଯିବ ।
ଗଛ ଓ ଅନ୍ୟାନ୍ୟ ସମ୍ପତ୍ତିର ମୂଲ୍ୟ	ପ୍ରକଳ୍ପ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ବାସଗୃହ ଓ ଗଛ ଅଧିଗ୍ରହଣ ହେବନାହିଁ । ତେବେ ଓଡିଶା RFCTLAR&R ନିୟମ, ୨୦୧୬ର ଧାରା ୨୩, ଅଧ୍ୟାୟ III ରେ ନିର୍ଦ୍ଧାରିତ ମାର୍ଗଦର୍ଶୀ ଅନୁଯାୟୀ ଗଛ/ଅନ୍ୟାନ୍ୟ ସମ୍ପତ୍ତିର ଠିକ ଭାବରେ ମୂଲ୍ୟାଙ୍କନ ହେବା ଆବଶ୍ୟକ ।
ଡିମୁରେଜ	ଜିଲ୍ଲାପାଳଙ୍କ ଦ୍ୱାରା ଜମିକୁ ଦଖଲ ନେବା ସମୟରେ ଯଦି ଜମିରେ ଫସଲ ଥାଏ, ତେବେ ସେହି ଫସଲର କ୍ଷତିପୁରଣ u /s 28 RFCTLAR&R Act, 2013 ଆଇନ ଅନୁଯାୟୀ ଦେବାର ବ୍ୟବସ୍ଥା ରହିଛି ।
ସୋଲାସିୟମ୍	ସୋଲାସିୟମ୍ ର ପରିମାଣ କ୍ଷତିପୁରଣ ରାଶିର ଶତପ୍ରତିଶତ ହେବ (u/s 30 RFCTLAR&R Act, 2013). ଯେତିକି କ୍ଷତିପୁରଣ ପରିମାଣ ହେବ, ସେତିକି ପରିମାଣର ସୋଲାସିୟମ୍ ରାଶି ଅତିରିକ୍ତ ଭାବରେ ଦେବାର ବ୍ୟବସ୍ଥା ରହିଛି ।
ଅତିରିକ୍ତ ରାଶି	ଜମିର ବଜାର ଦର ଉପରେ ବର୍ଷକୁ ୧୨ ପ୍ରତିଶତ ହିସାବରେ ଅତିରିକ୍ତ ମୂଲ୍ୟ ଦେବାପାଇଁ ବ୍ୟବସ୍ଥା ରହିଛି । U/s 4 ବିଜ୍ଞପ୍ତି ତାରିଖ ଠାରୁ ଜିଲ୍ଲାପାଳଙ୍କ

କ୍ଷତିପୁରଣ ରାଶିରେ କଣ ପାଇବେ ?	କିପରି ନିର୍ଦ୍ଧାରଣ ହେବ ?
	ଆୱାର୍ଡ ପାଶ ତାରିଖ କିମ୍ବା ଦଖଲ ନେବା ତାରିଖ ପର୍ଯ୍ୟନ୍ତ, ଯେଉଁଟା ଜଲଦି ଆସିବ, ସେତେଦିନ ପାଇଁ ବର୍ଷକୁ ୧୨ ପ୍ରତିଶତ ହିସାବରେ ଅତିରିକ୍ତ ମୂଲ୍ୟ ଦେବାପାଇଁ ବ୍ୟବସ୍ଥା ରହିଛି । (u/s 30 (3) RFCTLAR&R Act, 2013).

ଜମିର ମୂଲ୍ୟ ନିର୍ଦ୍ଧାରଣ ପାଇଁ ବିହିତ ଉତ୍ପାଦକ ବା ଗୁଣକ

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କ ବିଜ୍ଞପ୍ତି ନଂ LA (A)-23/2014/9068 dated 19.03.2016

ସହରାଂଚଳ ଠାରୁ ବ୍ୟାସାର୍ଦ୍ଧରେ ଦୂରତା (କିଲୋମିଟର)	ଉତ୍ପାଦକ ବା ଗୁଣକ
୦ ରୁ ୧୦ କିଲୋମିଟର ପର୍ଯ୍ୟନ୍ତ	୧.୦୦
୧୦ କିଲୋମିଟର ରୁ ଉର୍ଦ୍ଧ୍ୱ ୨୦ କିଲୋମିଟର ପର୍ଯ୍ୟନ୍ତ	୧.୨୦
୨୦ କିଲୋମିଟର ରୁ ଉର୍ଦ୍ଧ୍ୱ ୩୦ କିଲୋମିଟର ପର୍ଯ୍ୟନ୍ତ	୧.୪୦
୩୦ କିଲୋମିଟର ରୁ ଉର୍ଦ୍ଧ୍ୱ ୪୦ କିଲୋମିଟର ପର୍ଯ୍ୟନ୍ତ	୧.୮୦
୪୦ କିଲୋମିଟର ରୁ ଉର୍ଦ୍ଧ୍ୱ	୨.୦୦

ପୁନଃଥଇଥାନ: ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ଦ୍ୱିତୀୟ ଅନୁସୂଚୀ ଅନୁଯାୟୀ ପ୍ରତ୍ୟେକ ଜମି ହରାଉଥିବା ପରିବାର ମୁଖ୍ୟ, ବିସ୍ଥାପିତ ଓ ବିସ୍ଥାରିତ ପରିବାର ଗୁଡିକର ପୁନଃଥଇଥାନର ବ୍ୟବସ୍ଥା ରହିଛି । ଆଲୋଚନା ଭିତିରେ ପୁନଃଥଇଥାନର ଯୋଜନା ପୁର୍ନବସତି ଓ ପୁନଃଥାଇଥାନ ପ୍ରଶାସଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ । ଏହି ପ୍ରଶାସକ, ଓଡିଶା ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ନିୟମ ୨୦୧୬ (Odisha RFCTLAR&R Rules, 2016) ର ଧାରା ୩୦ ଓ ୩୧, ଅଧ୍ୟାୟ ୪ ଅନୁଯାୟୀ ପୁନଃଥଇଥାନର ଯୋଜନା ପ୍ରସ୍ତୁତ କରିବେ ।

ଜମି ବନ୍ଦୋବସ୍ତ ଓ ଜମି ମାଲିକାନାସତ୍ୱ ଚୁଡାନ୍ତ: ଜମିହରାଉ ଥିବା ପରିବାର ମାନଙ୍କର ଏହା ଏକ ମୁଖ୍ୟ ସମସ୍ୟା । ଓଡିଶା ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ନିୟମ ୨୦୧୬ (Odisha RFCTLAR&R Rules, 2016) ର ଧାରା ୪ ଓ ୫ ଅନୁଯାୟୀ ଜମିଅଧିଗ୍ରହଣ ପୂର୍ବରୁ ଜମି ବନ୍ଦୋବସ୍ତ ଓ ଜମି ମାଲିକାନାସତ୍ୱ ଚୁଡାନ୍ତ ହେବ । ଏହି ପ୍ରକିୟା ସରିଲା ପରେ ଜିଲ୍ଲାର ଭୂ-ରାଜସ୍ୱ ଅଧିକାରୀ ମାନେ ଏବଂ ପୁର୍ନବସତି ଓ ପୁନଃଥଇଥାନର ଅଧିକାରୀ, ଏକ ସର୍ଭେ କରି କ୍ଷତିଗ୍ରସ୍ତ ପରିବାରର ଚୁଡାନ୍ତ ଗଣତି କରିବାର ଆବଶ୍ୟକତା ରହିଛି ।

ସର୍ବସାଧାରଣଙ୍କ ସହ ବିଚାର ଆଲୋଚନା: ନୂତନ ଜମି ଅଧିଗ୍ରହଣ ଆଇନ ଅନୁସାରେ ସର୍ବସାଧାରଣଙ୍କ ସହ ବିଚାର ଆଲୋଚନା ଜରୁରୀ ଅଟେ ଓ ସମୁଦାୟ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ଆବଶ୍ୟକ । RFCTLAR&R Act, 2013 ଅନୁଯାୟୀ ୩ଥର ଜନଶୁଣାଣି କରିବାର ପ୍ରସ୍ତାବ ରହିଛି, ଯାହାର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା ।

- **ସାମାଜିକ ପ୍ରଭାବ ଆକଳନର ଡ୍ରାଫ୍ଟ ରିପୋର୍ଟ ଉପରେ ଜନଶୁଣାଣି:** ଓଡିଶା ଉଚିତ୍ କ୍ଷତିପୁରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ନିୟମ ୨୦୧୬ (Odisha RFCTLAR&R Rules, 2016) ର ଧାରା ୧୪ ଅନୁଯାୟୀ ଏହି ଜନଶୁଣାଣି କରାଯିବ ।
- **ଡ୍ରାଫ୍ଟ ପୁନଃଥଇଥାନ ଯୋଜନାର ଉପରେ ଜନଶୁଣାଣି:** ପୁର୍ନବସତି ଓ ପୁନଃଥଇଥାନର ଡ୍ରାଫ୍ଟ ଯୋଜନାକୁ ଚୁଡାନ୍ତ କରି ମଞ୍ଜୁରୀ ଦେବା ପୂର୍ବରୁ ପ୍ରଭାବିତ ଗ୍ରାମରେ ଜନଶୁଣାଣିରେ ଆଲୋଚନା ହେବ ।

ଏହି ସବୁ ଜନଶୁଣାଣି କାର୍ଯ୍ୟର ବିବରଣୀ ଓଡିଆ ଭାଷାରେ ସମ୍ପାଦନ କରିବାକୁ ହେବ, କାରଣ ସମସ୍ତ ଅଂଶଗ୍ରହଣକାରୀ ବୁଝିପାରିବେ ଓ ସେମାନଙ୍କର ମତାମତ ଦେଇପାରିବେ । ସେହିପରି ସମସ୍ତ ନଥିପତ୍ର ବାଧ୍ୟତାମୂଳକ ଭାବେ ଓଡିଆ ଭାଷାରେ କରାହେବ, ଯାହାକି ସର୍ବସାଧାରଣ ଉଦ୍ଦେଶ୍ୟରେ ସମୀକ୍ଷା ପାଇଁ ଓ୍ୱେବସାଇଟରେ ଉପଲବ୍ଧ ହେବ । ଏହି ସବୁ କାର୍ଯ୍ୟ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ କରାହେବ ଓ ସ୍ୱଚ୍ଛତା ସୁନିଶ୍ଚିତ ହେବ ଓ ସମସ୍ତ ଅଂଶଗ୍ରହଣକାରୀମାନେ ବୁଝିପାରିବେ ।

କ୍ଷତିପୁରଣ ରାଶିର ଉପଯୁକ୍ତ ବ୍ୟବହାର: ଜମି ଅଧିଗ୍ରହଣ ଯୋଗୁ ମିଳିଥିବା କ୍ଷତିପୁରଣ ରାଶିକୁ ଉପଯୁକ୍ତ ଭାବେ ଉତ୍ପାଦନକ୍ଷମ ଉଦ୍ଦେଶ୍ୟରେ ବିନିଯୋଗ କରିବା ଏକ ମୁଖ୍ୟ ବିଷୟ । ଅତୀତରେ ଦେଖାଯାଇଛି, ବହୁତ ବିକାଶ ପ୍ରକଳ୍ପରେ ପ୍ରଭାବିତ ପରିବାରମାନେ ପାଇଥିବା କ୍ଷତିପୁରଣ ରାଶିକୁ ଉପଯୁକ୍ତ ଭାବେ ବିନିଯୋଗ କରିନାହାନ୍ତି, ଫଳରେ ସେମାନେ ଏତେ ଟଙ୍କା ପାଇଲା ପରେ ମଧ୍ୟ ଦାରିଦ୍ର୍ୟରେ ରହିଯାଇଛନ୍ତି । ତେଣୁ ପ୍ରସ୍ତାବ ଦିଆଯାଉଛି ଯେ ପ୍ରଭାବିତ ପରିବାରଙ୍କ କ୍ଷତିପୁରଣ ଅର୍ଥ କିପରି ସୁବିନିଯୋଗ କରାହେବ, ସେହି ବିଷୟରେ ସାମାଜିକ ପରିଚାଳନା ଟିମ୍ ଦାୟିତ୍ୱ ନେବେ । ଏହି ଟିମ୍‌ର କର୍ମଚାରୀମାନେ ଲୋକମାନଙ୍କୁ ଏ ବିଷୟରେ ସଚେତନ କରାଇବେ । ଲୋକମାନେ ଯେପରି ଚିଟ୍ ଫଣ୍ଡ କମ୍ପାନୀ ଓ ଠକ ସଂସ୍ଥା ହାବୁଡରେ ନପଡନ୍ତି ସେଥିପ୍ରତି ଧ୍ୟାନ ଦେବେ ।

୮.୨.୨. ପ୍ରକଳ୍ପର କୁପ୍ରଭାବକୁ ହ୍ରାସ କରିବା, ଆୟରେ କ୍ଷତିକୁ ଭରଣା କରିବା କାର୍ଯ୍ୟକ୍ରମ

ପ୍ରତ୍ୟେକ ପ୍ରଭାବିତ ପରିବାର ହାରାହାରି ୦.୦୧୦୭ ଏକର ଜମି ହରାଇବେ (ଭାଗ ୭.୧.୧.), ଯାହାକି ଫସଲ ଉତ୍ପାଦନ, କୃଷି ମୁଲମଜୁରୀ ଓ ପରିବାରିକ ଶ୍ରମିକ ନିୟୋଜନ ଉପରେ ସେପରି ପ୍ରଭାବ ପକାଇବ ନାହିଁ । କାରଣ ପ୍ରଭାବିତ ପରିବାରର ସମୁଦାୟ ଜମିର ହାରାହାରି ୦.୫୫% ଅଧିଗ୍ରଣ ହେବ । ଏହି କୁପ୍ରଭାବକୁ ହ୍ରାସ କରିବାପାଇଁ ବଳକା ଜମିରେ ଆଧୁନିକ ପ୍ରଣାଳୀରେ ଚାଷ ପାଇଁ ପ୍ରସ୍ତାବ ଦିଆଯାଉଛି । ଅଧିକ ଅମଳକ୍ଷମ ବିହନ, ଉନ୍ନତଧରଣର ଯନ୍ତ୍ରପାତି, ଜଳସେଚନ, ସାର/ଔଷଧର ବ୍ୟବସ୍ଥା କରାଗଲେ କ୍ଷତିର ଭରଣା ହେଇପାରିବ । ତା'ସହିତ ବେକାରୀମାନଙ୍କୁ ତାଲିମ ଓ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରୋଜଗାରର ପ୍ରସ୍ତାବ ଦିଆଯାଉଛି । ସବିଶେଷ ବିବରଣୀ ନିମ୍ନରେ ଦିଆଯାଇଛି ।

ଉନ୍ନତ ପ୍ରଣାଳୀ କୃଷିରେ ତାଲିମ: ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ପ୍ରକାରର କୃଷି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମର କୃଷକମାନଙ୍କୁ ଓ ପ୍ରଭାବିତ ପରିବାର ମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ ବିଷୟରେ ତାଲିମ ଦିଆଯିବାର ବ୍ୟବସ୍ଥା ଅଛି । ଏହା ମାଧ୍ୟମରେ, ପନିପରିବା, ଡାଲି ଜାତୀୟ ଓ ଅର୍ଥକାରୀ ଫସଲ ଉପରେ

ଉନ୍ନତ ପ୍ରଣାଳୀରେ ଚାଷ କରିବା ପାଇଁ କୃଷକମାନଙ୍କୁ ତାଲିମ ଦିଆଯିବ । କଳାହାଣ୍ଡି ଜିଲ୍ଲାର ଭବାନିପାଟଣା ଠାରେ କୃଷି ବିଜ୍ଞାନ କେନ୍ଦ୍ର ରହିଛି । କୃଷକମାନଙ୍କୁ ସେଠାରେ ତାଲିମ ଦିଆଯିବ । ସାମାଜିକ ପରିଚାଳନା ଟିମ୍ କୃଷି ବିଜ୍ଞାନ କେନ୍ଦ୍ରର ତାଲିମ କାର୍ଯ୍ୟକ୍ରମରେ ଗ୍ରାମର କୃଷକମାନଙ୍କୁ ଓ ପ୍ରଭାବିତ ପରିବାର ମାନଙ୍କୁ ଅର୍ନ୍ତଭୁକ୍ତ କରିବାର ଦାୟିତ୍ୱ ନେବେ । ଏତତ୍ ବ୍ୟତିତ, ତାଲିମ ନେବା ପରେ ସାମାଜିକ ପରିଚାଳନା ଟିମ୍, ଲୋକମାନଙ୍କୁ ସରକାରଙ୍କର ଆର.କେ.ଭି.ୱାଇ ଓ ଅନ୍ୟ ଯୋଜନାରେ ସାମିଲ କରାଇବେ ।

ବେକାରୀ ଯୁବକ/ଯୁବତୀଙ୍କ ପାଇଁ ନିଯୁକ୍ତି ଯୋଗ୍ୟ କୁଶଳୀ ତାଲିମ ର ବ୍ୟବସ୍ଥା: ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ଜମିହରାଉ ଥିବା ପରିବାରରେ ୧ ଜଣ ବେକାର ଯୁବତୀଙ୍କୁ ଚିହ୍ନଟ କରାଯାଇଛି । ସେହିପରି ଗ୍ରାମରେ ପ୍ରାୟ ୪୨ ଜଣ ବେକାର ଯୁବକ/ଯୁବତୀ ଚାକିରୀ ଅନୁସନ୍ଧାନରେ ଅଛନ୍ତି । ସେମାନେ ମୁଖ୍ୟତଃ ସ୍କୁଲ ଓ କଲେଜରୁ ପାଠପଢା ଅଧାରେ ଛାଡିଛନ୍ତି ଏବଂ ଚାକିରୀ ପାଇଁ କୌଣସି ତାଲିମ ନେଇନାହାଁନ୍ତି । ତେଣୁ ସେମାନଙ୍କୁ ଭାରତ ସରକାରଙ୍କର କୁଶଳୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ଯୋଜନା କରାଯାଇଛି । ଏହା ଭାରତ ସରକାରଙ୍କର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ପ୍ରାରମ୍ଭିକ ତାଲିମ ଓ ନିଯୁକ୍ତି ଯୋଜନା ଅଟେ ।

ପ୍ରଭାବିତ ପରିବାରଙ୍କୁ ଛୋଟ ଠିକାଦାର କାମ ଓ ମୁଲମଜୁରୀ କାମରେ ଅଗ୍ରାଧିକାର: ପ୍ରକଳ୍ପ ନିର୍ମାଣରେ ସ୍ଥାନୀୟ ଠିକାଦାର ମାଧ୍ୟମରେ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି କରିବେ । ପ୍ରଥମେ ପ୍ରଭାବିତ ପରିବାରଙ୍କର ସଦସ୍ୟଙ୍କୁ ଓ ପ୍ରଭାବିତ ଗ୍ରାମର ଅନ୍ୟମାନଙ୍କୁ ଛୋଟ ଠିକାଦାର କାମ ଓ ମୁଲମଜୁରୀ କାମରେ ଅଗ୍ରାଧିକାର ଦିଆଯିବ । ଏହାପରେ ପାର୍ଶ୍ୱବର୍ତୀ ଗ୍ରାମର ଲୋକମାନଙ୍କୁ ସୁବିଧା ଦିଆଯିବ ।

୮.୨.୩. ଭିତିଭୂମି ଏବଂ ମୌଳିକ ସୁବିଧା

ସୁସ୍ଥ ଜୀବନଯାପନ ପାଇଁ ଶୁଦ୍ଧ ପିଇବା ପାଣି, ରାସ୍ତାରେ ଆଲୋକ, ପରିମଳ ବ୍ୟବସ୍ଥା ଇତ୍ୟାଦି ନିହାତି ଆବଶ୍ୟକ ଓ ଏହିଗୁଡିକ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନାରେ ଯୋଗାଇ ଦିଆଯାଇଥାଏ । କିନ୍ତୁ ସରକାରଙ୍କର ଯୋଜନା ବାହାରେ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ସୁବିଧା ସୁଯୋଗ ଗୁଡିକ ପ୍ରକଳ୍ପ ବହନ କରିବା ଆବଶ୍ୟକ । ସର୍ଭେ ସମୟରେ ଗ୍ରାମବାସୀ ମାନଙ୍କର ଦାବୀ ଅନୁସାରେ ଗ୍ରାମ ରାସ୍ତାର ଆଲୋକି କରଣ ଓ ନୂଆ ରାସ୍ତାରେ ବସଷ୍ଟପ୍ ରେ ରେଷ୍ଟସେଡର ନିହାତି ଅବଶ୍ୟକ । ଏଗୁଡିକ ପୁରଣ କରିବାର ଦାୟିତ୍ୱ ପ୍ରକଳ୍ପ ନେବା ଆବଶ୍ୟକ । ଏହିସବୁ କାରଣରୁ ଲୋକଙ୍କର ମୁଖ୍ୟ ଆବଶ୍ୟକତା ଗୁଡିକ ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ସବିଶେଷ ଆଲୋଚନା ନିମ୍ନରେ କରାଯାଇଛି ।

ସୌର ଶକ୍ତି ମାଧ୍ୟମରେ ଆଲୋକି କରଣ : ପ୍ରତି ପ୍ରଭାବିତ ଗ୍ରାମରେ ୧୦ ଗୋଟି ସୋଲାରଷ୍ଟ୍ରିଟ ଲାଇଟ ସ୍ଥାପନ କରିବାର ଯୋଜନା କରାଯାଇଛି । ଏହାର କାର୍ଯ୍ୟକାରୀ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମର କମିଟି ମାଧ୍ୟମରେ କରାହେବ । ଏହା ଗ୍ରାମର ସର୍ବସାଧାରଣ ସ୍ଥାନ ଯଥା, ମନ୍ଦିର ନିକଟରେ, କୋଠଘର, ପୋଖରୀ ଓ ଗ୍ରାମକୁ ପ୍ରବେଶ ପଥରେ ଲଗାଯିବ ।

ବସଷ୍ଟପ୍ ରେ ରେଷ୍ଟସେଡ: ପ୍ରକଳ୍ପ ହେଲାପରେ ଗ୍ରାମମାନଙ୍କୁ ନିୟମିତ ବସ୍, ଅଟୋ ଇତ୍ୟାଦି ଚାଲିବ । ଏହାକୁ ଆଖିଆଗରେ ରଖି, ଦୁଇଗୋଟି ରେଷ୍ଟସେଡ, ଗୋଟିଏ ବୁଦେଲ ଠାରେ ଓ ଅନ୍ୟଟି ବାଣିଯୋରୀ ଠାରେ ନିର୍ମାଣ

କରିବାକୁ ଦାବୀ କରିଛନ୍ତି ଓ ଏହାକୁ ସାମଜିକ ପ୍ରଭାବ ଆକଳନରେ ଅର୍ନ୍ତଭୁକ୍ତ କରାଯାଇଛି । ଏହା ଦ୍ୱାରା ଛୋଟ ପିଲା, ମହିଳା, ବୟସ୍କ ଓ ଛାତ୍ରଛାତ୍ରୀ ବହୁଳଭାବେ ଉପକୃତ ହେବେ ।

ନୂତନ ପୂଜାସ୍ଥଳୀର ନିର୍ମାଣ: ପ୍ରକଳ୍ପ ଯୋଗୁଁ ବୁଦେଲ ଗ୍ରାମର ଏକ ପୂଜାସ୍ଥଳୀ ଅଧିଗ୍ରହଣ ହେବ । ଏହା ବଦଳରେ ଏକ ନୂତନ ପୂଜାସ୍ଥଳୀ ନିର୍ମାଣର ଆବଶ୍ୟକତା ରହିଛି ।

୮.୨.୪. ସମାଜିକ ଓ ସାଂସ୍କୃତିକ ବିକାଶ କାର୍ଯ୍ୟକ୍ରମ

ମଦର ପ୍ରସାରକୁ ରୋକିବା: ଉପଭାଗ ୭.୫. ଆଲୋଚନା ଅନୁଯାୟୀ କ୍ଷତିପୁରଣ ରାଶିର ପ୍ରଦାନ ଯୋଗୁ ଗ୍ରାମରେ ମଦର ବ୍ୟବହାର ଅଧିକ ହେବ, ଯାହାକି ଖରାପ ପ୍ରଭାବ ପକାଇବ । ଏଣୁ ମଦର ବ୍ୟବହାରକୁ ରୋକିବା ପାଇଁ ଜିଲ୍ଲା ପୋଲିସ ପ୍ରଶାସନଙ୍କ ସହିତ ଯୋଗାଯୋଗ କରି ଟ୍ରାଫିକ ଛକରେ ମଦ୍ୟପ ଡ୍ରାଇଭର/ଗାଡିଚାଳକ ମାନଙ୍କୁ ଧରିବାର ଯୋଜନା କରାଯାଇଛି । ପ୍ରକଳ୍ପର ନିର୍ମାଣ ସ୍ଥାନରେ ମଧ୍ୟ ପ୍ରଶ୍ୱାସ ବିଶ୍ଳେଷଣ ଯନ୍ତ୍ର ଲଗାଯାଇ ମଦ୍ୟପ ଶ୍ରମିକ ମାନଙ୍କର ଚିହ୍ନଟ କରାଯିବ ।

୮.୨.୫. ପରିବେଶ ବିକାଶ କାର୍ଯ୍ୟକ୍ରମ

ଧୂଳି ନିର୍ଗମନର ପ୍ରତିରୋଧ: ନିର୍ମାଣ ବେଳେ ଯେପରି ଧୂଳି ନ ଉଡିବ ସେଥିପ୍ରତି ନିୟମିତ ପାଣି ପକାଇବା ପାଇଁ ପ୍ରସ୍ତାବ ଦିଆଯାଇଛି ।

କଠିଣ ବର୍ଜ୍ୟବସ୍ତୁର ପରିଚାଳନା: ନିର୍ମାଣ ସମୟରେ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହାକି ପାଖ ମାଟି ଓ ଫସଲକୁ ଦୂଷିତ କରିବ । ସେଗୁଡିକ ମୁଖ୍ୟତଃ ନିର୍ମାଣ କାର୍ଯ୍ୟରେ ଲାଗୁଥିବା ବଳକା ବାଲି, ଗୋଡି, ସିମେଣ୍ଟ, ଭଙ୍ଗାରୁଜା ଯନ୍ତ୍ରପାତି ଓ ଅନ୍ୟାନ୍ୟ ଜିନିଷ । ଶକ୍ତ ବର୍ଜ୍ୟବସ୍ତୁ ଓ କ୍ଷତିକାରକ ଜିନିଷ ଯଥା ଛୋଟ ଛୋଟ ଧାତବ ଖଣ୍ଡ, ରବର/ପ୍ଲାସଟିକ୍ ଖଣ୍ଡ, ତେଲ ମିଶ୍ରିତ ଜିନିଷ ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ସୃଷ୍ଟି ହେବା ଦ୍ୱାରା ପାଖ ଜମିରେ ଫସଲ ନଷ୍ଟ ହୋଇପାରେ । ସେଥିପାଇଁ, Hazardous waste (Management, Handling and Trans-boundary Movement) ନିୟମ ୨୦୦୮ ର ବ୍ୟବସ୍ଥା ଅନୁଯାୟୀ ବର୍ଜ୍ୟବସ୍ତୁ ପରିଚାଳନା ହେବ ।

ବୃକ୍ଷ ରୋପଣ: ଏତତ୍ ବ୍ୟତିତ, ପରିବେଶକୁ ଉନ୍ନତ କରିବା ପାଇଁ ନିର୍ମାଣ ହେବାକୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯିବ । ଫଳ ଉତ୍ପାଦିତ ହେଉଥିବା ବୃକ୍ଷ ଓ ବାତ୍ୟାକୁ ଅବରୋଧ କରୁଥିବା ବୃକ୍ଷ ରୋପଣ କରାଯିବ । ଏକ ବର୍ଷ ଏହାର ରକ୍ଷଣାବେକ୍ଷଣ କରାଯିବ ।

୮.୨.୬. ଦୁର୍ବଳ/ନିରାଶ୍ରୟ ଗୋଷ୍ଠି ପାଇଁ କାର୍ଯ୍ୟକ୍ରମ

ସାମାଜିକ ପ୍ରଭାବ ଆକଳନ ସମୟରେ ପ୍ରଭାବିତ ଗ୍ରାମରେ ନିମ୍ନଲିଖିତ ୪ ପ୍ରକାରର ଦୁର୍ବଳ/ନିରାଶ୍ରୟ ବ୍ୟକ୍ତି/ପରିବାର ଚିହ୍ନଟ କରାଯାଇଛି । ଯଥା, ମହିଳା, ଶିଶୁ/ଛୋଟ ପିଲା, ମହିଳା ମୁଖ୍ୟ ପରିବାର ଓ ବୟସ୍କ/ବୃଦ୍ଧ ବ୍ୟକ୍ତି ।

ମହିଳା ଓ କିଶୋରୀ ମାନଙ୍କ ପାଇଁ କାର୍ଯ୍ୟକ୍ରମ:

- ବାଳିକାମାନେ କିପରି ମଧ୍ୟମ ଶ୍ରେଣୀରୁ ଅଧିକ ପାଠ ପଢିବେ, ସେଥିପାଇଁ ସେମାନଙ୍କ ବାପ/ମା ଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଯିବ । ମୁଖ୍ୟତଃ ଦୁର୍ବଳ ଶ୍ରେଣୀର ପରିବାରମାନେ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ପାଖ ଗ୍ରାମରେ ଥିବା ବିଦ୍ୟାଳୟକୁ ପଠାଇବା ଆବଶ୍ୟକ ।

- ମହିଳାମାନଙ୍କ ପାଇଁ ନୂତନ ରୋଜଗାରପନ୍ଥା କରାଇବା ପାଇଁ ଯୋଜନା ଆଗରୁ ଉପଭାଗ ୮.୨.୩.ରେ ବର୍ଣନା କରାଯାଇଛି । ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଏହା ମାଧ୍ୟମରେ ନୂତନ ରୋଜଗାରପନ୍ଥା କାର୍ଯ୍ୟକାରୀ କରାଯିବ । ସାମାଜିକ ପରିଚାଳନା ଟିମ୍ ଏହାର ଦାୟିତ୍ୱ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ଚଳାଇବେ ।

- ମହିଳାମାନଙ୍କ ମଧ୍ୟରେ ସରକାରଙ୍କର ଜନମଙ୍ଗଳ ଯୋଜନା, ଟିକାକରଣ, ମାତୃ ଓ ଶିଶୁର ସ୍ୱାସ୍ଥ୍ୟ, ସୁସ୍ଥ ପରିମଳ ବ୍ୟବସ୍ଥା ଉପରେ ସଚେତନ କରାଯିବାର ବ୍ୟବସ୍ଥା କରାଯାଇଛି ।

- କିଶୋରୀ ବାଳିକାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟର ଯତ୍ନ ଓ ସୁସ୍ଥ ପରିମଳ ବ୍ୟବସ୍ଥା ଉପରେ ସଚେତନ କରାଯିବାର ବ୍ୟବସ୍ଥା କରାଯାଇଛି ।

ମହିଳା ମୁଖ୍ୟ ପରିବାର ପାଇଁ କାର୍ଯ୍ୟକ୍ରମ: ଜମିହରାଉ ଥିବା ପରିବାର ମଧ୍ୟରେ ମହିଳା ମୁଖ୍ୟ ପରିବାର ଚିହ୍ନଟ କରାଯାଇଛି । ଯେହେତୁ ଏହି ପରିବାର ଗୁଡିକ ଦାରିଦ୍ର୍ୟରେ ଅଛନ୍ତି, ତେଣୁ ତାକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରୋଜଗାର ଯୋଜନାରେ ଅଗ୍ରାଧିକାର ଦିଆଯିବ । ଏହାର ସବିଶେଷ ତଥ୍ୟ ଉପଭାଗ ୮.୨.୩ ରେ ଦିଆଯାଇଛି ।

ବୟସ୍କ/ବୃଦ୍ଧ ବ୍ୟକ୍ତି/ବିଧବା/ଭିନ୍ନକ୍ଷମ ମାନଙ୍କ ପାଇଁ କାର୍ଯ୍ୟକ୍ରମ:

- ସାମାଜିକ ପରିଚାଳନା ସଂସ୍ଥାର କର୍ମଚାରୀ ବୟସ୍କ/ବୃଦ୍ଧ ବ୍ୟକ୍ତି/ବିଧବା/ଭିନ୍ନକ୍ଷମଙ୍କ ସହିତ ନିୟମିତ ସାକ୍ଷାତ କରି ଆଲୋଚନା ମାଧ୍ୟମରେ ଏମାନଙ୍କର ସମସ୍ୟା, ମାନସିକ ଦୁର୍ବଳତା ବୁଝାଯିବ ଓ ଆତ୍ମବିଶ୍ୱାସ ବଢାଯିବ ।
- ଏମାନଙ୍କର ସ୍ୱତନ୍ତ୍ର ଯତ୍ନ ନେବା ଉପରେ ପରିବାରର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ।

୮.୩. ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଅନୁଷ୍ଠାନିକ ବ୍ୟବସ୍ଥା

ପୁର୍ନବସତି ଓ ପୁନଃଥଇଥାନର ପ୍ରଶାସକ ପ୍ରତି ଜିଲ୍ଲାରେ ନିଯୁକ୍ତି ଦିଆଯାଇଛି । ସେମାନେ ପ୍ରକଳ୍ପର ପୁର୍ନବସତି ଓ ପୁନଃଥଇଥାନ ଉପରେ ହେଉଥିବା କାର୍ଯ୍ୟକୁ ନିରିକ୍ଷଣ କରିବେ । ଓଡିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି RDM-RRC-Policy-0014-2014/34160 dated 17.11.14 ଅନୁଯାୟୀ

ପ୍ରତି ଜିଲ୍ଲାର ଉପଜିଲ୍ଲାପାଳ ପୁର୍ନବସତି ଓ ପୁନଃଥଇଥାନ ପ୍ରଶାସକ ହେବେ ଏବଂ ତାଙ୍କ ଅଂଚଳ ଭିତରେ ଯେତେ ପ୍ରକଳ୍ପ ରହିଛି, ସେଗୁଡିକ ତାଙ୍କ ଅଧିନରେ ଆସିବ ।

ଏତତ୍ ବ୍ୟତିତ, ଏକ ସାମାଜିକ ପରିଚାଳନା ଟିମ୍ ଗଠନ କରାଯିବ । ଏହାର କର୍ମଚାରୀଙ୍କୁ ସର୍ବନିମ୍ନ ୧୨ ମାସ ପାଇଁ ନିଯୁକ୍ତି ଦେବାର ଯୋଜନା କରାଯାଇଛି । ଏହି କର୍ମଚାରୀମାନେ ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବେ । ସେମାନଙ୍କର ବେତନ ଓ ଆନୁସଙ୍ଗିକ ଖର୍ଚ୍ଚ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ବ୍ୟୟ ଅଟକଳରେ ଅନ୍ତର୍ଭୁକ୍ତ କରାଯାଇଛି । ନିୟୋଜନ ହେବାକୁ ଥିବା କର୍ମଚାରୀମାନଙ୍କର ତାଲିକା ନିମ୍ନରେ ଦର୍ଶାଯାଇଛି । ପୁର୍ନବସତି ଓ ପୁନଃଥଇଥାନର ପ୍ରଶାସକଙ୍କର ପୁର୍ନବସତି ଓ ପୁନଃଥଇଥାନ ଯୋଜନା ତିଆରି କରିବା, ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଓ ତଦାରଖ କରିବା ଦାୟିତ୍ୱ ରହିବ । ପ୍ରକଳ୍ପ ଦ୍ୱାରା ନିଯୁକ୍ତ ସାମାଜିକ ପରିଚାଳନା ଟିମ୍, ଗ୍ରାମରେ ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବେ ।

ସାରଣୀ ୨୮. ସାମାଜିକ ପ୍ରଭାବ ପରିଚାଳନା ଟିମ୍ ର ପ୍ରସ୍ତାବିତ କର୍ମଚାରୀମାନଙ୍କର ତାଲିକା

ଉପାଧି	ସଂଖ୍ୟା	ଶିକ୍ଷାଗତ ଯୋଗ୍ୟତା	ଆବଶ୍ୟକ ଅଭିଜ୍ଞତା	ବେତନ
ପ୍ରୋଗ୍ରାମ ମ୍ୟାନେଜର	୧	ଏମଏସ ଡବ୍ଲୁ	ଗ୍ରାମ୍ୟ ଉନ୍ନତିମୂଳକ ଯୋଜନରେ ସର୍ବନିମ୍ନ ୧୦ ବର୍ଷ କାର୍ଯ୍ୟ କରିବାର ଅଭିଜ୍ଞତା	ମାସିକ ୧୬,୦୦୦ ଟଙ୍କା
ସମ୍ପ୍ରଦାୟ ସଂଗଠକ	୩	ମାଧ୍ୟମିକ	ସ୍ଥାନୀୟ ଯୁବକଙ୍କୁ ଅଗ୍ରାଧିକାର ଦିଆଯିବ । ଜଣେ ସ୍ଥାନୀୟ ମହିଳାଙ୍କ ହେବା ଆବଶ୍ୟକ ।	ମାସିକ ୮,୦୦୦ ଟଙ୍କା

କର୍ତବ୍ୟ ଏବଂ ଦାୟିତ୍ୱ: ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ସଂସ୍ଥାର କର୍ତବ୍ୟ ଓ ଦାୟିତ୍ୱ ଗୁଡିକ ସମ୍ବନ୍ଧରେ ନିମ୍ନ ସାରଣୀରେ ଦର୍ଶାଯାଇଛି ।

ସାରଣୀ ୨୯. ଅଧିକାରୀ ଏବଂ ଅନ୍ୟାନ୍ୟ ସଂସ୍ଥାମାନଙ୍କର କର୍ତବ୍ୟ ଓ ଦାୟିତ୍ୱ

କାର୍ଯ୍ୟ	କାହାର କର୍ତବ୍ୟ/ଦାୟିତ୍ୱ
ସାମାଜିକ ପ୍ରଭାବ ଆକଳନର ଡ୍ରାଫ୍ଟ ରିପୋର୍ଟ୍ ପ୍ରସ୍ତୁତି	ସାମାଜିକ ପ୍ରଭାବର ଆକଳନ କରୁଥିବା ସଂସ୍ଥା: ଆମୃଶା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ । ନୋଡାଲ ଅଫିସର: ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ସମନ୍ୱୟ ସଂସ୍ଥା: ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଷ୍ଟଡିଜ୍,
ଜନଶୁଣାଣୀ	ଜିଲ୍ଲା ପ୍ରଶାସନ (ଭୂଅର୍ଜନ ଅଧିକାରୀ ଓ ପୁର୍ନବସତି ଏବଂ ପୁନଃଥଇଥାନ, ପ୍ରଶାସକ)
ସାମାଜିକ ପ୍ରଭାବ ଆକଳନରର ଚୁଡାନ୍ତ ରିପୋର୍ଟ୍ ପ୍ରସ୍ତୁତି	ଆମୃଶା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ।

କାର୍ଯ୍ୟ	କାହାର କର୍ତବ୍ୟ/ଦାୟିତ୍ୱ
ବିଶେଷଜ୍ଞ କମିଟି ଦ୍ୱାରା ସାମାଜିକ ପ୍ରଭାବ ଆକଳନ ରିପୋର୍ଟର ଅନୁଧ୍ୟାନ	ଜିଲ୍ଲା ପ୍ରଶାସନ ଦ୍ୱାରା ବିଶେଷଜ୍ଞ କମିଟି ଗଠନ
ଜମି ବନ୍ଦୋବସ୍ତ ଓ ଜମି ମାଲିକାନା ସତ୍ୱ ଚୁଡାନ୍ତ	ଜିଲ୍ଲା ପ୍ରଶାସନ (ତହସିଲଦାର ଓ ସବ୍-ରେଜିଷ୍ଟ୍ରାର)
ରାଜ୍ୟ ସରକାରଙ୍କ ଦ୍ୱାରା ଧାରା ୨୧ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶନ	ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାର
ଜମି ଅଧିଗ୍ରହଣର ଆୱାର୍ଡ ପ୍ରସ୍ତୁତି	ଜିଲ୍ଲା ପ୍ରଶାସନ (ଭୂଅର୍ଜ୍ଜନ ଅଧିକାରୀ)
ପୁର୍ନବସତି ଓ ପୁନଃଥଇଥାନ ଯୋଜନା ପ୍ରସ୍ତୁତି	ଜିଲ୍ଲା ପ୍ରଶାସନ (ପୁର୍ନବସତି ଓ ପୁନଃଥଇଥାନ, ପ୍ରଶାସକ)
ପୁର୍ନବସତି ଓ ପୁନଃଥଇଥାନ ଯୋଜନାର ଜନଶୁଣାଣୀ	ଜିଲ୍ଲା ପ୍ରଶାସନ (ପୁର୍ନବସତି ଓ ପୁନଃଥଇଥାନ, ପ୍ରଶାସକ)
ପୁର୍ନବସତି ଓ ପୁନଃଥଇଥାନ ଯୋଜନାର ଚୁଡାନ୍ତ ରିପୋର୍ଟ ପ୍ରସ୍ତୁତି	ଜିଲ୍ଲା ପ୍ରଶାସନ (ପୁର୍ନବସତି ଓ ପୁନଃଥଇଥାନ, ପ୍ରଶାସକ)
ରାଜ୍ୟ ସରକାରଙ୍କ ଦ୍ୱାରା ଧାରା ୨୯ ବିଜ୍ଞପ୍ତି ପ୍ରକାଶନ	ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାର
ଜମି ଅଧିଗ୍ରହଣର ଆୱାର୍ଡ ପାଶ ଓ କ୍ଷତିପୁରଣ ପ୍ରଦାନ	ଜିଲ୍ଲା ପ୍ରଶାସନ (ଜିଲ୍ଲାପାଳ ଏବଂ ଭୂ ଅର୍ଜ୍ଜନ ଅଧିକାରୀ)
ପୁର୍ନବସତି ଓ ପୁନଃଥଇଥାନ ଆୱାର୍ଡ ପାଶ ଓ ଅଧିକାର ପ୍ରଦାନ	ଜିଲ୍ଲା ପ୍ରଶାସନ (ଜିଲ୍ଲାପାଳ ଏବଂ ପୁର୍ନବସତି ଓ ପୁନଃଥଇଥାନ, ପ୍ରଶାସକ)
ଧାରା ୩୮ ଅନୁଯାୟୀ ଜମି ଦଖଲ	ଜିଲ୍ଲା ପ୍ରଶାସନ (ଜିଲ୍ଲାପାଳ ଏବଂ ଭୂ ଅର୍ଜ୍ଜନ ଅଧିକାରୀ)
ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକାରୀ	ସାମାଜିକ ପରିଚାଳନା ଟିମ୍

୮.୪. ବ୍ୟୟ ଅଟକଳ

ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପାଇଁ ସମୁଦାୟ ୧୫,୫୦,୦୦୦ ଟଙ୍କାର ବ୍ୟୟ ଅଟକଳ କରାଯାଇଛି, ଏହାର ସବିଶେଷ ବିବରଣୀ ନିମ୍ନରେ ଦର୍ଶାଯାଇଛି ।

ସାରଣୀ ୩୦. ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପାଇଁ ବ୍ୟୟ ଅଟକଳ

କାର୍ଯ୍ୟ	କାର୍ଯ୍ୟର ବିବରଣୀ	ଅଟକଳ ଟଙ୍କାରେ
ସାମାଜିକ ପରିଚାଳନା ଟିମ୍ ର ବେତନ	ସବିଶେଷ ବିବରଣୀ ଭାଗ ୮.୩ରେ ଦିଆଯାଇଛି ।	୪,୮୦,୦୦୦
ସାମାଜିକ ପରିଚାଳନା ଟିମ୍ ର ଆନୁସଙ୍ଗିକ ଖର୍ଚ୍ଚ, ଗ୍ରସ୍ତ କରିବା ପାଇଁ ଟିଏ/ଡିଏ	ମାସକୁ ୧୦,୦୦୦ ଟଙ୍କା ହିସାବରେ ୧୨ ମାସ ପାଇଁ	୧,୨୦,୦୦୦

କାର୍ଯ୍ୟ	କାର୍ଯ୍ୟର ବିବରଣୀ	ଅଟକଳ ଟଙ୍କାରେ
ସୌରଶକ୍ତି ଚାଳିତ ଆଲୋକ ବ୍ୟବସ୍ଥା	୧୦ଟି, ଇଉନିଟ	୩,୦୦,୦୦୦
ବସଷ୍ଟପ୍ ରେ ରେଷ୍ଟସେଡ	୨ଟି, ଇଉନିଟ ପ୍ରତି ୧,୦୦,୦୦୦ ଟଙ୍କା	୨,୦୦,୦୦୦
ନୂତନ ପୂଜାସ୍ଥଳୀ ନିର୍ମାଣ	-	୧,୦୦,୦୦୦
ବୃକ୍ଷ ରୋପଣ ଓ ଏକବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ	୭ କିଲୋମିଟର, କିଲୋମିଟର ପ୍ରତି ଟ୫୦,୦୦୦ଙ୍କା	୩,୫୦,୦୦୦
ମୋଟ		**୧୫,୫୦,୦୦୦**

୮.୫. କାର୍ଯ୍ୟର ତଦାରଖ ଓ ମୂଲ୍ୟାଙ୍କନ

RFCTLAR&R Act, 2013 ଅନୁଯାୟୀ ପୁର୍ନବସତି ଓ ପୁନଃଥଇଥାନ କାର୍ଯ୍ୟକ୍ରମର ନିୟମିତ ତଦାରଖ ହେବ ଓ କାର୍ଯ୍ୟକ୍ରମ ସରିଲା ପରେ ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା କରାଯିବ । ଯେଉଁ ପ୍ରକଳ୍ପରେ ୧୦୦ ଏକରରୁ ଉର୍ଦ୍ଧ୍ୱ ଜମି ଅଧିଗ୍ରହଣ ହେଉଥିବ, ସେଠାରେ ପୁର୍ନବସତି ଓ ପୁନଃଥଇଥାନ କାର୍ଯ୍ୟକ୍ରମର ନିୟମିତ ତଦାରଖ ପାଇଁ ଏକ ପ୍ରକଳ୍ପସ୍ତରୀୟ କମିଟି ଗଠନ ହେବ । କିନ୍ତୁ ପ୍ରସ୍ତାବିତ ପ୍ରକଳ୍ପରେ ମାତ୍ର ୦.୦୯ ଏକର ଜମି ଯାଉଥିବାରୁ ଏହି ପ୍ରକାର କମିଟି ଗଠନ ହେବ ନାହିଁ । ତେଣୁ କଳାହାଣ୍ଡି ପୁର୍ତ ଓ ଗୃହ ବିଭାଗ ଡିଭିଜନର ନିର୍ବାହୀ ଯନ୍ତ୍ରୀ ପ୍ରତି ୧୫ଦିନ ବ୍ୟବଧାନରେ ଆଭ୍ୟନ୍ତରୀଣ ତଦାରଖ କରିବେ ଏବଂ ପୁର୍ନବସତି ଓ ପୁନଃଥଇଥାନର ପ୍ରଶାସକଙ୍କ ଦ୍ୱାରା ପ୍ରତିମାସ ବ୍ୟବଧାନରେ ତଦାରଖ କରିବାର ପ୍ରସ୍ତାବ ରହିଛି । ପୁର୍ନବସତି ଓ ପୁନଃଥଇଥାନ କାର୍ଯ୍ୟକ୍ରମ ସରିଲା ପରେ ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା କରାଯିବ । ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକାରୀ ସମ୍ପୁର୍ଣ୍ଣ ହେଲା ପରେ ତୃତୀୟ ପକ୍ଷ ଦ୍ୱାରା ମୂଲ୍ୟାଙ୍କନ କରିବାର ପ୍ରସ୍ତାବ ମଧ୍ୟ ରହିଛି ।

୮.୬. ସମୟ ଅବଧିର ଅନୁସୂଚୀ

ଜମି ଅଧିଗ୍ରହଣ, ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକ୍ରମ ଇତ୍ୟାଦିର ସମୟ ଅବଧି ଅନୁସୂଚୀ ସାରଣୀ ୩୯ରେ ଦର୍ଶାଯାଇଛି । ସାମାଜିକ ପ୍ରଭାବ ପରିଚାଳନା ଯୋଜନା ୧୨ ମାସ କାର୍ଯ୍ୟକାରୀ ହେବ ।

ସାରଣୀ ୩୧. ସମୟ ଅବଧିର ଅନୁସୂଚୀ

କାର୍ଯ୍ୟକ୍ରମ	ପ୍ରଥମ ବର୍ଷ				ଦ୍ୱିତୀୟ ବର୍ଷ				ତୃତୀୟ ବର୍ଷ			
	୧	୨	୩	୪	୧	୨	୩	୪	୧	୨	୩	୪
ସାମାଜିକ ପ୍ରଭାବ ଆକଳନ ଓ ଜନଶୁଣାଣୀ	■	■										
ବିଶେଷଜ୍ଞ କମିଟି ଦ୍ୱାରା ସାମାଜିକ ପ୍ରଭାବ ଆକଳନ ରିପୋର୍ଟର ଅନୁଧ୍ୟାନ			■									
ଜମି ବନ୍ଦୋବସ୍ତ ଓ ଜମି ମାଲିକାନା ସତ୍ୱ ଚୁଡାନ୍ତ	■	■	■	■	■							

କାର୍ଯ୍ୟକ୍ରମ	ପ୍ରଥମ ବର୍ଷ				ଦ୍ୱିତୀୟ ବର୍ଷ				ତୃତୀୟ ବର୍ଷ			
	୧	୨	୩	୪	୧	୨	୩	୪	୧	୨	୩	୪
ରାଜ୍ୟ ସରକାରଙ୍କ ଦ୍ୱାରା ଧାରା ୨୧ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶନ												
ଜମି ଅଧିଗ୍ରହଣର ଆୱାର୍ଡ ପ୍ରସ୍ତୁତି												
ପୁନଃଥଇଥାନ ଯୋଜନା ପ୍ରସ୍ତୁତି												
ପୁନଃଥଇଥାନ ଯୋଜନାର ଜନଶୁଣାଣୀ												
ପୁନଃଥଇଥାନ ଯୋଜନାର ଚୁଡାନ୍ତ ରିପୋର୍ଟ୍ ପ୍ରସ୍ତୁତି												
ରାଜ୍ୟ ସରକାରଙ୍କ ଦ୍ୱାରା ଧାରା ୨୯ ବିଜ୍ଞପ୍ତି ପ୍ରକାଶନ												
ଜମି ଅଧିଗ୍ରହଣର ଆୱାର୍ଡ ପାଶ ଓ କ୍ଷତିପୁରଣ ପ୍ରଦାନ												
ପୁନଃଥଇଥାନ ଆୱାର୍ଡ ପାଶ ଓ ଅଧିକାର ପ୍ରଦାନ												
ଧାରା ୩୮ ଅନୁଯାୟୀ ଜମି ଦଖଲ												
ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକାରୀ												

ଦ୍ରଷ୍ଟବ୍ୟ: ପ୍ରତ୍ୟେକ ବର୍ଷକୁ ତ୍ରୈମାସିକ ହିସାବରେ ୪ଭାଗରେ ଭାଗ କରାଯାଇଛି

୯. ସାମାଜିକ ଲାଭ/କ୍ଷତିର ବିଶ୍ଳେଷଣ ଓ ଅଧିଗ୍ରହଣ ଉପରେ ସୁପାରିଶ

୯.୧. ସାମାଜିକ ଲାଭ/କ୍ଷତିର ଆକଳନ

ସାରଣୀ ୩୨. ଲାଭ/କ୍ଷତିର ଆକଳନ

କ୍ରମିକ ସଂଖ୍ୟା	ମୂଲ୍ୟାଙ୍କନର ସୂଚକାଙ୍କ	ମୂଲ୍ୟ ଟଙ୍କାରେ
କ	ଜମି ଅଧିଗ୍ରହଣ ଯୋଗୁଁ ବାର୍ଷିକ ଆୟରୁ କ୍ଷତି	
୧	ଚାଷରୁ କ୍ଷତି (୦.୦୯ ଏକର, ଏକର ପ୍ରତି ୧୪,୯୩୫ ଟଙ୍କା କ୍ଷତି)	୭୪୬
୨	ପାରିବାରିକ କୃଷି ଶ୍ରମ ଦିବସ କ୍ଷତି (୫୦ ଶ୍ରମ ଦିବସ/ଏକର, ଦୈନିକ ୩୦୦ ଟଙ୍କା ମଜୁରୀ ହିସାବରେ)	୭୫୦
	ସମୁଦାୟ କ୍ଷତି	୧୪୯୬

କ୍ରମିକ ସଂଖ୍ୟା	ମୂଲ୍ୟାଙ୍କନର ସୂଚକାଙ୍କ	ମୂଲ୍ୟ ଟଙ୍କାରେ
	କୋଟିରେ	୦.୦୦୦୧୪୯୬ କୋଟି
ଖ	ଲାଭର ପରିମାଣ	
୧	ବୋଟରେ ଯାତାୟତ ଖର୍ଚ୍ଚରୁ ସଂଚୟ (୨୫୦ ଲୋକ, ଯିବା ଆସିବା-୫୦୦, ୨୫ ଟଙ୍କା ସଂଚୟ, ୩୬୫ ଦିନ) = ୫୦୦x୨୫x୩୬୫	୪୫,୬୨,୫୦୦
୨	ତିନୋଟି ଗ୍ରାମରେ କୃଷିଜାତ ଦ୍ରବ୍ୟର ଅଧିକ ବିକ୍ରିବଟାରୁ ଲାଭ (୨୦୦ ଏକର X ଟଙ୍କା ୧୪,୯୩୫/ ଏକର X ୧୦%)	୨,୯୮,୬୦୦
	ସମୁଦାୟ ଲାଭ	୪୮,୬୧,୨୦୦
	କୋଟିରେ	୦.୪୮୬୧୨
ଗ	କ୍ଷତି ଲାଭର ଅନୁପାତ	୧:୩୨୫୦

ପ୍ରସ୍ତାବିତ ପ୍ରକଳ୍ପ ଯୋଗୁ ହେଉଥିବା ସାମାଜିକ ଲାଭ/କ୍ଷତି ର ବିଶ୍ଳେଷଣ କରାଯାଇଛି, ଯାହାକି ସାରଣୀ ୩୨ ରେ ଦର୍ଶାଯାଇଛି । ଏହି ଆକଳନ କେବଳ ପ୍ରସ୍ତାବିତ ୦.୦୯ ଏକର ବେସରକାରୀ ଜମି ଅଧିଗ୍ରହଣ ଉପରେ ପର୍ଯ୍ୟବେସିତ । ଆକଳନରୁ ଜଣାଯାଏ ଯେ କ୍ଷତି/ଲାଭର ଅନୁପାତ ୧:୩୨୫୦ । ଏହା ବହୁତ ଅଧିକ, କାରଣ କେବଳ ୦.୦୯ ଏକର ଜମି ଅଧିଗ୍ରହଣ ହେବ ।

୯.୨. ଜନସ୍ୱାର୍ଥ ନିହିତର ବିଶ୍ଳେଷଣ

ଏହି ପ୍ରକଳ୍ପ ଜନସାଧାରଣଙ୍କର ହିତ ନିମନ୍ତେ ଉଦ୍ଦିଷ୍ଟ । ଏହା ଓଡିଶା ସରକାରଙ୍କର ନିର୍ମାଣ ବିଭାଗ ଅଧିନରେ ଥିବା ଜୁନାଗଡ ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନ ଦ୍ୱାରା କାର୍ଯ୍ୟକାରୀ ହେବ । ଏଣୁ ଏହି ପ୍ରକଳ୍ପ, ନୂତନ ଜମି ଅଧିଗ୍ରହଣ ଆଇନ, ଉଚିତ୍ କ୍ଷତିପୂରଣ ଅଧିକାର, ସ୍ୱଚ୍ଛ ଜମି ଅଧିଗ୍ରହଣ ଏବଂ ପୁର୍ନବସତି ଓ ପୁନଃଥଇଥାନ ଅଧିନିୟମ ୨୦୧୩ (RFCTLAR&R Act, 2013) ର ଧାରା ୨ (୧) (ଖ) (୬) ଭିତିଭୂମି ପ୍ରକଳ୍ପ ଅନୁଯାୟୀ କରାଯିବ । ଏହି ପ୍ରକଳ୍ପ ଜନସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ।

୯.୩. ବିକଳ୍ପର ବିଶ୍ଳେଷଣ/ସର୍ବନିମ୍ନ ଜମି ଅଧିଗ୍ରହଣର ଆକଳନ

ଭିତିଭୂମି ବିକାଶ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଆବଶ୍ୟକ । କିନ୍ତୁ, ଭିତିଭୂମି ବିକାଶ ପ୍ରକଳ୍ପ ପାଇଁ ଏଭଳି ସ୍ଥାନ ନିରୁପଣ ହେବା ଆବଶ୍ୟକ ଯେପରି ସର୍ବନିମ୍ନ ଜମି ଅଧିଗ୍ରହଣ ହେବ ଓ ସର୍ବନିମ୍ନ ଲୋକ ପ୍ରଭାବିତ ହେବେ । ଏହି ପ୍ରକଳ୍ପରେ ହାତୀ ନଦୀ ଉପରେ ଏକ ଉଚ୍ଚ ସେତୁ ଓ ସଂଯୋଗି କରଣ ରାସ୍ତା ନିର୍ମାଣ କରାଯିବ । ପ୍ରସ୍ତାବିତ ସଂଯୋଗି କରଣ ରାସ୍ତାର ଅଧିକାଂଶ ଭାଗ ବର୍ତମାନ ଥିବା ପୁରୁଣା ରାସ୍ତା ଉପରେ ନିର୍ମାଣ ହେବାପାଇଁ ଯୋଜନା ରହିଛି, ଏଣୁ ଅଧିକ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ । ଏସବୁକୁ ବିଚାରକୁ ନେଲେ, ପ୍ରକଳ୍ପ ପାଇଁ ଚୁଡାନ୍ତ ହୋଇଥିବା ଡିଜାଇନର ବିକଳ୍ପ ସନ୍ଧାନ କରିବା ଆବଶ୍ୟକତା ନାହିଁ ।

୯.୪. କି ପ୍ରକାରର ସାମାଜିକ ପ୍ରଭାବ ଓ ଏହାର ମାତ୍ରା କେତେ

ମୂଖ୍ୟ ସାମାଜିକ ପ୍ରଭାବ ଗୁଡିକ ଉପରେ ସବିଶେଷ ଆଲୋଚନା ପୂର୍ବରୁ ଭାଗ ୭ ରେ କରାଯାଇଛି । ଜମି ଅଧିଗ୍ରହଣ ହେବା ଦ୍ୱାରା ଚାଷରୁ ହେଉଥିବା ଆୟ କମିଯିବ, କୃଷି ମଜୁରୀ ମିଳିବା କମ୍ ହେବ । ମାତ୍ର, ଅତ୍ୟନ୍ତ ଅଳ୍ପ ଜମି ଅଧିଗ୍ରହଣ ହେଉଥିବାରୁ (ପ୍ରତି ପରିବାରର ହାରାହାରି ୦.୦୧୦୭ ଏକର ଜମି କ୍ଷତି ହେଉଛି), ପ୍ରଭାବର ମାତ୍ରା କମ୍ ହେବ । ଜମି ହରାଉଥିବା ପରିବାରମାନଙ୍କର ନିଜସ୍ୱ ଚାଷ ଜମିର ହାରାହାରି ୦.୫୫% ଅଧିଗ୍ରହଣ ହେବ । ଜମି ଅଧିଗ୍ରହଣ ଦ୍ୱାରା ସାଧାରଣ ବର୍ଗ ଓ ଅନ୍ୟାନ୍ୟ ପଛୁଆ ବର୍ଗ ଜମି ମାଲିକଙ୍କ ଉପରେ ସୀମିତ ପ୍ରଭାବ ପଡିବ । ସାମାଜିକ ଆକଳନରୁ ଆହୁରି ମଧ୍ୟ ଜଣାଯାଏ ଯେ କ୍ଷତି/ଲାଭର ଅନୁପାତ ୧:୩୨୫୦ । ଏହା ବହୁତ ଅଧିକ, କାରଣ କେବଳ ୦.୦୯ ଏକର ଜମି ଅଧିଗ୍ରହଣ ହେବ ।

ଉପରୋକ୍ତ କୁପ୍ରଭାବ ବ୍ୟତିତ, ପ୍ରସ୍ତାବିତ ପ୍ରକଳ୍ପର ବହୁତ କିଛି ସୁପ୍ରଭାବ ପଡିବାର ଆକଳନ ମଧ୍ୟ କରାଯାଇଛି । ପ୍ରସ୍ତାବିତ ପ୍ରକଳ୍ପ ଯୋଗୁ କୃଷିର ବିକାଶ ହେବ, ବଜାର ସୁବିଧା ମିଳିବ, କୃଷି ମଜୁରୀ ମିଳିବାର ସୁଯୋଗ ବଢିଯିବ, ମଜୁରୀ ମୂଲ୍ୟ ମଧ୍ୟ ବଢିଯିବ, ଜମି ଓ ସ୍ଥାବର ଅସ୍ଥାବର ସମ୍ପତିର ମୂଲ୍ୟ ବଢିଯିବ, ବେପାର/ବାଣିଜ୍ୟ ବଢିବ, ଫଳରେ ଲୋକଙ୍କ ଦୈନନ୍ଦିନ ଚଳଣିରେ ମଧ୍ୟ ସୁଧାର ଆସିବ ।

୯.୫. ଜନସାଧାରଣଙ୍କର ମତାମତ

ଗୋଷ୍ଠୀ ଆଲୋଚନା, ଘର ଘର ବୁଲି ତଥ୍ୟ ସଂଗ୍ରହ ଓ ଜନଶୁଣାଣୀ ବେଳେ ଜନସାଧାରଣଙ୍କର ପ୍ରସ୍ତାବିତ ପ୍ରକଳ୍ପ ଉପରେ ଧାରଣା କଣ, ତାର ତଥ୍ୟ ସଂଗ୍ରହ କରାଯାଇଥିଲା । ସେଥିରୁ ଜଣାଗଲା ଯେ, ସମସ୍ତ ଗ୍ରାମବାସୀ ହାତୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଜମି ଦେବାକୁ ଇଚ୍ଛୁକ । କାରଣ, ସେତୁ ନିର୍ମାଣ ହେଲେ ସେମାନଙ୍କର ଗମନାଗମନର ସୁବିଧା ହେବ ଓ ଆର୍ଥିକ ବିକାଶ ମଧ୍ୟ ହେବ । ମାତ୍ର, ଜମି ଅଧିଗ୍ରହଣ ପାଇଁ ଉପଯୁକ୍ତ କ୍ଷତିପୂରଣ ଓ ନିୟମ ଅନୁସାରେ ଥଇଥାନ ପ୍ୟାକେଜ୍ ଆବଶ୍ୟକ । ବର୍ତମାନ ସମୟର ବଜାର ଦର ଅନୁସାରେ ଜମିର କ୍ଷତିପୂରଣ ଆକଳନ ହେବା ଆବଶ୍ୟକ ।

୯.୬. ଉପସଂହାର

ସାମାଜିକ ପ୍ରଭାବ ଆକଳନକାରୀ ସଂସ୍ଥାର ବିଶେଷଜ୍ଞମାନଙ୍କ ମତରେ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ୦.୦୯ ଏକର ବେସରକାରୀ ଜମିର ଅଧିଗ୍ରହଣ ଉପଯୁକ୍ତ କ୍ଷତିପୂରଣ ଓ ନିୟମ ଅନୁସାରେ ଥଇଥାନ ପ୍ୟାକେଜ୍ ସହିତ ହେବା ଆବଶ୍ୟକ । ଏହା ସହିତ, ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା ଆବଶ୍ୟକ । ଗ୍ରାମର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଅତ୍ୟନ୍ତ ଆନ୍ତରିକତାର ସହିତ କରିବା ଆବଶ୍ୟକ, ଯଦ୍ୱାରା ଗ୍ରାମବାସୀ ଓ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ମଧ୍ୟରେ ସହଯୋଗ ଓ ସମନ୍ୱୟ ରହିପାରିବ ଓ ପ୍ରକଳ୍ପଟି ରାଜ୍ୟର ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଏକ ଦୃଷ୍ଟାନ୍ତ ହୋଇରହିବ ।

ପରିଶିଷ୍ଟ

ଓଡ଼ିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

******

No. RDM-LAB-KLD-0005-2025- 37501 **/R&DM, Dated** 06 OCT 2025

<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା</u>

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ କଳାହାଣ୍ଡିଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧. **ପ୍ରକଳ୍ପ ବିକାଶକାରୀଙ୍କ ନାମ:** – Superintending Engineer, Kalahandi (R&B) Division, Bhawanipatna.

୨. **ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଉଦ୍ଦେଶ୍ୟ:** – Construction of H.L.Bridge over river Hati on Banijara Chhak to Ghulijuba Chhak via- Budel -Maliguda Road.

୩.**SIA ସର୍ବେକ୍ଷଣ ଅନୁଷ୍ଠାନ** :– M/s AMROOSHA, Bhubaneswar an empanelled agency under Nabakrushna Choudhary Centre for Development Studies, Bhubaneswar.

୪. **SIA study** କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:- Nabakrushna Choudhury Centre for Development Studies (NCDS), Bhubaneswar, Phone No.- 0674-2300471, 2301094.

୫. **ପ୍ରକଳ୍ପ ପାଇଁ କଳାହାଣ୍ଡି ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ / ତଫସିଲ**

କ୍ରମିକ ନମ୍ବର	ତହସିଲ	ଗ୍ରାମ ପଞ୍ଚାୟତ	ଗ୍ରାମ	ବେସରକାରୀ ଜମି
୦୧	ଜୁନାଗଡ	ମାଲିଗୁଡା	ବୁଦେଲ	୦.୦୯୦ ଏକର
			ମୋଟ	୦.୦୯୦ ଏକର

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

(କ) ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ:- କଳାହାଣ୍ଡି ଜିଲ୍ଲାର ଜୁନାଗଡ ତହସିଲ ଅନ୍ତର୍ଗତ ୦୧ ଗୋଟି ମୌଜା ଯଥା ବୁଦେଲ ଠାରେ ମୋଟ ଏ. ୦.୦୯୦ ଘରୋଇ ଜମିରେ **"H.L.Bridge over river Hati on Banijara Chhak to Ghulijuba Chhak via- Budel- Maliguda Road"** ନିର୍ମାଣ ନିମନ୍ତେ, Superintending Engineer, Kalahandi (R&B) Division, Bhawanipatna ଦ୍ୱାରା ଭୂମି ଅଧି ଗ୍ରହଣ ଆବଶ୍ୟକ ହେଉଅଛି ।

(ଖ)SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :- କଳାହାଣ୍ଡି ଜିଲ୍ଲା ରେ ଉପରୋକ୍ତ ୦୧ ଗୋଟି ମୌଜା ରେ ଏ. ୦.୦୯୦ ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

(ଗ) ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

(ଘ) **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ** :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ।

(ଙ) SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୩୦ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

Memo No. 37502 Dated 06 OCT 2025

Copy along with the land schedule forwarded to the Director, Printing Stationery and Publication, Odisha, Cuttack for information and necessary action. He is requested to publish the Notification within 15(Fifteen) days without fail in the next issue of the Odisha Gazette as this is a statutory one and supply 05 copies of this said gazette to Collector, Kalahandi / Works Department/ Revenue & D.M.Department/ Secretary to RDC(SD), Berhampur/ Land Acquisition Officer, Kalahandi/ Tahasildar, Junagarh, Kalahandi.

SRO Number may be allotted to this publication.

6/10/2025
Under Secretary to Government

Memo No. 37503 Dated 06 OCT 2025

Copy forwarded to Works Department/ RDC(SD), Berhampur/ Collector, Kalahandi / Land Acquisition Officer, Kalahandi/ Tahasildar, Junagarh, Kalahandi for information and necessary action.

6/10/2025
Under Secretary to Government

Memo No. 37504 Dated 06 OCT 2025

Copy forwarded to the State Co-ordinator, Nabakrushna Choudhury Centre for Development Studies, Bhubaneswar (sia.ncds@gov.in) for information and necessary action.

6/10/2025
Under Secretary to Government

Memo No. 37505 Dated 06 OCT 2025

Copy forwarded to the E-Governance Branch with a request to upload the notification in the website.

6/10/2025
Under Secretary to Government

ପ୍ରକଳ୍ପ ପାଇଁ କଳହାଣ୍ଡି ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ/ତଫସିଲ

ଭୂମି ଅନୁସୂଚି

ପ୍ରକଳ୍ପର ନାମ :- ବୁଦେଲ - ମାଲିଗୁଡା ରାସ୍ତାରେ ବଣିଜରା ଛକ ଠାରୁ ଘୁଲିଯୁବା ଛକ ପର୍ଯ୍ୟନ୍ତ ହାତୀ ନଦୀ ଉପରେ ସୁଉଚ୍ଚ ପୋଲ ନିର୍ମାଣ

ମୌଜା :- ବୁଦେଲ

ଅଧିକୃତ ରକବା :- ଏ. ୦.୦୯୦ ଡି.

ଥାନା :- ଜୁନାଗଡ

ତହସିଲ :- ଜୁନାଗଡ

ଜିଲ୍ଲା :- କଳାହାଣ୍ଡି

କ୍ର. ନଂ.	ଗ୍ରାମ	ଖାତା ନମ୍ବର	ପ୍ଲଟ ନମ୍ବର	କିସମ	ମୋଟ ରକବା	ଅଧିକୃତ ରକବା	ରୟତର ନାମ
୧	୨	୩	୪	୬	୬	୮	୯
୧	ବୁଦେଲ	୨୩୫	୬୪୫	ଘରବାରି	୦.୦୨୦	୦.୦୨୦	ମହେଶ୍ୱର ଗଉଡ, ଦାମା ଗଉଡ, ପି- ନରସିଂହ ଗଉଡ, ସନ୍ତୋଷ ଗଉଡ, ସାଧୁ ଗଉଡ, ଦାସ ଗଉଡ, ବାସ ଗଉଡ, ମଥୁରା ଗଉଡ, ଜୁଦ୍ଧଡି ଗଉଡ, ପି- ସମେଶ୍ୱର ଗଉଡ, ଗୁରୁବାରି ଗଉଡ, ସ୍ୱା- ସମେଶ୍ୱର ଗଉଡ, ଜା- ଗଉଡ, ବା- ନିଢଗାଁ
୨			୬୪୬	ଘରବାରି	୦.୦୧୦	୦.୦୧୦	
୩		୨୭୬	୩୨୨	ମାଢ	୩.୫୫୦	୦.୦୫୦	ସରୋଜିନୀ କୁମାରୀ ସିଂହ, ସ୍ୱା- ବଜ୍ରଚୁଣ୍ଡ ପ୍ରସାଦ ସିଂହ, ଜା- କ୍ଷତ୍ରିୟ, ବା- ନିଢଗାଁ
୪		୩୧୭/୫୮	୫୨୩	ଘରବାରି	୦.୦୧୦	୦.୦୧୦	ବଧିଚନ୍ଦ୍ର ପାଢି, ପି- ନରସିଂହ ପାଢି, ଜା- ବ୍ରାହ୍ମଣ, ବା- ନିଢଗାଁ
					ମୋଟ	୦.୦୯୦	

ଭୂ-ଅର୍ଜନ ଅଧିକାରୀ,
କଳାହାଣ୍ଡି
Land Acquisition Officer
KALAHANDI

ପରିଶିଷ୍ଟ ୨

ଜମି ହରାଉଥିବା ପରିବାରମାନଙ୍କର ତାଲିକା

କ୍ରମିକ ସଂଖ୍ୟା	ପରିବାରର ମୁଖ୍ୟ	ପିତା/ସ୍ୱାମୀଙ୍କ ନାମ	ଜାତି	ଉପଜାତି	ବାସସ୍ଥାନ
୧	ସିନ୍ଧୁ କୁମାରୀ ସିଂହ	ସ୍ୱା- ଗଣନାଥ ସିଂହ	ସାଧାରଣ ବର୍ଗ	କ୍ଷତ୍ରୀୟ	ବୁଦେଲ
୨	ଦଧିଚନ୍ଦ୍ର ପାଢି	ନରସିଂହ ପାଢି	ସାଧାରଣ ବର୍ଗ	ବ୍ରାହ୍ମଣ	ବୁଦେଲ
୩	ଲୋଚନୀ ଗଉଡ	ସ୍ୱା- ସାଧୁ ଗଉଡ	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ
୪	ଦାସ ଗଉଡ	ସମେଶ୍ୱର ଗଉଡ	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ
୫	ସୁବଳ ଗଉଡ	ଦାସ ଗଉଡ	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ
୬	ରିଙ୍କୁ ଗଉଡ	ଦାସ ଗଉଡ	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ
୭	ମଥୁରା ଗଉଡ	ପି- ସମେଶ୍ୱର ଗଉଡ	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ

ପରିଶିଷ୍ଟ ୩

ଜମି ହରାଉ ନଥିବା କେତୋଟି ପରିବାରମାନଙ୍କର ତାଲିକା

କ୍ରମିକ ସଂଖ୍ୟା	ପରିବାରର ମୁଖ୍ୟ	ପିତା/ସ୍ୱାମୀଙ୍କ ନାମ	ଜାତି	ଉପଜାତି	ବାସସ୍ଥାନ
୧	ଉମେଶ ଚନ୍ଦ୍ର ଗହିର	ତ୍ରୀନାଥ ଗହିର	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ
୨	ସହଦେବ ଗହିର	କୃଷ୍ଣଚନ୍ଦ୍ର ଗହିର	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ
୩	କବି ହଂସ	ରବି ହଂସ	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ
୪	ଶ୍ରୀଚରଣ ଗହିର	ଲାଲମୋହନ ଗହିର	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ
୫	ବାଂଛା ମାଝି	ରାହାସ ମାଝି	ଅନ୍ୟାନ୍ୟ ପଛୁଆ ବର୍ଗ	ମାଳି	ବୁଦେଲ
୬	ଘାସିରାମ ଜାନି	ଜଗଦିଶ ଜାନି	ଅନୁସୂଚିତ ଜନଜାତି	କନ୍ଧ	ବୁଦେଲ
୭	ଖିରସିନ୍ଧୁ ବାଗ	ଲକ୍ଷ୍ମୀକାନ୍ତ ବାଗ	ଅନ୍ୟାନ୍ୟ ପଛୁଆ ବର୍ଗ	ଗୋପାଳ	ବୁଦେଲ
୮	ଅମର ଜାନି	ବେଣୁଧର ଜାନି	ଅନୁସୂଚିତ ଜନଜାତି	କନ୍ଧ	ବୁଦେଲ

ପରିଶିଷ୍ଟ ୪

Entitlement Matrix

(1st SCHEDULE [U/s 30 (2)], 2nd SCHEDULE [U/s 3 I (1), 38 (1) and I05 (3)] RFCTLAR&R Act, 2013 and U/s 12 of Odisha RFCTLAR&R Rules, 2016)

ଗ୍ରାମ: - ବୁଦେଲ

କ୍ରମିକ ନମ୍ବର	ପରିବାରର ମୁଖ୍ୟ	ଜାତି	ଉପଜାତି	ଲିଙ୍ଗ	ବୟସ	ଶିକ୍ଷାଗତ ଯୋଗ୍ୟତା	ସାଧାରଣ କ୍ରିୟାକଳାପ	ମୁଖ୍ୟ ଧନ୍ଦା	ଜମି ଅଧିଗ୍ରହଣର ସବିଶେଷ ବିବରଣୀ					
									କିସମ	ଖାତା	ପ୍ଲଟ	ଜମି କ୍ଷତିର ପରିମାଣ (ଏକର)	ସମୁଦାୟ ଜମି	% କ୍ଷତିର ପରିମାଣ
୧	ସିନ୍ଧୁ କୁମାରୀ ସିଂହ	ଜେନେରାଲ	କ୍ଷତ୍ରୀୟ	ମହିଳା	୬୪	ପ୍ରାଥମିକ	ବୃଷା		ମାଳ	୨୭୬	୩୨୨	୦.୦୫୦୦	୫.୫୦	୦.୯୦
	ବିସ୍ତାରିତ ପରିବାର ବିବରଣୀ								ମୋଟ			୦.୦୫୦୦		
	ନାମ	ସ୍ଥିତି							କ୍ଷତିପୂରଣର ଅଧିକାର					
୧	ନରେଶ ଚନ୍ଦ୍ର ସିଂହ	ବୟସ୍କ ପୁରୁଷ		ପୁରୁଷ	୩୧	ଉଚ୍ଚ ମାଧ୍ୟମିକ	ଜର୍ମଜୀବି	ଗୃଷ	୧. ଜମିର ବଜାର ଦର ୨. ଗଛ ଓ ଅନ୍ୟାନ୍ୟ ଜିନିଷର ମୂଲ୍ୟ ୩. ଡିମୁରେଜ୍ ୪. ସୋଲାସିୟମ (୧୦୦%) ୫. ଅତିରିକ୍ତ(୧୨%)					
୨														

କ୍ରମିକ ନମ୍ବର	ପରିବାରର ମୁଖ୍ୟ	ଜାତି	ଉପଜାତି	ଲିଙ୍ଗ	ବୟସ	ଶିକ୍ଷାଗତ ଯୋଗ୍ୟତା	ସାଧାରଣ କ୍ରିୟାକଳାପ	ମୁଖ୍ୟ ଧନ୍ଦା	ଜମି ଅଧିଗ୍ରହଣର ସବିଶେଷ ବିବରଣୀ					
									ଜିସମ	ଖାତା	ପ୍ଲଟ	ଜମି କ୍ଷତିର ପରିମାଣ (ଏକର)	ସମୁଦାୟ ଜମି	% କ୍ଷତିର ପରିମାଣ
୨	ଦଧିଚନ୍ଦ୍ର ପାଢି	ଜେନେରାଲ	ବ୍ରାହ୍ମଣ	ପୁରୁଷ	୬୨	ମଧ୍ୟମ	କୃଷ୍ଣ		ଘରବାରୀ	୩୧୭/୫୮	୫୨୩	୦.୦୧୦୦	୭.୦୦	୦.୧୪
	ବିସ୍ତାରିତ ପରିବାର ବିବରଣୀ								ମୋଟ			୦.୦୧୦୦		
	ନାମ	ସ୍ଥିତି							କ୍ଷତିପୂରଣର ଅଧିକାର					
୧	ପ୍ରଦିପ କୁମାର ପାଢି	ବୟସ୍କ ପୁରୁଷ		ପୁରୁଷ	୩୫	ସ୍ନାତକ/ତଦୂର୍ଦ୍ଧ	କର୍ମଜୀବି	ସରକାରୀ ଚାକିରୀ	୧. ଜମିର ବଜାର ଦର					
୨	ଚନ୍ଦ୍ରକାନ୍ତ ପାଢି	ବୟସ୍କ ପୁରୁଷ		ପୁରୁଷ	୩୨	ଉଚ୍ଚମାଧ୍ୟମିକ	କର୍ମଜୀବି	ଚାଷ	୨. ଗଛ ଓ ଅନ୍ୟାନ୍ୟ ଜିନିଷର ମୂଲ୍ୟ					
୩	ମୁକେଶ କୁମାର ପାଢି	ବୟସ୍କ ପୁରୁଷ		ପୁରୁଷ	୩୦	ମାଧ୍ୟମିକ	କର୍ମଜୀବି	ବ୍ୟବସାୟ	୩. ଡିମୁରେଜ୍					
									୪. ସୋଲାସିୟମ (୧୦୦%)					
									୫. ଅତିରିକ୍ତ(୧୨%)					

କ୍ରମିକ ନମ୍ବର	ପରିବାରର ମୁଖ୍ୟ	ଜାତି	ଉପଜାତି	ଲିଙ୍ଗ	ବୟସ	ଶିକ୍ଷାଗତ ଯୋଗ୍ୟତା	ସାଧାରଣ କ୍ରିୟାକଳାପ	ମୁଖ୍ୟ ଧନ୍ଦା	ଜମି ଅଧିଗ୍ରହଣର ସବିଶେଷ ବିବରଣୀ					
									କିସମ	ଖାତା	ପ୍ଲଟ	ଜମି କ୍ଷତିର ପରିମାଣ (ଏକର)	ସମୁଦାୟ ଜମି	% କ୍ଷତିର ପରିମାଣ
୩	ଲୋଚନୀ ଗଉଡ	ଓବିସି	ଗୋପାଳ	ମହିଳା	୫୫	ପ୍ରାଥମିକ	ଗୃହିଣୀ		ଘରବାରୀ	୨୩୫	୬୪୫	୦.୦୦୩୩	୦.୦୦	୧୦୦.୦୦
									ଘରବାରୀ	୨୩୫	୬୪୬	୦.୦୦୧୭		
	ବିସ୍ତାରିତ ପରିବାର ବିବରଣୀ								ମୋଟ			୦.୦୦୫୦		
	ନାମ	ସ୍ଥିତି							କ୍ଷତିପୂରଣର ଅଧିକାର					
୧	ମନ୍ଦିର ଗଉଡ	ବୟସ୍କ ପୁରୁଷ	ପୁରୁଷ	୩୨	ଚତୁର୍ଥ ଶିକ୍ଷା	କର୍ମଜୀବ	ବ୍ୟବସାୟ		୧. ଜମିର ବଜାର ଦର ୨. ଗଛ ଓ ଅନ୍ୟାନ୍ୟ ଜିନିଷର ମୂଲ୍ୟ ୩. ଡିମୁରେଜ୍ ୪. ସୋଲାସିୟମ (୧୦୦%) ୫. ଅତିରିକ୍ତ(୧୨%)					

କ୍ରମିକ ନମ୍ବର	ପରିବାରର ମୁଖ୍ୟ	ଜାତି	ଉପଜାତି	ଲିଙ୍ଗ	ବୟସ	ଶିକ୍ଷାଗତ ଯୋଗ୍ୟତା	ସାଧାରଣ କ୍ରିୟାକଳାପ	ମୁଖ୍ୟ ଧନ୍ଦା	ଜମି ଅଧିଗ୍ରହଣର ସବିଶେଷ ବିବରଣୀ					
									କିସମ	ଖାତା	ପ୍ଲଟ	ଜମି କ୍ଷତିର ପରିମାଣ (ଏକର)	ସମୁଦାୟ ଜମି	% କ୍ଷତିର ପରିମାଣ
୪	ଦାସ ଗଉଡ	ଓବିସି	ଗୋପାଳ	ପୁରୁଷ	୫୫	ପ୍ରାଥମିକ	କର୍ମଜୀବି	ଶ୍ରମିକ	ଘରବାରୀ	୨୩୫	୬୪୫	୦.୦୦୧୧	୦.୦୦	୧୦୦.୦୦
									ଘରବାରୀ	୨୩୫	୬୪୬	୦.୦୦୦୫		
	ବିସ୍ତାରିତ ପରିବାର ବିବରଣୀ								ମୋଟ			୦.୦୦୧୬		
	ନାମ	ସ୍ଥିତି							କ୍ଷତିପୂରଣର ଅଧିକାର					
୧	ରାମଚନ୍ଦ୍ର ଗଉଡ	ବୟସ୍କ ପୁରୁଷ		ପୁରୁଷ	୩୫	ନିରକ୍ଷର	ଭିନ୍ନକ୍ଷମ		୧. ଜମିର ବଜାର ଦର ୨. ଗଛ ଓ ଅନ୍ୟାନ୍ୟ ଜିନିଷର ମୂଲ୍ୟ ୩. ଡିମୁରେଜ୍ ୪. ସୋଲାସିୟମ (୧୦୦%) ୫. ଅତିରିକ୍ତ(୧୨%)					

କ୍ରମିକ ନମ୍ବର	ପରିବାରର ମୁଖ୍ୟ	ଜାତି	ଉପଜାତି	ଲିଙ୍ଗ	ବୟସ	ଶିକ୍ଷାଗତ ଯୋଗ୍ୟତା	ସାଧାରଣ କ୍ରିୟାକଳାପ	ମୁଖ୍ୟ ଧନ୍ଦା	ଜମି ଅଧିଗ୍ରହଣର ସବିଶେଷ ବିବରଣୀ					
									ଜିସମ	ଖାତା	ପ୍ଲଟ	ଜମି କ୍ଷତିର ପରିମାଣ (ଏକର)	ସମୁଦାୟ ଜମି	% କ୍ଷତିର ପରିମାଣ
୫	ସୁବଳ ଗଉଡ	ଓବିସି	ଗୋପାଳ	ପୁରୁଷ	୩୦	ପ୍ରାଥମିକ	କର୍ମଜୀବି	ଶ୍ରମିକ	ଘରବାରୀ	୨୩୫	୬୪୫	୦.୦୦୨୧	୦.୦୦	୧୦୦.୦୦
									ଘରବାରୀ	୨୩୫	୬୪୬	୦.୦୦୦୫		
	ବିସ୍ତାରିତ ପରିବାର ବିବରଣୀ								ମୋଟ			୦.୦୦୧୬		
	ନାମ		ସ୍ଥିତି						କ୍ଷତିପୂରଣର ଅଧିକାର					
୧									୧. ଜମିର ବଜାର ଦର ୨. ଗଛ ଓ ଅନ୍ୟାନ୍ୟ ଜିନିଷର ମୂଲ୍ୟ ୩. ଡିମୁରେଜ୍ ୪. ସୋଲାସିୟମ (୧୦୦%) ୫. ଅତିରିକ୍ତ(୧୨%)					

କ୍ରମିକ ନମ୍ବର	ପରିବାରର ମୁଖ୍ୟ	ଜାତି	ଉପଜାତି	ଲିଙ୍ଗ	ବୟସ	ଶିକ୍ଷାଗତ ଯୋଗ୍ୟତା	ସାଧାରଣ କ୍ରିୟାକଳାପ	ମୁଖ୍ୟ ଧନ୍ଦା	ଜମି ଅଧିଗ୍ରହଣର ସବିଶେଷ ବିବରଣୀ					
									ଜିସମ	ଖାତା	ପ୍ଲଟ	ଜମି କ୍ଷତିର ପରିମାଣ (ଏକର)	ସମୁଦାୟ ଜମି	% କ୍ଷତିର ପରିମାଣ
୬	ରିଙ୍କୁ ଗଉଡ	ଓବିସି	ଗୋପାଳ	ପୁରୁଷ	୨୫	ପ୍ରାଥମିକ	କର୍ମଜୀବି	ଶ୍ରମିକ	ଘରବାରୀ	୨୩୫	୬୪୫	୦.୦୦୨୧	୦.୦୦	୧୦୦.୦୦
									ଘରବାରୀ	୨୩୫	୬୪୬	୦.୦୦୦୫		
	ବିସ୍ତାରିତ ପରିବାର ବିବରଣୀ								ମୋଟ			୦.୦୦୧୬		
	ନାମ		ସ୍ଥିତି						କ୍ଷତିପୂରଣର ଅଧିକାର					
୧									୧. ଜମିର ବଜାର ଦର ୨. ଗଛ ଓ ଅନ୍ୟାନ୍ୟ ଜିନିଷର ମୂଲ୍ୟ ୩. ଡିମୁରେଜ୍ ୪. ସୋଲାସିୟମ (୧୦୦%) ୫. ଅତିରିକ୍ତ(୧୨%)					

କ୍ରମିକ ନମ୍ବର	ପରିବାରର ମୁଖ୍ୟ	ଜାତି	ଉପଜାତି	ଲିଙ୍ଗ	ବୟସ	ଶିକ୍ଷାଗତ ଯୋଗ୍ୟତା	ସାଧାରଣ କ୍ରିୟାକଳାପ	ମୁଖ୍ୟ ଧନ୍ଦା	ଜମି ଅଧିଗ୍ରହଣର ସବିଶେଷ ବିବରଣୀ					
									ଜିସମ	ଖାତା	ପ୍ଲଟ	ଜମି କ୍ଷତିର ପରିମାଣ (ଏକର)	ସମୁଦାୟ ଜମି	% କ୍ଷତିର ପରିମାଣ
୭	ମଥୁରା ଗଉଡ	ଓବିସି	ଗୋପାଳ	ମହିଳା	୫୮	ନିରକ୍ଷର	କର୍ମଜୀବି	ଶ୍ରମିକ	ଘରବାରୀ	୨୩୫	୬୪୫	୦.୦୦୩୩	୦.୫୦	୧.୦୦
									ଘରବାରୀ	୨୩୫	୬୪୬	୦.୦୦୧୭		
	ବିସ୍ତାରିତ ପରିବାର ବିବରଣୀ								ମୋଟ			୦.୦୦୫୦		
	ନାମ	ସ୍ଥିତି							କ୍ଷତିପୂରଣର ଅଧିକାର					
୧	ହୁତାସନ ଗଉଡ	ବୟସ୍କ ପୁରୁଷ		ପୁରୁଷ	୪୦	ପ୍ରାଥମିକ	କର୍ମଜୀବି	ଶ୍ରମିକ	୧. ଜମିର ବଜାର ଦର ୨. ଗଛ ଓ ଅନ୍ୟାନ୍ୟ ଜିନିଷର ମୂଲ୍ୟ ୩. ଡିମୁରେଜ୍ ୪. ସୋଲାସିୟମ (୧୦୦%) ୫. ଅତିରିକ୍ତ(୧୨%)					

ପରିଶିଷ୍ଟ ୫

ସାମାଜିକ ପ୍ରଭାବ ଆକଳନ ଡ୍ରାଫ୍ଟ ରିପୋର୍ଟର ଜନଶୁଣାଣି କାର୍ଯ୍ୟକ୍ରମର ବିବରଣୀ

ଘୁଲିଜୁବା-ବଣିଯୋରା ରାସ୍ତାର ବୁଦେଲ ଠାରେ ଉଚ୍ଚ ସେତୁ ଓ ରାସ୍ତା ନିର୍ମାଣର ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଡ୍ରାଫ୍ଟ ରିପୋର୍ଟର ଜନଶୁଣାଣି କାର୍ଯ୍ୟକ୍ରମ ୨୬.୦୩.୨୦୨୬ ତାରିଖ ଦିନ ମାଳିଗୁଡା ପଂଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେଇଥିଲା । ଏହି କାର୍ଯ୍ୟକ୍ରମରେ ଜମି ହରାଉଥିବା ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

ଏହି ମିଟିଙ୍ଗରେ ମାଳିଗୁଡା ପଂଚାୟତ ସରପଂଚ ଶ୍ରୀମତୀ ସନ୍ତୋଷିନୀ ସିଂ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ପ୍ରକଳ୍ପ ପାଇଁ ଜମି ହରାଉଥିବା ବ୍ୟକ୍ତିମାନଙ୍କ ସହିତ ଜୁନାଗଡ ବିଡିଓ ଶ୍ରୀଯୁକ୍ତ ଦେବାଶିଷ କର, କଳାହାଣ୍ଡି ଜିଲ୍ଲାର ଭୂଅଧିଗ୍ରହଣ ଅଧିକାରୀ ମନିଷା ଗୁପ୍ତା, କଳାହାଣ୍ଡି ଜିଲ୍ଲାର ଡେପୁଟି କଲେକ୍ଟର ସୋନମ ଅଗ୍ରଓାଲ, ଜୁନାଗଡ ତହସିଲଦାର ଶ୍ରୀ ରଘୁନାଥ ମୁଣ୍ଡାରୀ, ଜୁନାଗଡ ରାସ୍ତା ଓ ଗୃହ ନିର୍ମାଣ ଡିଭିଜନର ନିର୍ବାହୀଯନ୍ତ୍ରୀ ଶ୍ରୀଯୁକ୍ତ ଭୁବନେଶ୍ୱର ଶବର, କଳାହାଣ୍ଡି ଜିଲ୍ଲା ଭୂଅଧିଗ୍ରହଣ ଅଫିସ ର ରାଜସ୍ୱ ନିରୀକ୍ଷକ ନିବେଦିତା ସାହୁ, ରାଜସ୍ୱ ସହାୟକ ଶ୍ରୀ ଅରବିନ୍ଦ କରୁଆଁ ଓ ସାମାଜିକ ପ୍ରଭାବ ଆକଳନ କରିଥିବା ସଂସ୍ଥା ଆମୃଷା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱରର ବିଶେଷଜ୍ଞ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ ।

ପ୍ରାରମ୍ଭରେ ଭୂଅଧିଗ୍ରହଣ ଅଧିକାରୀ ସମସ୍ତଙ୍କୁ ଏହି ଜନଶୁଣାଣୀ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ ଓ ଆଜିର ଜନଶୁଣାଣୀ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ସାମାଜିକ ପ୍ରଭାବ ଆକଳନ କରିଥିବା ସଂସ୍ଥା ଆମୃଷା ନେଚର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱରର ବିଶେଷଜ୍ଞ ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜମି ଅଧିଗ୍ରହଣ ଓ ଆଜିର ଜନଶୁଣାଣୀ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ।

ବିଶେଷଜ୍ଞ, ଗ୍ରାମବାସୀମାନଙ୍କୁ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ, ଏହି ଜନଶୁଣାଣିରେ ସାମାଜିକ ପ୍ରଭାବ ଆକଳନ ଡ୍ରାଫ୍ଟ ରିପୋର୍ଟ ଉପରେ ଆଲୋଚନା ହେବ ଓ ଆପଣଙ୍କ ମତାମତ ଅନୁସାରେ ରିପୋର୍ଟ ଚୁଡାନ୍ତ ହେବ । ଏହାପରେ, ରିପୋର୍ଟକୁ ବିଶେଷଜ୍ଞ କମିଟି ଅନୁଧ୍ୟାନ କରି ସେମାନଙ୍କର ମତାମତ ଜିଲ୍ଲାପାଳଙ୍କୁ ଦେବେ ଓ ସରକାର ଏହା ଉପରେ ବିଜ୍ଞର କରି ଜମି ଅଧିଗ୍ରହଣ ବିଜ୍ଞପ୍ତି ୧୧ ଧାରାରେ ପ୍ରକାଶ କରିବେ । ଏହା ପରେ ଜମି ଅଧିଗ୍ରହଣ ପ୍ରକିୟା ଆରମ୍ଭ ହେବ । ଏଣୁ, କ୍ଷତିଗ୍ରସ୍ତ ଗ୍ରାମବାସୀମାନେ, ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରନ୍ତୁ, ଯାହାକି ଚୁଡାନ୍ତ ରିପୋର୍ଟରେ ସ୍ଥାନ ପାଇବ ।

ଏହାପରେ ବିଶେଷଜ୍ଞ ସାମାଜିକ ପ୍ରଭାବ ଆକଳନ ଡ୍ରାଫ୍ଟ ରିପୋର୍ଟ ଉପରେ ବିସ୍ତୃତ ବିବରଣୀ ଦେଇଥିଲେ । ସଭାରେ ଉପସ୍ଥିତ ସମସ୍ତ ଅଧିକାରୀବୃନ୍ଦ ଓ ଗ୍ରାମବାସୀମାନଙ୍କୁ ଡ୍ରାଫ୍ଟ ରିପୋର୍ଟ ସାରାଂଶର ଏକ ନକଲ ବଣ୍ଟା ଯାଇଥିଲା । ଏହାପରେ ଗ୍ରାମବାସୀମାନଙ୍କୁ ସେମାନଙ୍କ ମତାମତ ଦେବାପାଇଁ ଅନୁରୋଧ କରାଯାଇଥିଲା । ଭୂଅଧିଗ୍ରହଣ ଅଧିକାରୀ ଜମି ଅଧିଗ୍ରହଣ ଲିଷ୍ଟ ପଢି ଜମି ହରାଉଥିବା ପରିବାର ମାନଙ୍କୁ ଜଣଙ୍କ ପରେ ଜଣେ କରି ନିଜର ବକ୍ତବ୍ୟ ପ୍ରଦାନ କରିବାକୁ କହିଥିଲେ ।

ପ୍ରଥମରେ ଶ୍ରୀ ମନ୍ଦିରା ନାଗ ପ୍ଲଟ ନମ୍ବର ୬୪୫ ଓ ୬୪୬ ରୁ ଅଧିଗ୍ରହଣ ହେଉଥିବା ୩ ଡିସିମିଲି ସମ୍ପର୍କରେ ନିଜ ମତାମତ ଦେଇଥିଲେ । ଏହି ଦୁଇଟି ପ୍ଲଟ ମୋଟ ୯ ଜଣଙ୍କ ନାମରେ ରେକର୍ଡଭୁକ୍ତ ହେଇଛି ଓ ଏମାନଙ୍କ ମଧ୍ୟରୁ ଅନେକ ଅନ୍ୟସ୍ଥାନରେ ରହୁଛନ୍ତି । କେବଳ ୨ଟି ପରିବାର ଉପରୋକ୍ତ ପ୍ଲଟରେ ବସବାସ କରି ରହୁଛନ୍ତି ଓ ଗୋଟିଏ ଦୋକାନ କରି ଚଳୁଛନ୍ତି । ଜମିଅଧିଗ୍ରହଣ ହେଲେ ଏହି ଦୁଇଟି ପରିବାର ଜମି ହରାଇବେ ଓ ନିଜର ରୋଜଗାର ପନ୍ଥା ହରାଇବେ । ବିଡିଓ, ଜୁନାଗଡ ସ୍ପଷ୍ଟ ଭାବରେ କହିଥିଲେ ଯେ, ଜମି ଅଧିଗ୍ରହଣ କ୍ଷତିପୁରଣ ରାଶି ସମସ୍ତ ରେକର୍ଡଧାରୀ କିମ୍ବା ସେମାନଙ୍କର ଉତରାଧିକାରୀ ମିଶିକରି ପାଇବେ । ଏହାପରେ ବିସ୍ଥାପିତ ହେବାକୁଥିବା ୨ଟି ପରିବାରର ପୁନଃବସତି ଓ ପୁନଃଥଇଥାନ ଉପରେ ବିସ୍ତୃତ ଭାବରେ ଆଲୋଚନା ହେଲା ।

ଏହି ଆଲୋଚନାରେ ଅଧିଗୃହିତ ହେବାକୁ ଥିବା ଦୋକାନ ବଦଳରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନରେ ରାସ୍ତାକଡରେ ଥିବା କିଛି ଜମି ମଧ୍ୟରୁ ଦୋକାନ କରିବାପାଇଁ ୧୦୦ ବର୍ଗଫୁଟ ଜମି ଦେବା ଉପରେ ବିସ୍ତୃତଭାବରେ ଆଲୋଚନା କରାଯାଇଥିଲା । ସେହିପରି ଜମିଅଧିଗ୍ରହଣ ପରେ ଭୂମିହୀନ ହେଉଥିବା ପରିବାର ମାନଙ୍କୁ ସରକାରୀ ଯୋଜନା ମାଧ୍ୟମରେ ଜମି ଯୋଗାଇଦବାକୁ ଜୁନାଗଡ ତହସିଲଦାରଙ୍କ ସହ ଆଲୋଚନା କରାଯାଇଥିଲା । ସବୁ ପ୍ରକାରର ବିକଳ୍ପ ଉପରେ ଆଲୋଚନା ପରେ, ଜମି ହରାଉଥିବା ପରିବାରମାନଙ୍କୁ ନିଜ ନିଜ ଭିତରେ ଆଲୋଚନା କରି ନିଜର ମତାମତ ଓ ଅଭିଯୋଗ ଜିଲ୍ଲାପ୍ରଶାସନକୁ ଲିଖିତ ଆକାରରେ ଜଣାଇବାକୁ ଅନୁରୋଧ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଏହାର ସମାଧାନ ପାଇଁ ସରକାରୀ ନୀତିନିୟମ ଅନୁସାରେ ପଦକ୍ଷେପ ନେବ ।

ଏହାପରେ ଶ୍ରୀ ନରେଶ ସିଂ ପ୍ଲଟ ନମ୍ବର ୩୨୨ ରୁ ଅଧିଗ୍ରହଣ ହେଉଥିବା ୫ ଡିସିମିଲି ସମ୍ପର୍କରେ ନିଜ ମତାମତ ଦେଇଥିଲେ । ଏହି ପ୍ଲଟରେ ଥିବା ମୋଟ ୩.୫୫୦ ଏକର ମଧ୍ୟରୁ କେବଳ ୫ ଡିସିମିଲି ଜମି ଅଧିଗ୍ରହଣ ହେବ । ଭଲ ରାସ୍ତା ନିର୍ମାଣ ହେଲେ ତାଙ୍କର ବଳକା ଜମିରେ ବ୍ୟବସାୟ କରିବାକୁ ସୁଯୋଗ ମିଳିବ, ଏଣୁ ସେ ଜମି ଅଧିଗ୍ରହଣ ନିମନ୍ତେ ନିଜର ସମ୍ମତି ଜଣାଇଲେ ।

ଏହାପରେ ଶ୍ରୀ ଦଧିଚନ୍ଦ୍ର ପାଢୀ ପ୍ଲଟ ନମ୍ବର ୫୨୩ ରୁ ଅଧିଗ୍ରହଣ ହେଉଥିବା ୧ ଡିସିମିଲି ସମ୍ପର୍କରେ ନିଜ ମତାମତ ଦେଇଥିଲେ । ଏହି ପ୍ଲଟରେ ଥିବା ୧ ଡିସିମିଲି ଜମି ସମ୍ପୂର୍ଣ୍ଣ ଅଧିଗ୍ରହଣ ହେବ । ସେ ଜମି ଅଧିଗ୍ରହଣ ନିମନ୍ତେ ନିଜର ସମ୍ମତି ଜଣାଇଲେ କିନ୍ତୁ ଅଧିକ କ୍ଷତିପୂରଣ ରାଶି ଦାବିକଲେ । ଏହାର

ଉତରରେ ବିଡିଓ ଜୁନାଗଡ କହିଥିଲେ କ୍ଷତିପୂରଣ ରାଶିର ହିସାବ ବଜାର ଦର ଅନୁସାରେ ସରକାରୀ ନିୟମ କାନୁନ ଅନୁଯାୟୀ କରାଯିବ ।

ସର୍ବଶେଷରେ, ସାମାଜିକ ପ୍ରଭାବ ଆକଳନ କରିଥିବା ବିଶେଷଜ୍ଞ ଉପସ୍ଥିତ ସରପଂଚ ମହାଶୟା, ଅଧିକାରୀ ବୃନ୍ଦ ଓ ଜମିହରାଉଥିବା ଲୋକମାନଙ୍କୁ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବାରୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ ହେଲା ଘୋଷଣା କଲେ ।

ଜନଶୁଣାଣୀ କାର୍ଯ୍ୟକ୍ରମର କିଛି ଫଟୋ

Final Report

Social Impact Assessment study of Land Acquisition for Construction of HL Bridge and Road at Budel on Ghulijuba Chhack - Banijora road in Junagarh Block of Kalahandi District

State SIA Unit

Nabakrushna Choudhury

Center for Development Studies

Bhubaneswar – 751013, Odisha, India

Study conducted by

AMROOSHA

Amroosha Nature's Management Pvt. Ltd.

Deliver Sustainable Solutions

Development Research-Consulting-Outsourcing-Selection-Training

4233, Badagada, Bhubaneswar -751018, E mail: amrooshanatures@gmail.com

Social Impact Assessment study of Land Acquisition for Construction of HL Bridge and Road at Budel on Ghulijuba Chhack - Banijora road in Junagarh Block of Kalahandi District

Final Report

State SIA Unit

Nabakrushna Choudhury Center for Development Studies

Bhubaneswar – 751013, Odisha, India

Study conducted by

Amroosha Nature's Management Pvt. Ltd.

Deliver Sustainable Solutions

Development Research-Consulting-Outsourcing-Selection-Training

4233, Badagada, Bhubaneswar -751018,

E mail: amrooshanatures@gmail.com

Amroosha Nature's Management Pvt. Ltd.
Deliver Sustainable Solutions
Development Research-Consulting-Outsourcing-Selection-Training
4233, Badagada, Bhubaneswar -751018, E mail: amrooshanatures@gmail.com

FOREWORD

The report is the output of assignment "Social Impact Assessment study of Land Acquisition for Construction of HL Bridge and Road at Budel on Ghulijuba Chhack - Banijora road in Junagarh Block of Kalahandi District" conducted by Amroosha during 2025.

Amroosha is a consulting firm, but performs more like a research organization working within a set of ethical values and professional code of conduct. As a professional organization, we always try our best, within resources available, to justify each and every research finding through several crosschecks and never hide or compromise any facts.

The present study has been conducted in a scientific manner following appropriate designs and methods and using appropriate research tools. All attempts have been made at all stages to present the facts without any intentional biasness or favour to any one, so as to explore the possibility of executing the project without creating any significant adverse impact on local community. Amroosha do not allow any of the facts and suggestions presented in the report to be copied by others for purpose other than the project for which it has been prepared.

Amroosha express its deep sense of gratitude to Director, NCDS and Coordinator, State SIA Unit operating at NCDS for entrusting the study in its favour.

Special gratitude to State SIA Coordinator for his keen interest in the study and valuable suggestions & guidance received in all meetings he conducted to review the progress of assignment. All his suggestions has increased the work load time to time, but upgraded the quality of work significantly. Through regular monitoring he became successful in extracting a good report, which our consultants had rarely produced.

We also express our sincere thanks to District Administration, more particularly to Collector, Kalahandi, LAO, Kalahandi, Tahasildars and the Engineers, officials of Works Department in extending all cooperation required for the study.

"Man learns in association of others". We express our heartfelt thanks to Engineers and all officials of Junagarh, R & B Sub Division for providing all cooperation to the study team for successful conduct of the study.

We will fail in our duty if we do not express our special tanks to affected community including all the respondents, key community leaders, PRI members and others who spared their valuable time and provided primary data required for the study.

Amroosha

DISCLAIMER

The report has been prepared with all reasonable skill, care and diligence within the terms of contract with NCDS, incorporating our general rules of business and taking account of the resources devoted to it by agreement with the client. We disclaim any responsibility to NCDS and others in respect of any matters outside the scope of the study.

At our level, this report is confidential to NCDS and we accept no responsibility of whatsoever nature to third parties to whom this report, or any part thereof, is made known. Any such party relies on the report at their own risk.

Amroosha

ABBREVIATIONS

AL	Agricultural Labourer
ANMPL	Amroosha Nature's Management Pvt. Ltd.
BPL	Below Poverty Line
EOI	Expression of Interest
FGD	Focus Group Discussion
FRA	Forest Rights Act
GOI	Government of India
HQ	Head Quarter
IGS	Income Generating Scheme
INR	Indian Rupees
KCC	Kisan Credit Card
LPG	Liquid Petroleum Gas
MGNREGS	Mahatma Gandhi National Rural Employment Guarantee Scheme
MOU	Memorandum of Understanding
NCDS	Nabakrushna Choudhury Center for Development Studies
NTFP	Non Timber Forest Produce
O & M	Operation & Maintenance
OBC	Other Backward Class
OLM	Odisha Livelihood Mission
PRA	Participatory Rural Appraisal
PRI	Panchayati Raj Institution
R & R	Resettlement & Rehabilitation
RDM	Revenue & Disaster Management
RFCTLAR&R	Right to Fair Compensation and Transparency in Land Acquisition, Rehabilitation and Resettlement
RFP	Request for Proposal
RoR	Records of Right
SC	Scheduled Castes
SIA	Social Impact Assessment Study
SIMP	Social Impact Management Plan
ST	Scheduled Tribes
ULB	Urban Local Bodies
WPR	Workforce Participation Rate

CONTENTS

Section	Details	Page No.
1	**Executive Summary**	**1**
2	**Background of Project and Proposed Land Acquisition**	**7**
2.1	Brief Overview of Project	7
2.2	Proposed Land Acquisition	9
2.3	Rationale of the project, Proposed Acquisition and Public Purpose Criteria	9
2.4	Examination of Alternatives	10
2.5	Details of other relevant studies	10
2.6	Applicable legislations and policies	10
3	**The SIA study process**	**12**
3.1	Brief background of the SIA study	12
3.2	SIA Team	12
3.3	Objective and Scope of SIA study	13
3.4	Description and Rationale of Methodology used	14
3.5	Sampling methodology used	16
3.6	Details of Public Hearing conducted	16
3.7	Limitations of the study	17
4	**Land Assessment**	**18**
4.1	Area of Impact	18
4.2	Extent and location of land proposed to be acquired	18
4.3	Possibility to minimize extent of land requirement	18
4.4	Analysis of alternative to avoid land acquisition in Scheduled Area	18
4.5	Type of land to be acquired	19
4.6	Applicability of Special Provisions with respect to Food Security	19
5	**Enumeration of affected families and assets**	**19**
5.1	Enumeration of land/other immovable property losing families	19
5.2	Enumeration of livelihood losing families	20
5.3	Enumeration of ST/traditional forest dwellers losing Forest Rights	20
5.4	Enumeration of families losing land assigned under different schemes	21
5.5	Enumeration of indirectly affected families (Gatherers of forest produce, hunters, fisher folk, boat men, etc.)	21
5.6	Inventory of other Productive Assets	21
6	**Socio-Economic and Cultural Profile of affected area and**	**22**

Section	Details	Page No.
	community	
6.1	Affected Area and Affected People	22
6.2	Demography	22
6.2.1	Caste distribution	22
6.2.2	Age and Gender Distribution	23
6.2.3	Marital Status	23
6.2.4	Literacy & level of education	24
6.3	Poverty level	25
6.4	Vulnerable Groups	26
6.5	Livelihood	30
6.5.1	Usual activity and participation in economic activities	30
6.5.2	Unemployment	31
6.5.3	Occupational Pattern	31
6.5.4	Income Level	32
6.5.5	Caste variation in family income	32
6.5.6	Dependency of affected families on land/Cultivation	33
6.5.7	Dependency on Livestock rearing	34
6.5.8	Wage work	35
6.5.9	Migration	35
6.5.10	Contribution of livelihood promotion programmes	35
6.6	Quality of life/living environment	35
6.6.1	House type	35
6.6.2	Sanitation	36
6.6.3	Health status	36
6.6.4	Electricity	37
6.6.5	Cooking fuel	37
6.6.6	Possession of household assets	37
6.6.7	Social Security	38
6.7	Resource mapping of the affected villages	41
6.8	Socio Economic Profile of Indirectly Affected families	43
7	**Potential Social Impacts**	**44**
7.1	Impact on land, livelihood and income	45
7.1.1	Extent of land loss	45
7.1.2	Land loss, relative to land own	46
7.1.3	Impact on employment	47

Section	Details	Page No.
7.1.4	Impact on family income	47
7.1.5	Impact on Food security	48
7.1.6	Assessment of Impoverishment risks	48
7.2	Impact on Physical resources	49
7.3	Impact on Culture and Social Cohesion	50
7.4	Other specific impacts	50
7.5	Impact on Vulnerable groups	51
8	**Social Impact Management Plan**	**52**
8.1	Background and Objective	52
8.2	Social Impact Management Plan	53
8.2.1	Land Acquisition and Compensation for acquired land	53
8.2.2	Income Restoration, Mitigation measures for Adverse Impacts	55
8.2.3	Infrastructure & Civic Amenities	56
8.2.4	Social and Cultural Interventions	56
8.2.5	Environmental Interventions	56
8.2.6	Intervention for vulnerable groups	57
8.3	Institutional Arrangement	58
8.4	Cost Estimate	60
8.5	Monitoring & Evaluation	60
8.6	Implementation Schedule	60
9	**Analysis of Social Cost/Benefit and Recommendation on Acquisition**	**61**
9.1	Assessment of Social Costs	61
9.2	Assessment of Public Purpose	62
9.3	Analysis of Alternatives/Minimizing Land Acquisition	62
9.4	Nature and Intensity of Social Impacts	62
9.5	Community Perceptions	63
9.6	Conclusion	63
ANNEXURE		
I	SIA study Notification	1-3
II	List of land losing families	1
III	List of Indirectly Affected Families surveyed on Sample basis	1
IV	Entitlement Matrix	1-7
V	Minutes of Public Hearing on Draft SIA Report	1-3

1. Executive Summary

Project background: Kalahandi District covering a geographical area of 7920 sq km occupies the South Western portion of Odisha, bordered to the North by Bolangir and Nuapada Districts; to the South by Nabarangpur, Koraput and Rayagada Districts and to the East by Rayagada, Kandhamal and Boudh Districts. The climate of the Kalahandi District is of extreme type. It is dry except during monsoon. The maximum temperature of the District is 45+ degree Celsius, whereas the minimum temperature recorded is 4 degree Celsius. The District experiences average annual rainfall of 1378.20 mm. The monsoon starts late in June and generally lasts up to September.

Kalahandi District is largely an agriculture based economy. The District is rich with agriculture. Dharamgarh sub division was historical known for rice production in Odisha. Upper Indravati Irrigation Project further changed the landscape of southern Kalahandi, leading to two crops in a year. Because of irrigation, blocks namely Kalampur, Junagarh, Jaipatna, Dharmagarh are the leading producer of paddy in the district. Cotton is widely cultivated in areas of Kesinga, Bhawanipatna and Golamunda blocks. Forest based products like Mahua, Kendu-Leaf, Wood, Timber and Bamboos also contribute to local economy significantly. Kalahandi District supply substantial raw materials to paper mills in neighbouring Rayagada District.

Tel is the main river of Kalahandi. Other notably rivers are Indravati, Udanti, Hati, Utei, Sagada, Rahul, Nagabali, Mudra, etc. Hati River originates in the Kalahandi district of the state of Odisha, India. The river is an important right-bank tributary of the Tel River, which in turn is a major tributary of the Mahanadi River. The Hati River is a key part of the water transfer system for the Upper Indravati Project, which diverts water into the Mahanadi basin for irrigation and power production.

